

ଜାନୁଆରୀ ୩୦ରୁ ଦୁର୍ନୀତି ବିରୋଧରେ ଆମରଣ ଅନଶନ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 260 | ଭାଗ ୩୩ | ସଂଖ୍ୟା ୨୬୦ Saturday 13 December 2025 | Page 8 Rs. 5.00 ● ଭୁବନେଶ୍ୱର ଶନିବାର ୧୩ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### କୋଣାର୍କରେ ଜଳଓ୍ୱା ଦେଖାଇଲେ ଅଗ୍ନିବୀର

### ସନ୍ତରଣ ଶିକ୍ଷା ଓ ଲାଇଫଗାର୍ଡ ପ୍ରତିଷ୍ଠାନ

# ଓଡ଼ିଶାକୁ ଦେବ ନୂଆ ପରିଚୟ

- ସ୍କୁବା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପିତ
- ୧୨ କୋଟିରେ ପ୍ରଶିକ୍ଷଣ କେନ୍ଦ୍ର
- ପର୍ଯ୍ୟଟନ ବିଭାଗ ଏବଂ ଅଗ୍ନିଶମ ଓ ଜରୁରୀକାଳୀନ ସେବା ମଧ୍ୟରେ ଚୁକ୍ତି
- ଉପକୂଳ ସୁରକ୍ଷାରେ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ଓସଓ୍ୱାଲି





ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):ଓଡ଼ିଶାର ଉପକୂଳ ସୁରକ୍ଷା, ଜଳ ଦକ୍ଷତା (ୱାଟରମ୍ୟାନସିପ୍) ଏବଂ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ ଓଡ଼ିଶା ୱାଟରମ୍ୟାନସିପ୍ ଓ ଲାଇଫଗାର୍ଡ ପ୍ରତିଷ୍ଠାନ (ଓସଓ୍ୱାଲି)କୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ରାଜ୍ୟରେ ଉନ୍ନତ ଅଣ୍ଡରୱାଟର ଉଦ୍ଧାର ତାଲିମକୁ ବ୍ୟାପକ କରିବା ସକାଶେ ପରିକଳ୍ପିତ ଅତ୍ୟାଧୁନିକ ସ୍କୁବା କମ୍ପ୍ଲେକ୍ସର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ମଧ୍ୟରେ ଏକ ବୁଝାମଣାପତ୍ର ବି ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ପର୍ଯ୍ୟଟନ, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ଏନ୍‌ଆଇଡବ୍ଲ୍ୟୁଏସ୍ ଗୋଆ ମଧ୍ୟରେ ଜଳ କ୍ରୀଡ଼ା ସୁରକ୍ଷା ମାନକ ବିକଶିତ କରିବା, ବୃତ୍ତିଗତ ଲାଇଫଗାର୍ଡ ତାଲିମ ପରିଚାଳନା କରିବା, କ୍ଷମତା ବୃଦ୍ଧି କରିବା ଓ ରାଜ୍ୟରେ ଦୁଃସାହସିକ ଓ ଉପକୂଳ ପର୍ଯ୍ୟଟନର ପରିସରକୁ ବୃଦ୍ଧି କରିବା ସକାଶେ ➪ପୃଷ୍ଠା-୬

### ୨୦୨୭ ଜନଗଣନା ସର୍ଭେ ଖର୍ଚ୍ଚକୁ କ୍ୟାବିନେଟ୍ ମଞ୍ଜୁରି

# ୧୧,୭୧୮ କୋଟିର ବଜେଟ୍

- ଡିଜିଟାଲ୍ ଜରିଆରେ ୨ଟି ପର୍ଯ୍ୟାୟରେ ହେବ ଜନଗଣନା
- ନିୟୋଜିତ ହେବେ ୩୦ ଲକ୍ଷ କର୍ମଚାରୀ
- ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲ୍‌ରୁ ସେପ୍ଟେମ୍ବର ହାଉସ ଲିଷ୍ଟିଂ
- ୨୦୨୭ ଫେବ୍ରୁଆରୀରୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା
- ମୋବାଇଲ ଆପ୍ ମାଧ୍ୟମରେ ସଂଗୃହୀତ ହେବ ତଥ୍ୟ
- ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ,୧୨।୧୨: କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୨୦୨୭ର ଜନଗଣନା ପାଇଁ ୧୧ ହଜାର ୭୧୮ କୋଟିର ବଜେଟ୍‌କୁ ମଞ୍ଜୁରୀ ଦିଆଯାଇଛି। ପ୍ରଥମ ଥର ସମଗ୍ର ଦେଶରେ ଡିଜିଟାଲ୍ ଜରିଆରେ ଜନଗଣନା କରାଯିବ। ଏଥିପାଇଁ ୩୦ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଶୁକ୍ରବାର ଏହାର ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି ସମଗ୍ର ଦେଶରେ ୨୦୨୭ରୁ ଜନଗଣନା ହେବ। ଏହା ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଏବଂ ଗୃହ ଗଣନା ହେବ। ଏହା ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ, ଯାହା ୨୦୨୭ ଫେବୃଆରୀରୁ ଆରମ୍ଭ ହେବ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଜନଗଣନାର ଡିଜିଟାଲ୍ ଡିଜାଇନ ତଥ୍ୟ ସଂରକ୍ଷଣକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ପ୍ରଥମ ଥର ପାଇଁ ଏକ ଡିଜିଟାଲ ଜନଗଣନା ହେବ, ଯେଉଁଥିରେ ଏକ ମୋବାଇଲ ଆପ୍ଲିକେସନ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯିବ। ଏହି ଆପ୍ଲିକେସନ ହିନ୍ଦୀ, ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ହେବ। ଜନଗଣନା ସମ୍ପର୍କରେ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରାଯିବ। ଏହା ଜାତି ଏବଂ ଅନ୍ୟାନ୍ୟ ସୂଚନା ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବ। ଜନଗଣନା ପାଇଁ ➪ପୃଷ୍ଠା-୬

# କଂଗ୍ରେସ କଳି: ୧୪ ପରେ ନିଷ୍ପତ୍ତି

### ବିବାଦ ତୁଟାଇବାକୁ ଚାହୁଁ ନାହାଁନ୍ତି ଭକ୍ତ

### ଚିଠି ପାଇ ନିରୁତ୍ତର ସୋନିଆ ଗାନ୍ଧି

### ଆଉ କେବେ ଚେତିବ କଂଗ୍ରେସ?



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଓ ପିସିସି ସଭାପତି ଭକ୍ତ ଦାସଙ୍କ କଳି ତୀବ୍ର ରୂପ ନେଇଥିଲେ ବି ଏଆଇସିସି ଓ ପିସିସି ସମସ୍ତେ ନିରବ। ଭକ୍ତ ଦାସ ମଧ୍ୟ ନିଜେ ମୋକିମଙ୍କ ସହ ଏଯାଏଁ ଆଲୋଚନା କରିନାହାଁନ୍ତି। ସେପଟେ ମିଳୁଥିବା ସୂଚନା ଅନୁଯାୟୀ ୧୪ ପରେ ଦିଲ୍ଲୀରେ ଓଡିଶା କଂଗ୍ରେସ କନ୍ଦଳ ନେଇ ଆଲୋଚନା ହେବ।

ଆସନ୍ତା ରବିବାର ଭୋଟ ଚୋରିକୁ ନେଇ ଦିଲ୍ଲୀରେ କଂଗ୍ରେସର ବଡ଼ ଧରଣର ଆନ୍ଦୋଳନ ହେବ। ଏଥିରେ ରାଜ୍ୟ କଂଗ୍ରେସରୁ ମଧ୍ୟ କିଛି ବରିଷ୍ଠ ନେତା ଯୋଗଦେବେ। ଆନ୍ଦୋଳନ ପରେ ଓଡ଼ିଶା ବାବଦରେ ଆଲୋଚନା ହେବାର ସମ୍ଭାବନା ରହିଛି। ହେଲେ ମୋକିମଙ୍କ ଚିଠିର ➪ପୃଷ୍ଠା-୬

### ବାଟ ଛାଡ଼ନ୍ତୁ ବରିଷ୍ଠ

ବରିଷ୍ଠଙ୍କୁ ବିରୋଧ ସହ ଯୁବ ନେତୃତ୍ୱକୁ ବାଟ ଛାଡ଼ିବାକୁ ଜୋର୍ ଧରିଲା ସ୍ୱର୍। ଦିଲ୍ଲୀକୁ ଚିଠି ଲେଖିବା ପ୍ରସଙ୍ଗରେ ମହମ୍ମଦ ମୋକିମଙ୍କ ସପକ୍ଷରେ ବାହାରିଲେ ଯୁବ କଂଗ୍ରେସ ନେତା ଶୁଭେନ୍ଦୁ ମଲ୍ଲିକ ଓ ମୁଖ୍ୟପାତ୍ର ସଂଗ୍ରାମ ମାଝୀ। ଦଳରେ ବରିଷ୍ଠ ତଥା ବୟସ୍କମାନେ ଗାଦି ମାଡ଼ି ବସିଛନ୍ତି। ଦଳର ନେତୃତ୍ୱ ଠିକ ହାତରେ ନାହିଁ। ଦଳର ଫୋରମ୍ କଥା ବାହାରକୁ କିପରି ଆଉ କାହିଁକି ଯାଉଛି ତେଣୁ ବରିଷ୍ଠ ହୋଇଗଲେଣି ସେମାନେ ଘରେ ବସନ୍ତୁ ବୋଲି ସେମାନେ କହିଛନ୍ତି।

ବିଶେଷ କରି ପିସିସି ସଭାପତି ଏବଂ ସୁରେଶ ରାଉତରାୟଙ୍କ ➪ପୃଷ୍ଠା-୬

# ଟାଟା ପାଓ୍ୱାର୍‌ର ରାହାଜାନୀ, ଓଇଆର୍‌ସି ନିରବ

- କମ୍ପାନୀ ପ୍ରେମରେ କାଳ ହୋଇଯାଇଛି ଶକ୍ତି ବିଭାଗ
- ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ନାଁରେ ଲୁଟ୍ ଯୋଜନା
- ସରକାର ଶୁଳ୍କ ବଢ଼ାଉ ନାହାଁନ୍ତି, ଟାଟା କିନ୍ତୁ ଶୋଷୁଛି





ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ନିରବତା ଓ ରାଜ୍ୟ ଶକ୍ତି ବିଭାଗର ନିଷ୍କ୍ରିୟତା ଯୋଗୁଁ ଗ୍ରାହକଙ୍କ ଶର୍ଙ୍ଗରେ ଖୋଜ ପକାଇ ଟାଟା ପାଓ୍ୱାର୍ ଗୋଟେ ପରେ ଗୋଟେ ଦେୟ ଆଦାୟ କରୁଛି। କେତେବେଳେ ଓଇଆରସିଙ୍କ ଧାର୍ଯ୍ୟ ଦର ଠାରୁ ଅଧିକ ଶୁଳ୍କ ଆଦାୟ କରୁଛି ତ କେତେବେଳେ ସ୍ମାର୍ଟ ମିଟର ନାଁରେ ଲୁଟ। ଏବେ ପୁଣି ଗ୍ରହକଙ୍କଠାରୁ ଆଦାୟ ହେବ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଓଡିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବିଜେପି ସରକାର ଟାଟାର ଏଭଳି ମନମାନୀକୁ କେମିତି ସହ୍ୟ କରୁଛନ୍ତି।

ବିଦ୍ୟୁତ ସଂସ୍କାର ଲାଗୁ କରିବାରେ ଓଡିଶା ପ୍ରଥମ ରାଜ୍ୟ। ଏଥିପାଇଁ ସେ ସମୟରେ ସରକାର ବିଦ୍ୟୁତ ସରବରାହ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ଲକ୍ଷ୍ୟ ରଖିଥିଲେ। ପରେ ବିଜେଡି ସରକାର ଘରୋଇ କମ୍ପାନୀ ଟାଟା ପାଓ୍ୱାର ହାତରେ ଟେକିଦେଲା ରାଜ୍ୟର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାକୁ। ସେତେବେଳେ ବିଜେଡିର ଗେହ୍ଲାପୁଅ ସାଜିଥିବା ଟାଟା ଏବେ ବିଜେପି ସରକାରଙ୍କ କୋଳରେ ବସି ଗ୍ରାହକଙ୍କ ତଣ୍ଟି ଚିପୁଛି।

ବିଦ୍ୟୁତ ସଂଯୋଗ ନେବା ସମୟରେ ସବୁ ଗ୍ରାହକଙ୍କ ଠାରୁ ସିକ୍ୟୁରିଟି ଡିପୋଜିଟ ରଖାଯାଇଛି। ଏବେ ପୁଣି ଥରେ ପ୍ରତ୍ୟେକ ଗ୍ରାହକଙ୍କ ଠାରୁ ସେମାନଙ୍କ ବାର୍ଷିକ ବିଦ୍ୟୁତ ଶୁଳ୍କର ୧୦ ପ୍ରତିଶତ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ଆଦାୟ ପାଇଁ ନୋଟିସ କରିଛି ଟାଟା ପାଓ୍ୱାର। ଧାର୍ଯ୍ୟ ଦର ଠାରୁ ଅଧିକ ଶୁଳ୍କ ଆଦାୟ କରିଥିବା ଟାଟା ପାଓ୍ୱାର ଅଦ୍ୟାବଧି ଅତିରିକ୍ତ ଦେୟ ଗ୍ରାହକଙ୍କୁ ଫେରସ୍ତ କରିନାହିଁ। ତା' ପୂର୍ବରୁ ସାରା ରାଜ୍ୟରେ ସ୍ମାର୍ଟ ମିଟର ନାଁରେ ପ୍ରାୟ ୫ ହଜାର ଲେଖାଏଁ ଆଦାୟ ➪ପୃଷ୍ଠା-୬

# କାହିଁକି ନିରବ ବିଜୟ ମହାପାତ୍ର ?

● ଆଦର୍ଶ ପିତାର ଭୂମିକା ନିଭାଉଛନ୍ତି !



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ରାଜ୍ୟ ରାଜନୀତିକୁ ନିଜର କେଇପଦ କଥା ଜରିଆରେ ଯେଉଁ କେତେଜଣ ନେତା ଦୋହଲାଇ ଦେଇଥାନ୍ତି, ସେମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଆସିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର। ନିଜର ଦୀର୍ଘ ଦିନର ରାଜନୈତିକ ଅଭିଜ୍ଞତାକୁ ଆଧାର କରି ସେ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ମତ ରଖିଥାନ୍ତି। ତାଙ୍କ ମତ ଜାଣିବା ପାଇଁ ରାଜ୍ୟବାସୀ ବି ଅପେକ୍ଷା କରିଥାନ୍ତି। ହେଲେ ବିଜୟ କିନ୍ତୁ କିଛି ଦିନ ହେଲା ଏକପ୍ରକାର ନିରବ।

ନୂଆପଡ଼ା ନିର୍ବାଚନ ଫଳାଫଳଠାରୁ ଆରମ୍ଭ କରି ରାଜ୍ୟରେ ଏବେ ବିଧାୟକଙ୍କ ବେତନ ବୃଦ୍ଧିକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଓ ଏହାର ସିବିଆଇ ତଦନ୍ତ, ମାଲକାନଗିରିରେ ଗାଁ ପୋଡ଼ି, ମହାନଦୀ ଜଳ ବିବାଦ, ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ଓ ରତ୍ନଭଣ୍ଡାର ଗଣତିମଣତି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲେ ମଧ୍ୟ ବିଜୟ ଏହା ଉପରେ ଆଦୌ ମୁହଁ ଖୋଲୁନାହାନ୍ତି। ଦୀର୍ଘଦିନ ହେଲା ଅହେତୁକ ନିରବତା ଅବଲମ୍ବନ କରୁଛନ୍ତି। ଏହାକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ବିଜୟ ନିଜ ପାଇଁ ନା ନିଜ ପୁଅର ରାଜନୈତିକ ଭବିଷ୍ୟତ ପାଇଁ ଅଚାନକ ଏଭଳି ନିରବତା ଅବଲମ୍ବନ କରୁଛନ୍ତି, ତାହାକୁ ଲୋକେ ଭିନ୍ନ ଭିନ୍ନ ଦିଗରୁ ତର୍ଜମା କରୁଛନ୍ତି। ଉଲ୍ଲେଖନୀୟ ଯେ ବିଜୟଙ୍କ ପୁଅ ଅରବିନ୍ଦ ଏବେ ପାଟକୁରାରୁ ବିଜେଡି ବିଧାୟକ ଥିବା ବେଳେ ବିଧାନସଭାରେ ବି ତାଙ୍କର ପ୍ରଦର୍ଶନ ଭଲ ରହିଛି। ତେଣୁ ସଦ୍ୟ ପ୍ରସଙ୍ଗରେ କିଛି ବି ମନ୍ତବ୍ୟ ନ ଦେଇ ବିଜୟ ଜଣେ ଆଦର୍ଶ ପିତାର ଭୂମିକା ନିର୍ବାହ କରୁଛନ୍ତି କି ବୋଲି ମଧ୍ୟ ଅନେକ ପ୍ରଶ୍ନ କରୁଛନ୍ତି। ଅନ୍ୟପକ୍ଷରେ ବିଜେପିକୁ ଗୁଡବାଏ କହିଥିବା ବିଜୟ ଏକପ୍ରକାର ସାଧାରଣ ଜୀବନଯାପନ କରୁଛନ୍ତି। ତେବେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ମତ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିଆସିଥିବାବେଳେ ବର୍ତ୍ତମାନର ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗରେ ରାଜ୍ୟବାସୀ ତାଙ୍କ ପ୍ରତିକ୍ରିୟାରୁ ବଞ୍ଚିତ ହୋଇଛନ୍ତି। ତେଣୁ ବିଜୟଙ୍କ ନିରବତା ଏବେ ଅନେକଙ୍କୁ ଆଲୋଚନା ପାଇଁ ଖୋରାକ ଯୋଗାଇଛି।

# ବଦଳିଲା ମନରେଗା ଯୋଜନା ନାଁ

- ଏଣିକି ବାପୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ପିବିଜିଆର୍‌ଜିଓ୍ୱାଇ)
- ୨୪୦ ଟଙ୍କା ହେଲା ଦୈନିକ ମଜୁରୀ



ନୂଆଦିଲ୍ଲୀ,୧୨।୧୨: କେନ୍ଦ୍ର ସରକାରଙ୍କ ଅନ୍ୟତମ ପ୍ରମୁଖ ଯୋଜନା ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆକ୍ଟ (ଏମ୍‌ଜିନରେଗା)ର ନାମ ବଦଳିଛି। ଆଜି କେନ୍ଦ୍ର କ୍ୟାବିନେଟ୍‌ରେ ଏ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଯୋଜନାର ନୂଆ ନାମ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ପିବିଜିଆର୍‌ଜିଓ୍ୱାଇ) ରଖାଯାଇଛି। ଏଥିସହ ଏହି ଯୋଜନାରେ ମିଳୁଥିବା ନିଶ୍ଚିତ କର୍ମ ଦିବସରେ ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ବାର୍ଷିକ ୯୦ ଦିନ ରହିଥିବା ବେଳେ ଏବେ ଏହାକୁ ୧୨୫ ଦିନକୁ ବଢ଼ାଇ ଦିଆଯାଇଛି। ଅଧିକନ୍ତୁ ଦୈନିକ ମଜୁରୀ ହାରକୁ ମଧ୍ୟ ୨୪୦ ଟଙ୍କା କରାଯାଇଛି। ଏହି ଯୋଜନା ସର୍ବପ୍ରଥମେ ୨୦୦୫ରେ ➪ପୃଷ୍ଠା-୬

# ଶିକ୍ଷକ ଆନ୍ଦୋଳନ ସ୍ଥଗିତ

- ମନ୍ତ୍ରୀ ଓ ବିଧାୟକଙ୍କ ପ୍ରତିଶ୍ରୁତି ପରେ ନିଷ୍ପତ୍ତି
- ଖୁବ୍‌ଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଦେବ ଉଚ୍ଚସ୍ତରୀୟ କମିଟି



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ତିନି ଦିନ ଧରି ସ୍ଥାନୀୟ ଗାନ୍ଧିମାର୍ଗଠାରେ ଚାଲିଥିବା ଅହୋରାତ୍ର ଗଣଧାରଣା ଆଜି ସ୍ଥଗିତ ରହିଛି। ଏ ସଂକ୍ରାନ୍ତରେ ସମିତିର ପ୍ରତିନିଧିମଣ୍ଡଳୀ ବିଭାଗୀୟ ମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିବା ବେଳେ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଏପରି ନିଷ୍ପତ୍ତି ହୋଇଥିବା ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ସରକାର ସବୁ ବର୍ଗର ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସମସ୍ୟାକୁ ବିଚାର କରିବା ସହ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ଯେଉଁ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି, ତାହା ଖୁବ୍‌ଶୀଘ୍ର ବୈଠକ ମାଧ୍ୟମରେ ସମସ୍ତ ବର୍ଗର ଶିକ୍ଷକଙ୍କ ➪ପୃଷ୍ଠା-୬





# ଛାତ୍ରୀଙ୍କୁ ପ୍ରେମ ନିବେଦନ କଲେ ଆଇପିଏସ୍

'ମାଇ ଡିୟର। ଆଇ ଲଭ ୟୁ ସୋ ମଚ। ବେବି ୟୁ ଆର ମାଇ ଏଭରିଥିଙ୍ଗ। ତୁମକୁ ରାଣୀ କରି ରଖିବି। ଫରେନ ବୁଲେଇ ନେବି।' ଆପଣଙ୍କୁ ହୁଏତ ଲାଗୁଥିବ ଏ କୌଣସି ଓଡ଼ିଆ ଚଳଚ୍ଚିତ୍ର କିମ୍ବା ଯାତ୍ରାର ସଂଳାପ।

କିନ୍ତୁ ରିଲ ନୁହେଁ ରିୟଲ ଲାଇଫରେ ଏଭଳି ପ୍ରେମ ନିବେଦନ କରି ଚର୍ଚ୍ଚାକୁ ଆସିଛନ୍ତି ଜଣେ ଆଇପିଏସ। ଡିଆଇଜି ରାଙ୍କର ଏହି ଅଫିସର ଖୋଦ ଭୁବନେଶ୍ୱରରେ ଥିବା ଏକ ଲ' କଲେଜରେ ଏବେ ଦ୍ୱିତୀୟ ବର୍ଷର ଛାତ୍ର। ଆଉ ଠିକ ସେହି ବ୍ୟାଚ ରେ ଲ' କରୁଛନ୍ତି ଖୋର୍ଦ୍ଧା ରୁ ଆସୁଥିବା ଜଣେ ଯୁବତୀ।

ଯାହାଙ୍କୁ ମନ ଦେଇ ବସିଛନ୍ତି ଆଇପିଏସ ଜଣଙ୍କ। ଖୁଲମଖୁଲା କ୍ୟାମ୍ପସ ଭିତରେ ଛାତ୍ରୀ ଜଣଙ୍କୁ ଅଟକାଇବା ସହ କଥା ହେବାକୁ ଚେଷ୍ଟା କରୁଛନ୍ତି। କ୍ୟାଫେରେ କଫି ସେୟାର କରିବାକୁ ନିବେଦନ କରୁଛନ୍ତି। ବାରଣ କଲେ ପୋଲିସ ଠାଣି ଦେଖାଉଛନ୍ତି। ଛାତ୍ରୀ ଜଣଙ୍କ ତାଙ୍କଠାରୁ ବୟସରେ ଢେର ବଡ଼ ଆଇପିଏସ ଅଫିସରଙ୍କ ସହ କଥା ନହେବାରୁ ଚାହିଁବାରୁ କଲେଜରୁ ତାଙ୍କ ନମ୍ବର ନେଇ ମେସେଜ ଦେଉଛନ୍ତି।

ବିଳମ୍ବିତ ରାତିରେ ରୋମିଓ ଆଇପିଏସଙ୍କ ଏଭଳି ମେସେଜ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସେପଟେ ସାହେବଙ୍କ ବିବାହ ବିଚ୍ଛେଦକୁ ମଧ୍ୟ କିଛି ବର୍ଷ ବିତିଗଲାଣି। ତେଣୁ ଏଭଳି ଅବସ୍ଥାରେ ତାଙ୍କ ମନ ଦେହକୁ ଶାନ୍ତ କରିବାକୁ ତାଙ୍କର ମଧ୍ୟ ଜୀବନସାଥୀ ଦରକାର ବୋଲି କଟାକ୍ଷ କରି କହିଛନ୍ତି ଆଇପିଏସଙ୍କ ଡ୍ରାଇଭର।



### କାନ ଡେରିଥା

ଶିକ୍ଷକ କହିଲେ ଦରମା ବଢ଼ାଅ
ପଇସା ନାହିଁଟି କହିବେ
ଅଧିକା ଧାରଣା
ଆନ୍ଦୋଳନ କଲେ
ପୁଲିସ ଲଗେଇ ମାରିବେ
ବେକାର ତାମସା କରିବେ...
ନିଜ ଦରମାକୁ ଅଣ୍ଟିରେ ପୂରେଇ
ଲୋକଙ୍କ ସହିତ ଖେଳିବେ।

■ ଦେବାଶିଷ

### ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

# ଉଠୁଛି ପ୍ରଶ୍ନ, ସ୍ୱଚ୍ଛ ହେବେ କି ରାଜନେତା

- ବିଧାୟକଙ୍କ ମୁଣ୍ଡ ପିଛା ଆୟ ୨୨ ଗୁଣ ଅଧିକ
- ଚାରିଆଡୁ ବଢୁଛି ଚାପ
- ସୋସିଆଲ୍ ମିଡିଆରେ ଟ୍ରୋଲ୍ ବର୍ଷା



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ମୋଟା ଅଙ୍କର ଦରମା ପାଇବାରେ ଓଡ଼ିଶାର ବିଧାୟକମାନେ ଦେଶରେ ଏକ ନମ୍ବର ହେବା ପରେ ରାଜ୍ୟରେ ଶାସନ ବ୍ୟବସ୍ଥା କେତେ ସ୍ୱଚ୍ଛ ହେବ, ଏପରିକି ଓଡ଼ିଶା ସିଙ୍ଗାପୁର ଭଳି ଦୁର୍ନୀତିମୁକ୍ତ ହୋଇପାରିବ କି ବୋଲି ପ୍ରଶ୍ନ ଉଠିଲାଣି। କେବଳ ଓଡ଼ିଶାବାସୀ ନୁହନ୍ତି, ବିଦେଶରେ ରହୁଥିବା ଓଡ଼ିଆମାନେ ବି ଏ ନେଇ ବିଭିନ୍ନ ସୋସିଆଲ ମିଡିଆରେ ସେମାନଙ୍କ ମତ ଉପସ୍ଥାପନ କରି ଏପରି ଏକ ନିଷ୍ପତ୍ତିକୁ ସମାଲୋଚନା କରୁଛନ୍ତି।

ବିଧାୟକମାନଙ୍କ ସର୍ବନିମ୍ନ ମାସିକ ପାଉଣା ଏବେ ଦରମା ଓ ଭତ୍ତାକୁ ମିଶି ୩.୪୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଆଦିଙ୍କ ଦରମା ବିଧାୟକଙ୍କଠାରୁ ଆହୁରି ଅଧିକ। ଏଭଳି ଦରମା ନେବାରେ ଓ ଦେବାରେ ଓଡ଼ିଶା ଏବେ ଦେଶରେ ଏକ ନମ୍ବର। ତେବେ ଏତେ ମୋଟା ଅଙ୍କର ମାସିକ ବେତନ ପାଇବା ପରେ ଓଡ଼ିଶାର ଏହି ଲୋକପ୍ରତିନିଧିମାନେ ଦୁର୍ନୀତିମୁକ୍ତ ହୋଇପାରିବେ କି ନାହିଁ, ତାହାକୁ ନେଇ ଚାରିଆଡ଼େ ଚାଲିଛି ଆଲୋଚନା। ଅନେକ ମତ ଦେଉଛନ୍ତି ଯେ ମାସକୁ ୧ ଲକ୍ଷ ଟଙ୍କା ଦରମା ନେଉଥିବା ଅନେକ ବିଧାୟକ ୩୦/୪୦ ଲକ୍ଷ ଟଙ୍କିଆ ଗାଡ଼ି ଚଢି ବିଧାନସଭା ଆସୁଛନ୍ତି। ଏଭଳି ଗାଡ଼ିଚଢ଼ା ଉପରେ ଅନେକ ପ୍ରଶ୍ନ ମଧ୍ୟ ଉଠାଉଥିଲେ। କାରଣ ୫ ବର୍ଷରେ ୬୦ ଲକ୍ଷ ଟଙ୍କା ବେତନ ପାଉଥିବା ବିଧାୟକ କିଭଳି ୪୦ ଲକ୍ଷ ଟଙ୍କାର ଗାଡ଼ି ଚଢୁଥିଲେ, ତାହାକୁ ନେଇ କିଛି କହିପାରୁନଥିଲେ ବି ସାଧାରଣରେ ଆଲୋଚନା ହେଉଥିଲା।

ଏବେ କିନ୍ତୁ ଆଲୋଚନା ➪ପୃଷ୍ଠା-୬

### ଲକ୍ଷ୍ମଣଙ୍କ ରାସ୍ତାରେ ଅନେକ

ବିଧାନସଭାରେ ବିଧାୟକମାନଙ୍କ ଦରମା ବିଲ୍ ଗୃହୀତ ହେବା ଓ ଜଣେ ବିଧାୟକ ମାସକୁ ୩.୪୫ ଲକ୍ଷ ଟଙ୍କା ପାଇବା ସ୍ପଷ୍ଟ ହେବା ପରେ ଏହାକୁ ବିରୋଧ କରିଛନ୍ତି ବଣାଇର ବାମପନ୍ଥୀ ବିଧାୟକ ଲକ୍ଷ୍ମଣ ମୁଣ୍ଡା। ଏଭଳି ଦରମା ବୃଦ୍ଧିକୁ ସେ ଓ ତାଙ୍କ ଦଳ ବିରୋଧ କରେ ବୋଲି ସେ ଖୋଲାଖୋଲି କହିବା ପରେ ତାଙ୍କ ଉଦ୍ଦେଶ୍ୟରେ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

ଏପରି ନିଷ୍ପତ୍ତି ବିରୋଧରେ ଏହି କେଇପଦ କଥା ଲକ୍ଷ୍ମଣଙ୍କୁ ହିରୋ କରିଦେଇଥିବା ବେଳେ ଚାପରେ ପଡ଼ି ଅନେକ ବିଧାୟକ ଏବେ ତାଙ୍କ ପନ୍ଥା ଆପଣାଇବା ପାଇଁ ବିଚାର କରୁଥିବା ସୂଚନା ମିଳିଛି। ବିଶେଷକରି ୩.୪୫ ଟଙ୍କାର ମାସିକ ପାଉଣାରେ ବିଜୁଳି ➪ପୃଷ୍ଠା-୬

# ଶିବରାଜ ପାଟିଲଙ୍କ ଦେହାନ୍ତ



ନୂଆଦିଲ୍ଲୀ,୧୨।୧୨: ବରିଷ୍ଠ କଂଗ୍ରେସ ନେତା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଲୋକସଭାର ପୂର୍ବତନ ବାଚସ୍ପତି ଶିବରାଜ ପାଟିଲଙ୍କର ଶୁକ୍ରବାର ସକାଳ ସାଢ଼େ ୬ଟା ସମୟରେ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ମହାରାଷ୍ଟ୍ରର ଲାତୁର ଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ ଏବଂ ଘରେ ଚିକିତ୍ସାଧୀନ ଥିଲେ। ଶ୍ରୀ ପାଟିଲ ପୂର୍ବରୁ ଲୋକସଭାର ବାଚସ୍ପତି ଭାବରେ କାର୍ଯ୍ୟ କରିଥିଲେ ଏବଂ ଏକାଧିକ ବାର କେନ୍ଦ୍ରମନ୍ତ୍ରୀ ପଦରେ ରହିଥିଲେ। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସମୟରେ ସେ ଗୃହମନ୍ତ୍ରୀ ଥିଲେ। ମୁମ୍ବାଇ ଆକ୍ରମଣ ପରେ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା। ତାଙ୍କ ରାଜନୈତିକ କ୍ୟାରିୟର ମଧ୍ୟରେ, ସେ ଦେଶ ପାଇଁ ଅନେକ ମର୍ଯ୍ୟାଦାଜନକ ପଦବୀରେ ରହିଥିଲେ ଏବଂ ଦେଶର ସାମ୍ବିଧାନିକ ପ୍ରକ୍ରିୟାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଶିବରାଜ ପାଟିଲ ୧୯୩୫ ମସିହା ଅକ୍ଟୋବର ୧୨ ତାରିଖରେ ଜନ୍ମଗ୍ରହଣ ➪ପୃଷ୍ଠା-୬

### ବଚନ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା

## ବିଧାୟକଙ୍କ ଦ୍ୱାରା ଖେଳ ଜର୍ସି ଉନ୍ମୋଚିତ



**ମାହାଙ୍ଗା,୧୨।୧୨(ସଂଚାର ବ୍ୟୁରୋ):** ମାହାଙ୍ଗା ଆଥଲେଟିକ୍ ଆସୋସିଏସନ ଆନୁକୁଲ୍ୟରେ କଟକ ଜିଲ୍ଲା କ୍ରୀଡ଼ା ସଂସଦ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ବଚନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ମାହାଙ୍ଗା କୁଆଁପାଳ ସ୍ଥିତ ପ୍ରତିଭା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ଆଥଲେଟିକ୍ ଆସୋସିଏସନର ସଭାପତି ବୁଟୁ ଘୋଷଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରି ବିଧିବଦ୍ଧ ଭାବେ ଅନୁଷ୍ଠିତ ହେବାକୁ ଥିବା ଖେଳ ପାଇଁ ଜର୍ସି ଉନ୍ମୋଚନ କରିଥିଲେ।

ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ଡିସେମ୍ବର ୧୪ ତାରିଖରୁ ଆରମ୍ଭ ହୋଇ ୨୪ତାରିଖ ପର୍ଯ୍ୟନ୍ତ ମାହାଙ୍ଗା କୋଠପଦା ମିନିଷ୍ଟାଡିୟମ୍ ଓ ପିଜିକଲେଜରେ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ କଟକ ଜିଲ୍ଲା କ୍ରୀଡ଼ା ଆସୋସିଏସନ ସାଧାରଣ ସମ୍ପାଦକ ଆଶିର୍ବାଦ ବେହେରା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଧାୟକ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ପ୍ରଥମ ଥର ପାଇଁ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ କ୍ରୀଡ଼ା କ୍ଷେତ୍ରରେ ଏକ ବିଶାଳ ଫୁଟବଲ ପ୍ରତିଯୋଗିତାରେ ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀବାସୀ ଯୋଗଦେବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି।

# ଅଙ୍ଗନବାଡ଼ି କେନ୍ଦ୍ରରେ ମିଳୁଛି ପୋକ ସାଲୁବାଲୁ ବାଦାମ ଲଡୁ

**ମହାକାଳପଡ଼ା,୧୨।୧୨(ସଂଚାର ବ୍ୟୁରୋ):** ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଓ ପ୍ରସୂତିଙ୍କୁ ମିଳୁଛି ପୋକ ସାଲୁବାଲୁ ବାଦାମ ଲଡ଼ୁ। ଯାହା ସେମାନଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ଆଶଙ୍କା ବଢ଼ାଉଛି। ମିଳିଥିବା ପ୍ୟାକେଟରେ ନା ପ୍ରସ୍ତୁତି ତାରିଖ ରହିଛି ନା ବ୍ୟାଚ ନମ୍ବର। ଏହାକୁ ନେଇ ଏବେ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଓ ବିଭାଗ ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକେ।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ା (ଗୁହାଳକଣ୍ଡି) ଅଙ୍ଗନବାଡ଼ି କେନ୍ଦ୍ରରେ ଯେଉଁ ବାଦାମ ଲଡ଼ୁ ପ୍ରଦାନ କରାଯାଇଛି ସେହି ଲଡ଼ୁରେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି। ଏତେ ଏତେ ଧଳା ଧଳା ପୋକ ଲଡ଼ୁ ଭିତରେ ଦେଖିବାକୁ ମିଳିବା ପରେ ଲୋକେ ଏବେ ଉଦ୍‌ବେଗ ଅବସ୍ଥାରେ। କେବଳ ପୋକ ବାହାରୁଛି ତାହା ନୁହେଁ ପ୍ୟାକେଟ୍ ଉପରେ ନା ପ୍ରସ୍ତୁତି ତାରିଖ ରହିଛି ନା ବ୍ୟାଚ୍ ନମ୍ବର। ପ୍ରସ୍ତୁତି ତାରିଖ ସ୍ଥାନରେ ହାତରେ ପେନ୍ ଯୋଗେ ଯାହା ଲେଖା ଅଛି ତାହା ଦୃଶ୍ୟମାନ ନୁହେଁ। ଏହି ଖାଦ୍ୟ ପ୍ରସ୍ତୁତି ଓ ଯୋଗାଣ ପାଇଁ କେଉଁପଡ଼ା ଗ୍ରାମର ଶ୍ରୀ ଶ୍ରୀ ପୁରୁଷୋତ୍ତମ ଏସଏଚଜିକୁ ଦାୟିତ୍ୱ ମିଳିଥିବା ବେଳେ ଏବେର ଘଟଣା ସାମ୍ନାକୁ ଆସିବା ପରେ ଲୋକେ ଆଶଙ୍କାରେ ପଡିଛନ୍ତି। ଶିଶୁ, ପ୍ରସୂତି, କିଶୋରୀ ବାଳିକାମାନଙ୍କ ପୋଷଣ ଓ ଅଭିବୃଦ୍ଧି ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ତଳସ୍ତରରେ ଏହାର ଉପଯୁକ୍ତ ନିରୀକ୍ଷଣ ଅଭାବ ଯୋଗୁଁ ସରକାରଙ୍କ ଉଦ୍ଦେଶ୍ୟ ବାଟବଣା ହେଉଥିବା ଦେଖିବାକୁ ମିଳୁଛି। ଯାହା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଉପରକୁ ମଧ ଏବେ ଆଙ୍ଗୁଳି ନିର୍ଦ୍ଦେଶ କରିଛି।

ଅଙ୍ଗନବାଡ଼ି କେନ୍ଦ୍ରରୁ ମିଳିଥିବା ବାଦାମ ଲଡ଼ୁରେ ପୋକ ବାହାରିବା ଦୃଶ୍ୟ ଦେଖିବା ପରେ ଏବେ ଏନେଇ ଅନେକ ପ୍ରଶ୍ନ ଉଠୁଛି। ସରକାରଙ୍କ ତରଫରୁ ବେତନ ନେଉଥିବା କର୍ମଚାରୀ ମାନେ ସଠିକ ଭାବେ ଯାଞ୍ଚ କରୁଛନ୍ତି ତ? ଯଦି ଏହି ପୋକ ସାଲୁବାଲୁ ଲଡ଼ୁ ଖାଇ କାହାର କିଛି କ୍ଷତି ଘଟେ ସେଥିପାଇଁ ଦାୟୀ କିଏ ରହିବ? ଏ ଖବର ଦେଖିବା ପରେ ପ୍ରଶାସନ କଣ ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

**କେତେ ସୁରକ୍ଷିତ ଶିଶୁ ଓ ପ୍ରସୂତି?**

**ବାଟବଣା ହେଉଛି ସରକାରଙ୍କ ଯୋଜନା**



### ଦିବ୍ୟାଙ୍ଗ ଦଳିତ ଦମ୍ପତିଙ୍କ ନାମରେ ଅର୍ଥ ହଡ଼ପ ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ନେବ ତ ପ୍ରଶାସନ?

**ମାର୍ଶାଘାଇ,୧୨।୧୨ (ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗ ଦଳିତ ଦମ୍ପତିଙ୍କ ନାମରେ ଚକ୍ରାନ୍ତ କରି ଫାଇନାନ୍ସ କମ୍ପାନୀରୁ ଋଣ ଉଠାଯାଇଛି। ହେଲେ ଋଣ ବାବଦରେ ସେ ଜାଣିନଥିବା ବେଳେ ତାଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇବା ପରେ ସେ ନ୍ୟାୟ ପାଇଁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପରେ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏତଲା ଅନୁଯାୟୀ ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଦଶିପୁର ପଞ୍ଚାୟତ ବାଲଣା ଗ୍ରାମର ଦୃଷ୍ଟିବାଧିତ ସୋନୁ ମଳିକଙ୍କ ପତ୍ନୀ ରିଙ୍କି ମଳିକଙ୍କ ନାମରେ ଭାରତ ଫାଇନାନ୍ସ ନାମକ ସଂସ୍ଥାରୁ ତିନିଟି ଋଣ କରାଯାଇଛି। ଏହି ଋଣ ଅର୍ଥ ରିଙ୍କି ଆଣି ନ ଥବା ବେଳେ ରିଙ୍କି ମଳିକ ଓ ତାଙ୍କ ଦୃଷ୍ଟିବାଧିତ ସ୍ୱାମୀ ସୋନୁ ମଳିକଙ୍କ ଘରେ ସଂସ୍ଥାର କର୍ମଚାରୀ ପହଞ୍ଚି ଋଣ କିସ୍ତି ଦେବାକୁ କହିଥିଲେ। ଉଭୟ ସ୍ୱାମୀ ଓ ସ୍ତ୍ରୀ ଋଣ ଆଣି ନ ଥିବା କହିବାରୁ ସଂସ୍ଥାର କର୍ମଚାରୀ ସେମାନଙ୍କୁ କେନ୍ଦ୍ରାପଡ଼ା ଦୁହୁରିଆସ୍ଥିତ ଭାରତ ଫାଇନାନ୍ସ ସଂସ୍ଥାର ମ୍ୟାନେଜର୍‌ଙ୍କୁ ଭେଟିବାକୁ ପରାମର୍ଶ ଦେଇଥିଲେ। ସେଠାରେ ପହଞ୍ଚିବା ପରେ ମ୍ୟାନେଜର୍ ସେମାନଙ୍କ ନାମରେ ଥିବା ତିନିଟି ଋଣରୁ ଗୋଟିଏ ପରିଶୋଧ କରାଯାଇଥିବା ଏବଂ ଅନ୍ୟ ଦୁଇଟି ଶୁଝାଯାଇ ନାହିଁ ବୋଲି କହି ଗ୍ରାମର ରଶ୍ମିରଞ୍ଜନ ରାଉତଙ୍କୁ ଭେଟିବାକୁ କହିଥିଲେ। ଏ ନେଇ ରିଙ୍କି ମଳିକ ପଚାରିବାରୁ ସେ ଟଙ୍କା ନେଇନାହାନ୍ତି କହି ଧମକ ଦେଉଥିବା ଅଭିଯୋଗ କରିଛନ୍ତି।



ଅନ୍ୟପଟେ, ରଶ୍ମିରଞ୍ଜନଙ୍କ ଗାଁରେ ଏକ ଜନସେବା କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ରକୁ ଦମ୍ପତି ଯାଇ ପ୍ରତିମାସ ଟିପ ଦେଇ ଭତ୍ତା ଟଙ୍କା ଉଠାଉଥା'ନ୍ତି। ଏହାବ୍ୟତୀତ ଫାଇନାନ୍ସ ସଂସ୍ଥାରେ ସେମାନେ କୌଣସି କାଗଜପତ୍ର କରି ନ ଥିବା ଦମ୍ପତି କହିଛନ୍ତି। ଭିକ ମାଗି ପେଟକୁ ମୁଠାଏ ଦାନା ଯୋଗାଡ଼ କରୁଥିଲା ବେଳେ ଯୋଜନାବଦ୍ଧ ଭାବେ ଜାଲିଆତି କରି ସେମାନଙ୍କ ନାମରେ ଋଣ କରି ଅର୍ଥରାଶି ଉଠାଇ ନିଆଯାଇଥିବା ଦମ୍ପତି ଅଭିଯୋଗ କରିଛନ୍ତି। ଅନ୍ଧ ଦମ୍ପତିଙ୍କ ଏତଲା ଦେବାର ତିନି ଦିନ ବିତିଯାଇଥିଲେ ମଧ ଏଯାଏଁ ପୁଲିସ ତରଫରୁ କିଛି ତତ୍ପରତା ଦେଖିବାକୁ ମିଳିନାହିଁ।

## ପାଣି ଟାଙ୍କିରୁ ଖସି ଶ୍ରମିକ ମୃତ



**ରାଜନଗର,୧୨।୧୨ (ସଂଚାର ବ୍ୟୁରୋ):** ନିର୍ମାଣାଧୀନ ପାଣି ଟାଙ୍କିରୁ ପଡି ଶ୍ରମିକ ମୃତ। ମୃତ ଶ୍ରମିକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ର କ୍ରାଷ୍ଣା ରାଉତ। କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ର ଦେବେନ୍ଦ୍ରନାରାୟଣପୁର ଗାଁ ରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଉଚ ପାଣିଟାଙ୍କି ନିର୍ମାଣ ଚାଲିଛି। ଆଜି ଅପରାହ୍ନ ରେ କ୍ରାଷ୍ଣା କାମ କରୁଥିବା ସମୟରେ ତଳକୁ ଖସି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିନା କୌଣସି ସେଫଟି ରେ ଶ୍ରମିକମାନେ ଉଚ ଟାଙ୍କି ଉପରେ ବିପଦଜନକ ଭାବେ କାମ କରୁଥିବାରୁ ଶ୍ରମିକ ଙ୍କର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ହୋଇଛି। ଏନେଇ ରାଜନଗର ଥାନାରେ ଯୁଡି କେସ ନମ୍ବର ୩୦/୨୦୨୫ ରେ ମାମଲା ରୁଜୁ କରାଯାଇଛି।

## ଜାନୁଆରୀ ୧୦ରୁ ପଲ୍ଲୀଶ୍ରୀ ମେଳା ଓ ଜିଲ୍ଲା ମହୋତ୍ସବ

**କେନ୍ଦ୍ରାପଡ଼ା,୧୨।୧୨(ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ୧୦ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ପଲ୍ଲୀଶ୍ରୀ ମେଳା ଓ ଜିଲ୍ଲା ମହୋତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ମୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ,ସିଡିଭିଓ ମନୋଜ ପଟ୍ଟନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂ, ଡେପୁଟି ସିଇଓ ଅରମାସ ନିରୋଦ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ,ଡିପିସି ମିଶନ ଶକ୍ତି ଆରତୀ ସାହୁ, ଡିପିଏମ ଓଏଲଏମ ପ୍ରଶାନ୍ତ ପାଢ଼ୀଙ୍କ ସମସ୍ତ ଲାଇନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୃଙ୍ଖଳିତ ଆୟୋଜନ ନିମନ୍ତେ ସମସ୍ତ ଅଧିକାରୀ ନିଜ ନିଜ ପ୍ରସ୍ତୁତି ଆରମ୍ଭ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ବଳରାମ ଅପହରଣ ଓ ହତ୍ୟା ଘଟଣା

## ଜେଲ ଗଲେ ମାଆ ପୁଅ



**ରାଜନଗର,୧୨।୧୨(ସଂଚାର ବ୍ୟୁରୋ):** ବଳରାମ ସେଠୀ ହତ୍ୟା ଘଟଣାର ଅଭିଯୁକ୍ତ ମାଆ ଓ ପୁଅ ଧରାପଡିଛନ୍ତି। ଏହି ହତ୍ୟା ଘଟଣାରେ ଜେଲରେ ଥିବା ଝିଅ ଓ ସ୍ୱାମୀକୁ ଦେଖା କରିବାକୁ ଯାଇ ଧରାପଡିଛନ୍ତି ମାଆ, ପୁଅ। ଜେଲର ମାଅ ପୁଅଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲା। ରାଜନଗର ପୋଲିସ ବାରିମୂଳ ଜେଲରେ ପହଞ୍ଚି ମାଅ, ପୁଅଙ୍କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଛି। ବଳରାମ ହତ୍ୟା ଘଟଣାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି।

## ତଦନ୍ତ କରିବାକୁ ଯାଇଥିବା ଆରଆଇଙ୍କୁ ଆକ୍ରମଣ

● ଥାନାରେ ଅଭିଯୋଗ

**ଡେରାବିଶ,୧୨।୧୨(ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଅନ୍ତର୍ଗତ ବଳଭଦ୍ରପୁର ରାଜସ୍ୱ ନିରୀକ୍ଷକ ତରଜଙ୍ଗା ଗ୍ରାମକୁ ଗୁରୁବାର ଏକ ସରକାରୀ ଜମି ଜବରଦଖଲ ସମ୍ପର୍କୀୟ ଅଭିଯୋଗର ତଦନ୍ତ କରିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ତହସିଲଦାର ସରେଜ କାନ୍ତ ନାୟକଙ୍କ ନିର୍ଦ୍ଦେଶକ୍ରମେ ଆକ୍ରମଣର ଶିକାର ହୋଇଥିବା ରଜ୍ୱସ ନିରୀକ୍ଷକ ଲକ୍ଷ୍ମଣ ବେହେରା ଡେରାବିଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଜଣେ ବ୍ୟକ୍ତି ଜୋରଜବରଦସ୍ତ ସରକାରୀ ଜମିକୁ ଜବରଦଖଲ କରିଥିବା ହେତୁ ଗ୍ରାମବାସୀ ଚଳାଚଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଜମିକୁ ଜବରଦଖଲ ମୁକ୍ତ କରିବାକୁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଦାବି କରି ଆସୁଥିଲେ। ତେଣୁ ତହସିଲଦାରଙ୍କ ନିର୍ଦ୍ଦେଶ ମତେ ଗୁରୁବାର ଆରଆଇ ବେହେରା ପୂର୍ବାହ୍ନ ୧୧ଟା ୪୦ରେ ତଦନ୍ତ କରିବାକୁ ଉକ୍ତ ଜମି ନିକଟକୁ ଯାଇଥିଲେ। ଏହି ସମୟରେ ହଠାତ ଜବରଦଖଲକାରୀ ଦୌଡ଼ି ଆସି ଶ୍ରୀ ବେହେରାଙ୍କୁ ଜୋରରେ ପେଲି ଦେଇ ତାଙ୍କ ପରିଚୟ ପଚାରି ଥିଲେ। ସେ ପରିଚୟ ଦେବାରୁ ପରିବାର ସଦସ୍ୟଙ୍କ ଜ୍ୱାଇଁ ଜଣକ ତାଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଲୁହାରଡ଼ରେ ମାରିବାକୁ ଉଦ୍ୟମ ହୋଇ ଆକ୍ରମଣ କରିଥିଲେ। ଭୟରେ ଆରଆଇ ବେହେରା ଘଟଣାସ୍ଥଳରୁ ପଳାଇ ଆସି ଏ ସମ୍ପର୍କରେ ତହସିଲଦାରଙ୍କୁ ଜଣାଇଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଆରଆଇ ବେହେରା ତାଙ୍କ ଦ୍ୱାରା ଦିଆଯାଇଥିବା ଅଭିଯୋଗରେ ଦାବି କରିଛନ୍ତି। ଥାନାରେ ଏନେଇ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

### ଆକ୍ରମଣ ନେଇ ଜଗତପୁର ଥାନାରେ ୨ଟି ଅଭିଯୋଗ

## ଖୋଲାରେ ବୁଲୁଛନ୍ତି ଆକ୍ରମଣକାରୀ

**ସାଲେପୁର,୧୨।୧୨(ସଂଚାର ବ୍ୟୁରୋ):** ଜଗତପୁର ଥାନାରେ ମାରପିଟ ଓ ଗାଳିଗୁଲଜକୁ ନେଇ ୨ଟି ଅଭିଯୋଗ ହୋଇଥିଲେ ମଧ ଜଗତପୁର ପୁଲିସ ଅଦ୍ୟାବଧି ଏହି ଘଟଣାରେ କାହାରିକୁ ଗିରଫ କରିନଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ଗତ ୨ତାରିଖ ରାତି ପ୍ରାୟ ୮ଟା ସମୟରେ ଭୈରପୁର ଗ୍ରାମର ସୁଧାଂଶୁ ସାହୁ ଏକ ସାଇକେଲ ଯୋଗେ ଚମ୍ପତି ଗ୍ରାମକୁ ଯାଉଥିବା ସମୟରେ ଏକ କାରରେ ୪ଜଣ ଯୁବକ ଆସି ତାଙ୍କୁ ସାଇଟ୍ ମାରିଥିଲେ। ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ପଶ୍ଚିମକଚ୍ଛ ଢ଼ିଅସାହି ଗ୍ରାମର ଅନନ୍ତ ସ୍ୱାଇଁ, ଆତୋଡ଼ା ଗ୍ରାମର ସତୀଶ ରାଉତ ଓ ଅନ୍ୟ ୨ଜଣ ତାଙ୍କୁ ମାରଧର କରି ଲହୁଲୁହାଣ କରିଥିବା ନେଇ ସୁଧାଂଶୁ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ୩ତାରିଖ ସନ୍ଧ୍ୟା ୭ଘଟିକା ସମୟରେ ଆଠମାଣିଆ ଗ୍ରାମର ବିବେକ ପରିଡ଼ା ଏକ ମୋଟର ସାଇକେଲରେ କେନ୍ଦ୍ରାପଡ଼ା କେନାଲବନ୍ଧ ଦେଇ ପାଟପୁର ଅଞ୍ଚଳକୁ ଯାଉଥିବାବେଳେ ଆତୋଡ଼ା ପୋଲ ନିକଟରେ ସତିଶ ରାଉତ, ଟୁନା ନାୟକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାରଧର କରିବା ନେଇ ସେ ଜଗତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଜଗତପୁର ଥାନାରେ ପୃଥକ୍ ପୃଥକ୍ ଏହି ୨ଟି ଅଭିଯୋଗ ହୋଇଥିଲେ ମଧ ପୁଲିସ ଏହି ଘଟଣାରେ କାହାରିକୁ ଗିରଫ କରିନଥିବାରୁ ଅଭିଯୋଗକାରୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

## ପୋଷ୍ଟମାଷ୍ଟର ଖାଇଦେଲେ ଜମାକାରୀଙ୍କ ୨୫ ଲକ୍ଷ, ଥାନାରେ ଏତଲା

**ରାଜକନିକା,୧୨।୧୨(ସଂଚାର ବ୍ୟୁରୋ):** ପୋଷ୍ଟମାଷ୍ଟର ଖାଇଦେଲେ ଜମାକାରୀଙ୍କ ଟଙ୍କା। ଲକ୍ଷେ କି ଦୁଇ ଲକ୍ଷ ନୁହେଁ, ପାଖାପାଖୀ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା। ରାଜକନିକା ଥାନା ଅନ୍ତର୍ଗତ ବରୁଣା ଉପ-ଡ଼କାଘରର ପୋଷ୍ଟ ମାଷ୍ଟରଙ୍କ ନାଁରେ ଏମିତି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଜମାକାରୀମାନେ। ଜମାକାରୀମାନେ ଜାଣିନଥିବା ବେଳେ ପୋଷ୍ଟମାଷ୍ଟର ତାଙ୍କ ଜମାଖାତାରୁ ଲକ୍ଷ ଲକ୍ଷ ଟଙ୍କା ଉଠାନେଇଥିବା ଅଭିଯୋଗ ହୋଇଛି। ପୋଷ୍ଟମାଷ୍ଟର ଟଙ୍କା ହଡ଼ପ କରିଥିବା ନେଇ ଡାକବିଭାଗ ନିକଟରେ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ସମ୍ପୃକ୍ତ ପୋଷ୍ଟମାଷ୍ଟରଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି।

ଏବେ ଘଟଣାପଦାକୁ ଆସିବା ପରେ ଜମାକାରୀଙ୍କ ମୁଣ୍ଡରେ ହାତ ଦେଇବସିଛନ୍ତି। ଅନ୍ୟ ଜମାକାରୀମାନେ ତାଙ୍କ ହଡ଼ପ ହୋଇଛି ନା ସୁରକ୍ଷିତ ଅଛି ଜାଣିବା ପାଇଁ ଏବେ ପୋଷ୍ଟ ଅଫିସରେ ଭିଡ଼ ଜମାଇଛନ୍ତି।



ବରୁଣା ଉପ-ଡାକଘରେ ୨ହଜାରରୁ ଉର୍ଦ୍ଧ୍ୱଲୋକଙ୍କ ଜମାଖାତା ରହିଛି। ଏନେଇ ଡାକବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେବା ପରେ ସମ୍ପୃକ୍ତ ପୋଷ୍ଟ ମାଷ୍ଟର ଆଶିକ୍ କୁମାର ମହାଲି ଙ୍କ ନାଁରେ ବିଭାଗ ପକ୍ଷରୁ ରାଜକନିକା ଥାନାରେ ଏତଲା ଦିଆଯାଇଛି। ଅନ୍ୟପଟେ ସମ୍ପୃକ୍ତ ପୋଷ୍ଟ ମାଷ୍ଟର ଏବେ ଫେରାର ହୋଇଯାଇଛନ୍ତି। ବରୁଣା ଉପ-ଡାକଘରେ ହୋଇଥିବା ଜମାଟଙ୍କା ହଡ଼ପଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ସହ ଜମାକାରୀ ମାନଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ସମ୍ପୃକ୍ତ ପୋଷ୍ଟମାଷ୍ଟରଙ୍କ ପତିକ୍ରିୟା ମିଳିପାରିନାହିଁ।

## ନାରୀ ସଚେତନ ହେଲେ ସମାଜରେ ନିଶା ନିବାରଣ ହୋଇପାରିବ

**ପଟ୍ଟାମୁଣ୍ଡାଇ,୧୨।୧୨(ସଂଚାର ବ୍ୟୁରୋ):** ନିଶା ଦ୍ୱାରା କବଳିତ ହୋଇ ବ୍ୟକ୍ତି ମଣିଷ ପଣିଆ ହରାଉଥିବା ବେଳେ ନିଶା ଦ୍ୱାରା ସମାଜ ବ୍ୟାଧିଗ୍ରସ୍ତ ହୋଇପଡିଛି। ନିଶା ଦ୍ୱାରା କବଳିତ ବ୍ୟକ୍ତିର ପରିବାର ଉଜୁଡ଼ି ଯାଉଛି। ତେବେ ନାରୀ ସଚେତନ ହେଲେ ସମାଜ ନିଶା ମୁକ୍ତ ହେବା ସଙ୍ଗେ ସଙ୍ଗେ ନିଶା ନିବାରଣ ହୋଇପାରିବ ବୋଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ଥାନା ଅଧୀନ ନରସିଂହପୁର ପଞ୍ଚାୟତ ନରସିଂହପୁର ଗ୍ରାମର ଦଳିତ ସାହି ଗାଦି ମହାପୁରୁଷ ପ୍ରାଙ୍ଗଣରେ ଅନୁଷ୍ଠିତ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା ପ୍ରକାଶ କରିଛନ୍ତି।



ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଅନିଲ ଚୌଧୁରୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ଯୋଗଦେଇ ଆଜିର ଯୁବପିଢ଼ି ନିଶା ଦ୍ୱାରା କବଳିତ ହୋଇ ପଥଭ୍ରଷ୍ଟ ହେଉଥିବାରୁ ସାମାଜିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଖାଦେବା ସହିତ ସମାଜରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଫଳରେ ବ୍ୟକ୍ତିର ନୈତିକ ସ୍ଖଳନ ଘଟି ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି। ଯୁବପିଢ଼ି ନିଶା ଦ୍ୱାରା କବଳିତ ନ ହେବା ପାଇଁ ଅତିରିକ୍ତ ତହସିଲଦାର ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିବା ଗ୍ରାମର ମହିଳାମାନଙ୍କୁ ଶ୍ରୀ ନାୟକ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ କବି ତଥା ବରିଷ୍ଠ ଚିକିତ୍ସକ ଡା.ମନୋରଞ୍ଜନ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବାରର ନିଶାଗ୍ରସ୍ତ ପୁରୁଷମାନଙ୍କୁ ମହିଳାମାନେ ସାବାଡ୍ କରି ଭଲ ବାଟକୁ ଆଣି ପାରିବେ ବୋଲି ମତବ୍ୟକ୍ତ କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜରେ ଅନ୍ତର୍ଜାତୀୟ ପ୍ରାଣୀ ଅଧିକାର ଦିବସ

**ପଟ୍ଟାମୁଣ୍ଡାଇ,୧୨।୧୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରାଣୀ ବିଜ୍ଞାନ ପ୍ରକୋଷ୍ଠରେ ଆନ୍ତର୍ଯ୍ୟାତୀୟ ପ୍ରାଣୀ ଅଧିକାର ଦିବସ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରହିତ୍ୟରେ ପ୍ରାଣୀଙ୍କ ପ୍ରତି ଦୟ ସୁରକ୍ଷା ଓ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଜନଗର ଜଗନ୍ନାଥ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଅନସୂୟା ବେହେରା ପ୍ରାଣୀ ମାନଙ୍କ ଅଧିକାର ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟଅଧ୍ୟାପିକା ସରୋଜିନୀ ମିଶ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କଲେଜ ଆଇକ୍ୟୁଏସି ସଂଯୋଜକ ସୁଭାଶିଷ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ପ୍ରାଣୀ ବିଜ୍ଞାନ ବିଭାଗ ଲାବୋରେ ଟୋରୀ ଆସିଷ୍ଟାଣ୍ଟ ଓ ଛାତ୍ର ଛାତ୍ରୀ ପରିଚାଳନା କରିଥିଲେ ।

## ବଗପାଟିଆରେ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ବୈଠକ




**ରାଜନଗର,୧୨।୧୨(ସଂଚାର ବ୍ୟୁରୋ):** ଆଜି ସାତଭାୟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ରଘୁନାଥ ଆର ଆୟାରଙ୍କ ପୌରହିତ୍ୟରେ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ଓ ସଚେତନତା ବୈଠକ ବସିଥିଲା। ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ଉପଧାକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ପ୍ରସନ୍ନ କୁମାର ପରିଡାଙ୍କ ସହିତ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ, ବିଡିଓ ଲୋପା ମୁଦ୍ରା ପୃଷ୍ଟି ଓ ଜିଲା ସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସାତଭାୟାବାସୀଙ୍କ ପକ୍ଷରୁ ସୁଦର୍ଶନ ରାଉତ ପଞ୍ଚାୟତର ସମସ୍ୟା ଉପସ୍ଥାପନା କରିବା ସହିତ ଆମକୁ ଜୀବିକା ଉପାର୍ଜନ ପାଇଁ ପ୍ରତ୍ୟକ ପରିବାରକୁ ୨ ଏକର ଲେଖାଏଁ ଚାଷ ଜମି ଯୋଗାଇ ଦିଆଯାଉ। ଦାଦନ ସମସ୍ୟାର ସମାଧାନ ପାଇଁ ସାତଭାୟାରେ ଗାରମେଣ୍ଟ ୟୁନିଟ ଓ ସୁକୁଆ ପ୍ରୋସେସିଂ ୟୁନିଟ ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଯାହା ହେଉ ବଗପାଟିଆକୁ ମଡେଲ ଭିଲେଜ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ଆଜି ସେ ନେଇ ସମୀକ୍ଷା କରାଯାଇଛି ବୋଲି କହିଛନ୍ତି।

# ନକଲି ମେଡିସିନ୍‌କୁ ନକଲି ଡାକ୍ତରଙ୍କ ଖୋଲାମେଲା ବେପାର

### ଓଳାଭର ଅଞ୍ଚଳରେ ଛାଇ ଗଲାଣି ଏଭଳି ବେଉଷା

### ବିକ୍ରି ହେଉଛି ନିମ୍ନମାନର ମେଡିସିନ୍

### ତଦାରଖ କରୁନି ବିଭାଗ



**ରାଜକନିକା,୧୨।୧୨ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ଅଞ୍ଚଳରେ ନକଲି ମେଡିସିନ୍ ଏବେ ରୋଗୀର ଶିରାପ୍ରଶିରାରେ ଚରି ଗଲାଣି। ଏହାଦ୍ୱାରା ପ୍ରଶମିତ ହେବା ବଦଳରେ ଯନ୍ତ୍ରଣା କିନ୍ତୁ କମୁନାହିଁ। ଫଳରେ ଅଯଥାରେ ପାଣି ଭଳି ଟଙ୍କା ଖର୍ଚ୍ଚ ହେଉଛି ସିନା ଉପଶମ ହୋଇ ପାରୁନାହିଁ ବୋଲି ବହୁ ରୋଗୀ ଅଭିଯୋଗ କରିଛନ୍ତି। ମଣିଷ ଜୀବନ ସହ ଖେଳୁଥିବା ଏଭଳି ମେଡିସିନ୍ ଷ୍ଟୋର, ନକଲି ଡାକ୍ତର ରୋଗୀଙ୍କୁ ଶୋଷଣ କରୁଥିଲେ ବି ବିଭାଗୀୟ ନିରବଦ୍ରଷ୍ଟା ସାଧାରଣରେ ଚକିତ କରୁଛି।

ସୂଚନା ଅନୁଯାୟୀ ଓଳାଭରରୁ କଣ୍ଡିଆ ଯାଏ ନହୁଣୀ ଛକ, ପେଗରପଡା, ନମତରା, କଣ୍ଡିଆ ସହ ପଶ୍ଚିମ କନିକାର ଅନେକ ସ୍ଥାନରେ ମେଡିସିନ୍ ଷ୍ଟୋର, ଆଉ ଡାକ୍ତରୀ ସେବା କେନ୍ଦ୍ର ଚାଲୁଛି। ପ୍ରତିଦିନ ଏଠାରେ ଗରିବ ଅସହାୟ ରୋଗୀଙ୍କ ଭିଡ ପରିଲକ୍ଷିତ ହେଉଛି। ସାଧାରଣତଃ ଗ୍ରାମାଞ୍ଚଳରେ ସାମାନ୍ୟ ରୋଗ ହେଉ ବା ଆଉ କିଛି ହେଲେ ପ୍ରଥମେ ସ୍ଥାନୀୟ ଅଞ୍ଚଳର କ୍ୱାକ ବା ନକଲି ଡାକ୍ତରଙ୍କ ପରାମର୍ଶ ନେଇ ଥାଆନ୍ତି ଲୋକେ। ଏହାର କାରଣ ହେଉଛି ଓଳାଭର ରାଧାନାଥ ରଥ ହସ୍ପିଟାଲ ଓ କଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମରୁଡି। ଯାହାଫଳରେ ବେନାମୀ କମ୍ପାନୀର ମେଡିସିନ୍ ଖାଇ ରୋଗ ତ ଭଲ ହୁଏନି ବରଂ ଅଯଥାରେ ଶୋଷଣର ଶୀକାର ହେଉଛନ୍ତି। ଅପରପକ୍ଷେ ମାଳ ମାଳ ମେଡିସିନ୍ ଦୋକାନ ଥିଲେ ବି ଏମାନେ କିନ୍ତୁ ଲାଇସେନ୍ସ ପ୍ରାପ୍ତ ନୁହନ୍ତି। ଯାହାକି ତଦନ୍ତ ସାପେକ୍ଷ । ଏହା ସହିତ ବିନା ଲାଇସେନ୍ସରେ ମଧ ମାଳ ମାଳ ପାଥୋଲାବ୍ ବି ଏହି ଅଞ୍ଚଳରେ ଛାଇ ହୋଇ ଗଲାଣି। ଯେଉଁଥିରେ ସଠିକ୍ ରିପୋର୍ଟ ମିଳୁ ନ ଥିବାର ଅଭିଯୋଗ ହେଉଛି।

ତେବେ ବିନା ଡାକ୍ତରୀ ପାଠରେ ଏତେ ବଡ ରିକ୍ସ୍ ନେଇ ମଣିଷ ଜୀବନ ସହିତ ଖେଳ ଖେଳିବା ଉପରେ ବିଭାଗୀୟ ଅଙ୍କୁଶ୍ ଲାଗିବ କେବେ ବୋଲି ପ୍ରଶ୍ନ ଉଠିଛି । ଏମିତିକି ଏହି ମେଡିସିନ୍ ଷ୍ଟୋରରେ ଉତ୍ତେଜକପୂର୍ଣ୍ଣ ମେଡିସିନ୍ ମିଳୁ ଥିବାରୁ ଯୁବ ପିଢ଼ିଙ୍କୁ ଆକର୍ଷିତ କରୁଛି। ଗର୍ଭନିରୋଧକ ବଟିକାଠୁ ଆରମ୍ଭ କରି ଗର୍ଭ ନିରୁପଣ କିଟ୍ ବି ଏଠାରେ ଉପଲବ୍ଧ ହେଉ ଥିବାରୁ ତାହା ବି ମନ ଇଛା ଚଢା ଦରରେ ବିକ୍ରି ହେଉଛି । ଅପରପକ୍ଷେ ଏଭଳି ଅନିୟମିତତା ଜଳ ଜଳ ଦିଶୁଥିଲେ ବି ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟରଙ୍କ ନିରବଦ୍ରଷ୍ଟା ସାଜିବା ତମାମ ପ୍ରସଙ୍ଗକୁ ସନ୍ଦେହ ଘେରକୁ ଟାଣି ଆଣୁଛି। ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗ ଉପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଦୟ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି ।

### ଗ୍ରାମୀଣ ଉନ୍ନୟନ ବିଭାଗର ଟେଣ୍ଡର ପ୍ରକ୍ରିୟାରେ ମହାଦୁର୍ନୀତି

## ବିଜେଡି ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା

**ନୀଳଗିରି,୧୨।୧୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ବାଲେଶ୍ୱର ଗ୍ରାମୀଣ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟକଳାପରେ ଚାଲିଥିବା ସ୍ୱଚ୍ଛତାର ଅଭାବ, ସୃଷ୍ଟତାର ଅନୁପସ୍ଥିତି ଓ ନିରପକ୍ଷତାର ହ୍ରାସ ନେଇ ଗଭୀର ଚିନ୍ତା ବ୍ୟକ୍ତି କରିବା ସହିତ ବିଭାଗୀୟ ଟେଣ୍ଡର ଦୁର୍ନୀତି, କାମରେ ଅନିୟମିତତା, ବିଧାୟକଙ୍କ ଦ୍ୱାରା ଠିକାଦାରଙ୍କୁ କାମ କରିବାକୁ ଦେବା ବନ୍ଦ କରିବା ସହିତ ଜନସାଧାରଣଙ୍କୁ ନ୍ୟାୟ ଦେବା ପାଇଁ ଗ୍ରାମୀଣ ଉନ୍ନୟନ ବିଭାଗ ଅଫିସ୍ ସମ୍ମୁଖରେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଅଧକ୍ଷତାରେ ପ୍ରତିବାଦ ସଭା ଓ ଗଣ ବିକ୍ଷୋଭ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ପ୍ରତିନିଧି, ଇଂଜିନିୟର ଠିକାଦାର ଓ ଠିକାଦାର ମାନେ ଉପସ୍ଥିତ ଥିଲେ ।



# ଓଡ଼ିଶା ରାଜ୍ୟ ବିହନ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାର ବୈଠକ



**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** କୃଷି ଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ବିହନ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାର ୫୧ତମ ଓ ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥାର ପଞ୍ଚମ ପରିଚାଳନାମଣ୍ଡଳୀ ବୈଠକ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଜୈବିକ କୃଷି ଜୈବିକ ପ୍ରମାଣନ ତଥା ପ୍ରମାଣିତ ବିହନ ଚାଷୀମାନଙ୍କ ପାଇଁ ଏକ ନୂତନ ସୁଯୋଗ ସୃଷ୍ଟି କରୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜୈବିକ ଚାଷକୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦେବା ସହ ଆଗାମୀ ଦିନରେ ବଳଭଦ୍ର ଜୈବିକ ଚାଷ ମିଶନ ଅଧୀନରେ ଅଧିକ ଚାଷଜମି ସାମିଲ ହେବାକୁ ଯାଉଛି। ସାମ୍ପ୍ରତିକ ସମୟରେ ଅମୃତ ଅନ୍ନ ପ୍ରକଳ୍ପ ଜରିଆରେ ଶ୍ରୀମନ୍ଦିରରେ ମଧ୍ୟ ପ୍ରମାଣିତ ଜୈବିକ ଚାଉଳକୁ କୋଠଭୋଗରେ ବ୍ୟବହାର କରାଯାଉଛି। ତେବେ ରାଜ୍ୟରେ ଜୈବିକ କୃଷି କ୍ଷେତ୍ର ସଂଖ୍ୟା ବୃଦ୍ଧି କରିବା ସହ ଅଧିକ ଚାଷୀଙ୍କୁ ଏହି ପ୍ରମାଣନ ପ୍ରକ୍ରିୟାରେ ସାମିଲ କରିବାକୁ ବୈଠକରେ କୃଷି ସଚିବ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା ପକ୍ଷରୁ ସଫଳ କୃଷକଙ୍କ କାହାଣୀ ସମ୍ବଳିତ ପୁସ୍ତିକା, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା ଓ ଓଡ଼ିଶା ରାଜ୍ୟ ବିହନ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏଥିସହ ଚାଷୀମାନଙ୍କୁ କିପରି ସଠିକ୍ ବିହନ ଓ ପ୍ରମାଣନ ପ୍ରଦାନ କରିହେବ, ସେ ଦିଗରେ ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ଗୁରୁତ୍ୱ ଦେଇଥିଲେ। ସମ୍ପୂର୍ଣ୍ଣ ବୈଠକରେ ଓଡ଼ିଶା ରାଜ୍ୟ ବିହନ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାର ନିର୍ଦ୍ଦେଶକ ରବି ନାରାୟଣ ପଣ୍ଡା ବିଷୟବସ୍ତୁ ଆଲୋଚନା କରିଥିଲେ।

## ଯମଜ ବସା ଭ୍ରାତାଙ୍କ ସହ ମୁଖ୍ୟ ସଚିବଙ୍କ ବୈଠକ

# ରାଷ୍ଟ୍ରପତିଙ୍କଠାରେ ଉପସ୍ଥାପିତ ପ୍ରସ୍ତାବ ନେଇ ଆଲୋଚନା

**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗତକାଲି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶାର ସ୍ୱନାମଧନ୍ୟ ସୁସନ୍ତାନ ତଥା ଯମଜ ଭ୍ରାତା ପ୍ରଫେସର କିଶୋର ବସା, ପୂର୍ବତନ ଅଧ୍ୟକ୍ଷ, ନ୍ୟାସନାଲ୍ ମନୁମେଣ୍ଟ ଅଥରିଟି ଓ ଇଞ୍ଜିନିୟର ଅଶୋକ ବସା, ଚେୟାର, ଷ୍ଟ୍ରାଟେଜିକ୍ ପ୍ଲାନିଂ କମିଟି, ୱାର୍ଲ୍ଡ ଫେଡେରେସନ୍ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ ଉପସ୍ଥିତ ଥିଲେ। ଗତ ନଭେମ୍ବର ୧୮ ତାରିଖରେ ସେମାନେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ସମ୍ବନ୍ଧୀୟ ନିଜ ନିଜ କ୍ଷେତ୍ର ସମ୍ବନ୍ଧୀୟ ବିସ୍ତୃତ ପ୍ରସ୍ତାବ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଜିର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କମିଶନର ତଥା ଶାସନ ସଚିବ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗିରୀଶ ଏସ୍.ଏନ୍,




କମିଶନର ତଥା ଶାସନ ସଚିବ ପର୍ଯ୍ୟଟନ ବିଭାଗ ବଳବନ୍ତ ସିଂହ, କମିଶନର ତଥା ଶାସନ ସଚିବ ଏସ୍.ଟି. ଓ ଏସ୍.ସି. ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ବି. ପରମେଶ୍ୱରନ୍, କମିଶନର ତଥା ଶାସନ ସଚିବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଜୟ କେତନ ଉପାଧ୍ୟାୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

ପ୍ରଫେସର କିଶୋର ବସା ରାଷ୍ଟ୍ରପତିଙ୍କୁ ପ୍ରେରିତ ପତ୍ରରେ ଉଲ୍ଲେଖିତ ପ୍ରସ୍ତାବଗୁଡ଼ିକୁ ବିସ୍ତୃତ ଭାବେ ପ୍ରସ୍ତୁତ କରିଥିଲେ ଯାହା ମୟୂରଭଞ୍ଜ ଜିଲ୍ଲାର ସାମାଜିକ, ସାଂସ୍କୃତିକ ଓ ଶିକ୍ଷାଗତ ବିକାଶ ଉପରେ କେନ୍ଦ୍ରିତ ଥିଲା। ସେ ରାଇରାଙ୍ଗପୁରଠାରେ ଏକ ଜାତୀୟ ଜନଜାତି ବିକାଶ ସଂସ୍ଥାନ ସ୍ଥାପନ ପାଇଁ ପ୍ରସ୍ତାବ ରଖିଥିଲେ, ଯାହା ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଜନଜାତି ପ୍ରଧାନ ଅଞ୍ଚଳ ସମୀପରେ ଥିବାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାନ ଭାବେ ଉଭା ହେବାର ସମ୍ଭାବନା ରହିଛି। ଏଥିସହ ସେ ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଏକ ନ୍ୟାସନାଲ୍ ସେଣ୍ଟର୍ ଫର୍ ଝୁମର ସ୍ଥାପନ ପାଇଁ ସେ ପ୍ରସ୍ତାବ ରଖିଥିଲେ। ଏଥିସହ ପ୍ରଫେସର ବସା ଆଦିବାସୀ ସଶକ୍ତିକରଣ, ଐତିହ୍ୟ ସଂରକ୍ଷଣ ଏବଂ ଆଞ୍ଚଳିକ ବିକାଶକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପଗୁଡ଼ିକର ସମ୍ଭାବନା ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେହିପରି ଇଂ. ଅଶୋକ ବସା ଓଡ଼ିଶାରେ ଜଳସମ୍ପଦ ପ୍ରବନ୍ଧନରେ ଯଥୋଚିତ ଶାସନ ବ୍ୟବସ୍ଥା ସ୍ଥାପନାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଭାରତ ଏବେ ଗୁରୁତର ଜଳ ସଂକଟ ଦେଇ ଗତି କରୁଛି ଓ ୨୦୫୦ ସୁଦ୍ଧା ଏହା ଦେଶର ଜିଡିପିରେ ୬ ପ୍ରତିଶତ ଅବନତି ଘଟାଇବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶାରେ ଜଳ ସମ୍ପଦ ପରିଚାଳନା ଏବଂ ଜଳନୀତିର ପୁନର୍ଗଠନ ପାଇଁ ଏକ ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ ପାଇଁ ପ୍ରସ୍ତାବ ରଖିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଉଭୟଙ୍କୁ ଓଡ଼ିଶାର ଉନ୍ନତି ପ୍ରତି ସେମାନଙ୍କ ଅନୁରାଗ ଓ ଦୀର୍ଘମିଆଦି ଗୁରୁତ୍ୱର ସମ୍ପୂର୍ଣ୍ଣ ଗବେଷଣାଭିତ୍ତିକ ପ୍ରସ୍ତାବ ପାଇଁ କୃତଜ୍ଞତା ଜଣାଇବା ସହ ସେମାନଙ୍କ ସମସ୍ତ ପ୍ରସ୍ତାବକୁ ରାଜ୍ୟ ସରକାର ସମୀକ୍ଷା କରି ଉଚିତ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ସହାୟ ହେଲା ବେଦାନ୍ତ

**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲ୍‌ଚେୟାର ଓ ଶ୍ରବଣ ଯନ୍ତ୍ର ଉପକରଣ ଆଦି ପ୍ରଦାନ କରାଯାଇଛି। ଏହି କରୁଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତରେ ଆମର ସାମାଜିକ କାର୍ଯ୍ୟକ୍ରମ ସମ୍ପ୍ରଦାୟ ପାଇଁ ନ୍ୟାୟସଙ୍ଗତ ସୁଯୋଗ ସୃଷ୍ଟି କରିବାରେ ନିହିତ। ହ୍ୱିଲ୍‌ଚେୟାର ଓ ଶ୍ରବଣ ଯନ୍ତ୍ର ସହ ଦିବ୍ୟାଙ୍ଗମାନଙ୍କୁ ସହାୟତା କରିବା ସହ




ପଦକ୍ଷେପର ଅଂଶବିଶେଷ ସ୍ୱରୂପ କମ୍ପାନୀ ଛତାବର, କୁତାଲୋଇ, ପିପିଲିମାଲ ଓ ବଞ୍ଜାରୀ ଆଦି ପଞ୍ଚାୟତର ୨୦ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାର ଓ ଶ୍ରବଣ ଯନ୍ତ୍ର ସହାୟତା ଯନ୍ତ୍ର ପ୍ରଦାନ କରିଛି। ଏହି ପ୍ରୟାସକୁ ଆଗକୁ ବଢ଼ାଇ କମ୍ପାନୀ ୩୦ ଜଣ ଗୋଷ୍ଠୀ ସଦସ୍ୟଙ୍କୁ ସହାୟତା ପ୍ରଦାନ କରିବ ବୋଲି ସୂଚନା ଦେଇଛି। ଏହି ସହାୟକ ଉପକରଣଗୁଡ଼ିକ ବିଲିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଅଭିଲାଷ, ପିପଲିମାଲ୍ ସରପଞ୍ଚ ରଙ୍ଗାଧର ଡିଲା, ଆଶା କର୍ମୀ ଓ ସମ୍ପ୍ରଦାୟର ସଦସ୍ୟ, କମ୍ପାନୀ ଓ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗର ଭାବନାକୁ ସୁଦୃଢ଼ ସେମାନଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାକୁ ସଶକ୍ତ କରିବା ସହ ଗୋଷ୍ଠୀ ଅନ୍ତର୍ଭୁକ୍ତିକରଣ ଓ ସଶକ୍ତିକରଣକୁ ମଜବୁତ କରିଥାଏ। ସେହିପରି ହେମଗିରିସ୍ଥିତ ବିଲିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡକ୍ଟର ଅଭିଲାଷ କହିଛନ୍ତି ଯେ ଉପଯୁକ୍ତ ସହାୟକ ଉପକରଣ ଉପଲବ୍ଧ ହେବା ଦ୍ୱାରା ଦିବ୍ୟାଙ୍ଗମାନଙ୍କ ଜୀବନର ସାମଗ୍ରିକ ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି ଆସିପାରିବ। ବେଦାନ୍ତର ଏହି ପଦକ୍ଷେପ ସମୁଦାୟ ମଧ୍ୟରେ ସୁସ୍ଥ, ଅଧିକ ସ୍ୱାଧୀନ ଜୀବନକୁ ସକ୍ଷମ କରିବା ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ବୋଲି ଡକ୍ଟର ଅଭିଲାଷ କହିଛନ୍ତି।

# ୧୪ରେ ଓଡ଼ିଶା ଆସିବେ ସିଜେଆଇ



**କଟକ,୧୨।୧୨(ସଂଚାର ବ୍ୟୁରୋ):** ଆସନ୍ତା ୧୪ରେ ଓଡ଼ିଶା ଆସିବେ ଦେଶର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ। ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ହେବାକୁ ଥିବା ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଓ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି ଶୀର୍ଷକ ଆଲୋଚନାଚକ୍ରରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଶହୀଦ ଭବନଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ମୁଖ୍ୟ ବକ୍ତା ଭାବେ ଯୋଗଦେବାକୁ ଥିବା ବେଳେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଏକାମ୍ର ୱାକ୍ସରେ ମନ ମୋହିବ ରବିବାର

**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ଏକାମ୍ର ୱାକ୍ସରେ ଆସନ୍ତା ରବିବାର ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ସାଂସ୍କୃତିକ ଅନୁଭୂତି ପ୍ରଦାନ କରୁଥିବା ଓଡ଼ିଆ ଭାଷାର ଗୌରବ ଗାଥା ସାହିତ୍ୟ ଟ୍ରେଲ୍ ଓ ଫିଲ୍ମ ସ୍କ୍ରିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଓଡ଼ିଆ ଭାଷାର ଗୌରବ ଗାଥା ସାହିତ୍ୟ ସହିତ ଆରମ୍ଭ ହେବ ଏବଂ ସନ୍ଧ୍ୟା ୫ଟା ୩୦ ରେ କଳାଭୂମିରେ ଓଡ଼ିଆ ଫିଲ୍ମ ପାନୋରାମା ସହ ଶେଷ ହେବ। ଏହାର ସକାଳ ଅଧିବେଶନଟି 'ଓଡ଼ିଆ ଭାଷାର ଗୌରବ ଗାଥା'ର ଓଡ଼ିଆ ସାହିତ୍ୟ ଯାତ୍ରାରେ ବହୁତ ସୁନ୍ଦର ଗପ କହିବା ଅଧିବେଶନ ହେବ, ଯାହା ବିଖ୍ୟାତ ଓଡ଼ିଆ ଗପ 'ସ୍ୱପ୍ନଭଙ୍ଗ' ଉପରେ ଆଧାରିତ ରହିବ। ଏଥିରେ ସମସ୍ତେ ଏକାଠି ବସି ଗପ ଶୁଣି ଆନନ୍ଦ ନେଇପାରିବେ। ପରସ୍ପରକୁ ପ୍ରଶ୍ନ ପଚାରି, ନିଜର ମତାମତ ଉପସ୍ଥାପନ କରି ଏହାକୁ ଆହୁରି ରୋଚକ କରାଯାଇପାରିବ, ଯାହା ସାହିତ୍ୟପ୍ରେମୀଙ୍କ ପାଇଁ ଏକ ଉଷ୍ମ ଓ ଆକର୍ଷଣୀୟ ପରିବେଶ ସୃଷ୍ଟି କରିବ।

**ଓଡ଼ିଆ ଭାଷାର ଗୌରବ ଗାଥା ସାହିତ୍ୟ ଟ୍ରେଲ୍ ଓ ଓଡ଼ିଆ ଫିଲ୍ମ ସ୍କ୍ରିନିଂ କାର୍ଯ୍ୟକ୍ରମ**

ଏଥିରେ ତାଳବହୁଳ କଳା, ଢାପ୍‌ର ତାଳେ ତାଳେ ଆଉ ଗଭୀର ସାଂସ୍କୃତିକ ମହତ୍ତ୍ୱ ରହିଥିବା କନ୍ଧ ସମ୍ପ୍ରଦାୟର ପାରମ୍ପରିକ ଢାପ୍ ନୃତ୍ୟ ମଧ୍ୟ ଦେଖିବାକୁ ମିଳିବ। ଏକାଠି ଗପ ଓ ଆଉ ଢାପ୍ ନାଚର ସମ୍ମିଶ୍ରଣ ଦର୍ଶକଙ୍କ ଦିନର ଆରମ୍ଭକୁ ଏକ ସୁନ୍ଦର ଅନୁଭୂତି ପ୍ରଦାନ କରିବ ବୋଲି ମତ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଆସନ୍ତା ୧୪ ତାରିଖ ଅପରାହ୍ନ ସାଢ଼େ ୫ଟା ସମୟରେ କଳାଭୂମିରେ ହେବାକୁ ଥିବା ସନ୍ଧ୍ୟା ଅଧିବେଶନର ଓଡ଼ିଆ ଚଳଚ୍ଚିତ୍ର ପରିକ୍ରମାରେ ଓଡ଼ିଆ ଫିଲ୍ମ 'ଅହଲ୍ୟା' ପ୍ରଦର୍ଶିତ ହେବ। ଏହି ଫିଲ୍ମଟି ପୌରାଣିକ ଚରିତ୍ର ଅହଲ୍ୟାଙ୍କୁ ନୂଆ ଭାବେ ଚିତ୍ରଣ କରାଯାଇଛି, ଯାହା ଦେଖିଲେ ମନ ଭରିଯିବ। ଅଧିବେଶନରେ ଫିଲ୍ମର ଡାଇରେକ୍ଟର ବିଜୟ କେତନ ମିଶ୍ର ଉପସ୍ଥିତ ରହିବେ ଓ ଦର୍ଶକଙ୍କ ସହ କଥା ହେବେ ଓ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବେ। ଇଚ୍ଛୁକ ସାହିତ୍ୟ ଓ ସିନେପ୍ରେମୀ ekamra-walks.comରେ ସିଟ୍ ବୁକ୍ କରିପାରିବେ ବୋଲି ଏକାମ୍ର ୱାକ୍ସର ଆୟୋଜକ ସୂଚନା ଦେଇଛନ୍ତି।

# ବାରରେ ଅଗ୍ନିକାଣ୍ଡ ନେଇ ପ୍ରଶ୍ନ ଉଠାଇଲା ବିଜେଡି



**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ସତ୍ୟବିହାର ଅଞ୍ଚଳରେ ଆଜି ଏକ ବାର କମ ରେଷ୍ଟୁରାଣ୍ଟରେ ଅଚାନକ ନିଆଁ ଲାଗିଯାଇଥିବା ଯୋଗୁ ସମଗ୍ର ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଏପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ ଥିବା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନଗୁଡ଼ିକ କେତେଦୂର ସୁରକ୍ଷିତ, ସେନେଇ ବିଜେଡି ପ୍ରଶ୍ନ ଉଠାଇଛି। ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଆଜି ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ ଏହି ବିଲଡିଂରେ ଅଗ୍ନିଶମ ବିଭାଗର ଅନୁମତି ନଥିଲା। ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନଗୁଡ଼ିକରେ କିଭଳି ଅଗ୍ନିକାଣ୍ଡ ଘଟଣାକୁ ରୋକାଯାଇପାରିବ, ସେ ଦାୟିତ୍ୱ ଅଗ୍ନିଶମ ସେବା ବିଭାଗର। କିନ୍ତୁ ଏହିଭଳି ଏକାଧିକ ଘଟଣାମାନ ନିୟମିତ ବ୍ୟବଧାନରେ ସାମ୍ନାକୁ ଆସୁଥିବା ବେଳେ ଅଗ୍ନିଶମ ବିଭାଗ ତା'ର ଦାୟିତ୍ୱ ସଠିକ ଭାବେ ନିର୍ବାହ କରୁଛି କି ନାହିଁ, ସେନେଇ ଜନସାଧାରଣଙ୍କ ମନରେ ସନ୍ଦେହ ପ୍ରକାଶ ପାଉଛି। ଏହି ସ୍ଥାନଗୁଡ଼ିକରେ ଅଗ୍ନିଶମ ବିଭାଗର ଅନୁମତି ଅନୁଯାୟୀ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିବା କଥା ଓ ନିୟମିତ ବ୍ୟବଧାନରେ ଏଗୁଡ଼ିକ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି କି ନାହିଁ, ତା'ର ଅଡିଟ ହେବାର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଦୁର୍ଘଟଣା ଘଟିଯିବା ପରେ ଅଧିକାଂଶ ଘଟଣାରେ ଅଗ୍ନିଶମ ବିଭାଗର ନିୟମ ଅନୁଯାୟୀ ଆବଶ୍ୟକ ଉପକରଣଗୁଡ଼ିକ କାର୍ଯ୍ୟରତ ଅବସ୍ଥାରେ ନ ଥିଲା ବୋଲି ଜଣାପଡୁଛି। ସେହିପରି ଯେହେତୁ ଏହା ଜନସାଧାରଣଙ୍କ ସୁରକ୍ଷା ସହ ସିଧାସଳଖ ଜଡିତ, ତେଣୁ ଏଥିରେ ଖିଲାପ ହେଲେ କୌଣସି ମୁହୂର୍ତ୍ତରେ ବଡ଼ ଧରଣର ବିପର୍ଯ୍ୟୟ ଘଟିବାର ଆଶଙ୍କା ରହିଛି। ଏଥିପ୍ରତି ରାଜ୍ୟ ସରକାର ଯତ୍ନବାନ ହେବା ଜରୁରୀ। ଅଗ୍ନିଶମ ବିଭାଗର ଏସଓପି ସଠିକ ଭାବେ ପାଳନ ହେଉଛି କି ନାହିଁ, ତା'ର ତର୍ଜମା ବି ହେବା ଆବଶ୍ୟକ। ତେଣୁ ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ସକାଶେ ଡ. ମହାନ୍ତି ଦାବି କରିଛନ୍ତି।

## ● 'ଓରିଶା ଟୁଡେ'ର ୨୧ତମ ବାର୍ଷିକ ଉତ୍ସବ

# ନିଷ୍ଠାର ସହ କାମ କରନ୍ତୁ ସାମ୍ବାଦିକ




**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ସମାଜ ସୁଧାର ପାଇଁ ସାମ୍ବାଦିକମାନେ ସତ୍ୟ ଖବର ପରିବେଷଣ ସହ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ। ଯଦି ଖବର ସତ୍ୟ ଓ ନିରପେକ୍ଷ ନ ହେବ, ତେବେ ସମାଜର କ୍ଷତି ହେବ ଓ ଚତୁର୍ଥ ସ୍ତମ୍ଭର ମାନେ କିଛି ରହିବନାହିଁ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଗୁରୁବାର ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଦୈନିକ ଇଂରାଜୀ ସମ୍ବାଦପତ୍ର 'ଓରିଶା ଟୁଡେ'ର ୨୧ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ ଯୋଗଦେଇ ସମ୍ବାଦପତ୍ରର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟକ ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଆଇଆଇଏମ୍‌ସିର ଅଧ୍ୟକ୍ଷ ମୃଣାଳ ଚାଟାର୍ଜୀ ଯୋଗଦେଇ ସମ୍ବାଦପତ୍ରର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆୟ କର ବିଭାଗର ପୂର୍ବତନ ପ୍ରମୁଖ ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ଇଫ୍‌କୋର ପିଆରଓ ପ୍ରସନ୍ନ ବେଉରା, ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଓରିଶା ଟୁଡ଼େର ସମ୍ପାଦକ ଅବିନାଶ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ମନୋଜ ଦାସ, ମିତ୍ରଭାନୁ ପଲେଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଓରିଶା ଟୁଡ଼େର ଖୋର୍ଦ୍ଧା ପ୍ରତିନିଧି ମାଧବାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା।

# ସୌରଶକ୍ତି ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରୁଛି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ

## ଦୀର୍ଘକାଳୀନ ଶକ୍ତି ସୁରକ୍ଷା ହାସଲ ଲକ୍ଷ୍ୟ

**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ସ୍ୱଚ୍ଛ ଏବଂ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରେଳବାଇର ମିଶନ ସହ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ସେବା ଭବନ ଓ ରେଳ ଭିତ୍ତିଭୂମିରେ ଛାତ ଉପରେ ସୌରଶକ୍ତି ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରୁଛି। ସୌରଶକ୍ତି କ୍ଷମତା ସ୍ଥାପନରେ ପ୍ରମୁଖ ଅଗ୍ରଗତି ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୪,୪୦୮ କେଡବ୍ଲ୍ୟୁପିର ଦୀର୍ଘକାଳୀନ ଲକ୍ଷ୍ୟ ସହ ନିରନ୍ତର ଭାବେ ଏହାର ସୌରଶକ୍ତି କ୍ଷମତାକୁ ବିସ୍ତାର କରିଆସୁଛି। ଅଦ୍ୟାବଧି ରେଳମଣ୍ଡଳ ପରିସୀମା ମଧ୍ୟରେ ସୌର ଶକ୍ତି ପ୍ରଗତି କରାଯାଇଥିବା ବେଳେ ୨୦୨୩-୨୪ ପର୍ଯ୍ୟନ୍ତ ଏହା ୧୮୨୬.୦୬ କେଡବ୍ଲ୍ୟୁପି, ୨୦୨୪-୨୫ ପର୍ଯ୍ୟନ୍ତ ୨,୧୮୬.୨୧ କେଡବ୍ଲ୍ୟୁପି, ୨୦୨୫-୨୬ ପର୍ଯ୍ୟନ୍ତ ୭୨୪୭.୭୯ କେଡବ୍ଲ୍ୟୁପି ଓ ଆଜି ସୁଦ୍ଧା ପାଇପ୍‌ଲାଇନ୍‌ରେ ୩,୧୪୮ କେଡବ୍ଲ୍ୟୁପି ରହିଛି। ଏହି ସମ୍ପ୍ରସାରଣ ବିଭିନ୍ନ ସେବା ଭବନର ଛାତ ଉପରେ ସୌରଶକ୍ତି ପ୍ୟାନେଲରେ ସଜ୍ଜିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ସ୍ୱଚ୍ଛ ବିଦ୍ୟୁତ ଉତ୍ପାଦନ କରାଯାଇ ପାରମ୍ପରିକ ଉତ୍ସ ଉପରେ ନିର୍ଭରଶୀଳତାକୁ ହ୍ରାସ କରାଯାଇପାରିବ। ଆଗାମୀ ସୌର ପ୍ଲାଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ପୂର୍ବତଟ ରେଳପଥର ମୋଟ ସ୍ଥାପିତ ସୌର କ୍ଷମତା ୧୪.୪ ଏମ୍‌ଡବ୍ଲ୍ୟୁପି ହେବ, ଯାହା ବାର୍ଷିକ ୧୩୪୧୦ ଟନ୍ କାର୍ବନ ନିର୍ଗମନ ହ୍ରାସ କରିବା ଆଶା ରହିଛି। ଏହି ପଦକ୍ଷେପ ପୂର୍ବତଟ ରେଳପଥର ନବୀକରଣୀୟ ଶକ୍ତି ଗ୍ରହଣ କରିବା ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ପରିବେଶଗତ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅବିଚ୍ଛେଦ୍ୟ ଅଙ୍ଗ।

## ● ମହାତ୍ମା ଗାନ୍ଧିଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟକୁ ବିଜେଡିର ବିରୋଧ

# ବିଧାୟକଙ୍କ ବହିଷ୍କାର ଦାବି, ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ବିଧାନସଭାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ ଓ ମହିଳାଙ୍କ ପ୍ରତି ତାଙ୍କର ଅଭଦ୍ରୋଚିତ ଆଚରଣ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ




ଓ ଅଶାନ୍ତ ମାଲକାନଗିରିର ସ୍ଥିତିକୁ ନିୟନ୍ତ୍ରଣ କରିବା ନିମନ୍ତେ ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିଜେଡି କହିଛି ଯେ ବିଧାନସଭାର ପବିତ୍ର ଗୃହରେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ ଦେଶବାସୀଙ୍କୁ ଆଘାତ ଦେଇଛି। ପୂର୍ବରୁ ଶ୍ରୀ ଖଟୁଆ ଗଣମାଧ୍ୟମରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ଓ ଅଭଦ୍ରୋଚିତ ମନ୍ତବ୍ୟ ଦେଇ ଡ. ସାମନ୍ତସିଂହାରଙ୍କ ଚରିତ୍ର ସଂହାର କରିଥିଲେ। ଏହାର ପ୍ରତିବାଦରେ ରାଜ୍ୟ ମହିଳା କମିଶନ, ପୁଲିସ୍ ମହାନିର୍ଦ୍ଦେଶକ, ଜାତୀୟ ମହିଳା କମିଶନ ଓ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ ବିଜେପି ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶ୍ରୀ ଖଟୁଆଙ୍କ ବିରୋଧରେ ଓଡ଼ିଶା ବିଧାନସଭାରେ ଏଥିକ୍ସ କମିଟି ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଉତ୍ତର ମିଳିପାରି ନାହିଁ। ଅନ୍ୟ ରାଜ୍ୟରେ ଜନପ୍ରତିନିଧିଙ୍କ ଏଭଳି ଆଚରଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାର ନଜିର ରହିଥିବା ବେଳେ ଓଡ଼ିଶା କ୍ଷେତ୍ରରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ବିଷୟ ମହାମହିମ ରାଜ୍ୟପାଳଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀ ଅବଗତ କରିଥିଲେ। ଯଦି ଶ୍ରୀ ଖଟୁଆଙ୍କ ଭଳି ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଆନ୍ତା, ତେବେ ପୁଣି ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ପ୍ରତି ସେ ଅସମ୍ମାନ ପ୍ରଦର୍ଶନ କରିବା ପାଇଁ ସାହସ କରିନଥାନ୍ତେ। ତେଣୁ ତୁରନ୍ତ ଶ୍ରୀ ଖଟୁଆଙ୍କୁ ବିଧାନସଭାରୁ ବହିଷ୍କାର କରିବା ପାଇଁ ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରିବା ସକାଶେ ବିଜେଡି ଦାବି କରିଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଯାଇଥିବା ଉକ୍ତ ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ଲୋକଭବନରେ ରାଜ୍ୟପାଳଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା




**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଲୁକ୍‌କାୟିତ ପ୍ରତିଭାର ସ୍ଫୁରଣ କ୍ଷେତ୍ରରେ ଏହିପରି ପ୍ରତିଯୋଗିତାର ମହତ୍ତ୍ୱ ସଂପର୍କରେ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଯୋଗଦେଇ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତାର ଆଭିମୁଖ୍ୟ ଓ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଦୃଶ୍ୟକଳା, ପରିବେଷଣ କଳା, ବକ୍ତୃତା, ସାଧାରଣ ଜ୍ଞାନ ପ୍ରଭୃତି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମ ଶେଷରେ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ । ଅଧ୍ୟାପକ ଡ. ଜ୍ଞାନରଂଜନ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ କାର୍ଯ୍ୟକ୍ରମର ସହକାରୀ ପ୍ରଫେସର ଡ. ଶାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଢୁଛି ଟାଟୁ ଶିଳ୍ପର ଲୋକପ୍ରିୟତା

# ରାଜ୍ୟର ପ୍ରଥମ ବୃତ୍ତିଗତ କର୍ମଶାଳା ଆୟୋଜିତ

**ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ):** ଓଡ଼ିଶାରେ ସମସାମୟିକ କଳାର ବିକଶିତ ଦୃଶ୍ୟପଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି କାରଣ ଟାଟୁ ଏବଂ ସୃଜନଶୀଳ ଶିକ୍ଷା କ୍ଷେତ୍ରରେ ଏକ ଉଦୀୟମାନ ନାମ କଳିଙ୍ଗ ଇଙ୍କ୍ ପକ୍ଷରୁ ସ୍ଥାନୀୟ ବିକେ କଲେଜ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟସରେ ରାଜ୍ୟର ପ୍ରଥମ ବୃତ୍ତିଗତ ଟାଟୁ କର୍ମଶାଳା ଆୟୋଜିତ ହୋଇଛି। ଛାତ୍ରଛାତ୍ରୀମାନଙ୍କୁ ଟାଟୁ କଳାର ବିସ୍ତୃତ ଦୁନିଆ ସହ ପରିଚିତ କରାଇବା ପାଇଁ ଏହି କର୍ମଶାଳାକୁ ବରିଷ୍ଠ ଟାଟୁ କଳାକାର ଓ ଶିକ୍ଷକ କୁବେର ବାରିକ ଏବଂ ସମ୍ପ୍ରତି ଅନ୍ତର୍ଜାତୀୟ ଟାଟୁ ମହୋତ୍ସବରେ ସ୍ୱୀକୃତି ହାସଲ କରିଥିବା ପ୍ରଶଂସିତ କଳାକାର ଗଣେଶ ବିଶ୍ୱକର୍ମା ପରିଚାଳନା କରିଥିଲେ। ଅଧିବେଶନରେ ଟାଟୁର କ୍ରମବିବର୍ତ୍ତନ, କୌଶଳ, ପରିଷ୍କାର ପରିଚ୍ଛନ୍ନତା ମାନଦଣ୍ଡ ଓ ଡିଜାଇନ୍ ନୀତିଗୁଡ଼ିକର ଏକ ସଂରଚିତ ଅନୁସନ୍ଧାନ ପ୍ରଦାନ କରାଯାଇଥିଲା।



ସେହିପରି ସମଗ୍ର ଦେଶରେ ଯୁବପିଢ଼ିଙ୍କ ଆଗ୍ରହ, ବିଶ୍ୱସ୍ତରୀୟ ପ୍ରକାଶନ ଓ ସ୍ୱାଧୀନ ସୃଜନଶୀଳ କ୍ୟାରିୟରର ବୃଦ୍ଧି ଦ୍ୱାରା ଟାଟୁ କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ଏହି ପରିବର୍ତ୍ତନକୁ ପ୍ରତିଫଳିତ କରି ଆଜିର କର୍ମଶାଳା ଏହି କ୍ଷେତ୍ରରେ ରହିଥିବା କ୍ୟାରିଅର ସୁଯୋଗ ଉପରେ ଦୃଢ଼ ଗୁରୁତ୍ୱାରୋପ କରିଥିଲା। ଷ୍ଟୁଡିଓ ଅଭ୍ୟାସ ଓ ଫ୍ରିଲାନ୍ସିଂଠାରୁ ଆରମ୍ଭ କରି ଜାତୀୟ ଓ ବିଶ୍ୱସ୍ତରୀୟ କଳା ସମ୍ମିଳନୀଗୁଡ଼ିକରେ ଅଂଶଗ୍ରହଣ କରିବା ପର୍ଯ୍ୟନ୍ତ ଆଲୋଚନାର ପର୍ଯ୍ୟାୟଭୁକ୍ତ ଥିଲା। ଟାଟୁ ଆଶାୟୀମାନଙ୍କ ପାଇଁ ଏକ ତାଲିମ ଏବଂ ନବସୃଜନ କେନ୍ଦ୍ର ଭାବେ ନିଜକୁ ସ୍ଥାନିତ କରୁଥିବା 'କଳିଙ୍ଗ ଇଙ୍କ୍', ଏହି ପଦକ୍ଷେପକୁ ଓଡ଼ିଶାରେ ମୁଖ୍ୟଧାରାର କଳା ଶିକ୍ଷାରେ ଟାଟୁ କରିବା ପାଇଁ ଏହାର ପ୍ରୟାସର ଏକ ଅଂଶ ଭାବେ ବର୍ଣ୍ଣନା କରିଥିଲା। ଏହି କର୍ମଶାଳା ଛାତ୍ରଛାତ୍ରୀମାନଙ୍କୁ କେବଳ ଶିଳ୍ପ ମାନଦଣ୍ଡ ସହ ପରିଚିତ କରାଇନଥିଲା, ବରଂ ଟାଟୁ କଳା ବିଷୟରେ ପୁରୁଣା ଧାରଣାକୁ ଦୂର କରିବାକୁ ମଧ୍ୟ ଉଦ୍ୟମ କରିଥିଲା। ଛାତ୍ରଛାତ୍ରୀମାନେ ଲାଇଭ୍ ପ୍ରଦର୍ଶନ, ପ୍ରଶ୍ନୋତ୍ତର ଅଧିବେଶନ ଓ ଇଣ୍ଟରାକ୍ଟିଭ୍ ଡିଜାଇନ୍ କାର୍ଯ୍ୟକଳାପରେ ନିୟୋଜିତ ହୋଇଥିଲେ। ଅଧ୍ୟାପକ ସଦସ୍ୟମାନେ ସ୍ୱୀକାର କରିଥିଲେ ଯେ ଏହି କର୍ମଶାଳା ଯୁବ କଳାକାରମାନଙ୍କୁ ବିକଳ୍ପ ଓ ବିକଶିତ ସୃଜନଶୀଳ କ୍ୟାରିଅର ସହ ପରିଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଆୟୋଜକମାନେ ପ୍ରିନ୍ସିପାଲ ଚନ୍ଦ୍ରଶେଖର ସେଠୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଥିଲେ, ଯାହାଙ୍କ ସମର୍ଥନ ଏହି ପଦକ୍ଷେପ ଆୟୋଜନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେମିନାରରେ ପ୍ରୋତ୍ସାହନ, ମାର୍ଗଦର୍ଶନ ଓ ସକ୍ରିୟ ଉପସ୍ଥିତି ପାଇଁ ସମ୍ମାନିତ ଅଧ୍ୟାପକ ଏବଂ ପରାମର୍ଶଦାତା ଡକ୍ଟର ମୀନକେତନ ପଟ୍ଟନାୟକ, ମାନସ ରଞ୍ଜନ ଜେନା, ପ୍ରଦୀପ କୁମାର ପାତ୍ର, ଛତ୍ରପତି ଦିବ୍ୟରଞ୍ଜନ ବିଶ୍ୱାଳ, ଚୌଧୁରୀ ଆଶିଷ ଶରଣ ଏବଂ ସ୍ୱାଗତିକାଙ୍କୁ ମଧ୍ୟ ବିଶେଷ ଧନ୍ୟବାଦ ଦିଆଯାଇଥିଲା।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର




# ପୁଣି ଅନଶନ କରିବେ ଆନ୍ନା

ଆନ୍ନା ହଜାରେ, ଭାରତର ଦୁର୍ନୀତି ବିରୋଧୀ ଆନ୍ଦୋଳନର ଏକ ଜୀବନ୍ତ ପ୍ରତୀକ, ପୁଣି ଥରେ ଅନଶନରେ ବସିବାକୁ ଘୋଷଣା କରିଛନ୍ତି। ଏଥର ତାଙ୍କର ଲକ୍ଷ୍ୟ ହେଉଛି ମହାରାଷ୍ଟ୍ରରେ ଏକ ସ୍ୱାଧୀନ ଏବଂ ଶକ୍ତିଶାଳୀ ଲୋକାୟୁକ୍ତ ଗଠନ। ଏହି ଘୋଷଣା ରାଜ୍ୟର ରାଜନୈତିକ ପରିବେଶକୁ ଉତ୍ତେଜିତ କରିଛି ଏବଂ ଦୁର୍ନୀତି ବିରୋଧୀ ଲଢେଇରେ ନୂଆ ଅଧ୍ୟାୟ ଆରମ୍ଭ କରିଛି। ଆନ୍ନାଙ୍କ ଏହି ପଦକ୍ଷେପ କେବଳ ମହାରାଷ୍ଟ୍ର ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଏକ ସଜାଗ ସଙ୍କେତ।

୨୦୧୧ରେ ଆନ୍ନା ହଜାରେଙ୍କ ନେତୃତ୍ୱରେ ଜନ ଲୋକପାଳ ଆନ୍ଦୋଳନ ଦେଶକୁ ଏକ ନୂଆ ଦିଗନ୍ତ ଦେଇଥିଲା। ସେତେବେଳେ ଲକ୍ଷ ଲକ୍ଷ ଲୋକ ରାଜପଥରେ ଓହ୍ଲାଇ ଦୁର୍ନୀତି ବିରୋଧୀ କଠୋର ଆଇନ ଦାବି କରିଥିଲେ। ଫଳରେ ଲୋକପାଳ ଆଇନ ପାସ୍ ହୋଇଥିଲା, କିନ୍ତୁ ରାଜ୍ୟ ସ୍ତରରେ ଲୋକାୟୁକ୍ତର ଗଠନ ଏପର୍ଯ୍ୟନ୍ତ ଅଧୁରା ରହିଛି। ମହାରାଷ୍ଟ୍ର ଭଳି ଏକ ଅର୍ଥନୈତିକ ଓ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ଲୋକାୟୁକ୍ତର ଅନୁପସ୍ଥିତି ଦୁର୍ନୀତିକୁ ଆହ୍ୱାନ ଦେଉଛି। ସରକାରୀ ବିଭାଗରେ ଦୁର୍ନୀତିର ଅଭିଯୋଗ ବଢୁଛି, କିନ୍ତୁ ତଦନ୍ତ ଓ ଦଣ୍ଡର ଅଭାବ ଅପରାଧୀମାନଙ୍କୁ ଉତ୍ସାହିତ କରୁଛି। ଏହି ପରିପ୍ରେକ୍ଷୀରେ ଆନ୍ନାଙ୍କ ଅନଶନ ଏକ ଅନିବାର୍ଯ୍ୟ ପଦକ୍ଷେପ।

ଲୋକାୟୁକ୍ତ ହେଉଛି ଏକ ସ୍ୱାଧୀନ ସଂସ୍ଥା ଯାହା ସରକାରୀ ଅଧିକାରୀ ଓ ରାଜନେତାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡ ଦେଇପାରେ। ମହାରାଷ୍ଟ୍ରରେ ଏପର୍ଯ୍ୟନ୍ତ ଲୋକାୟୁକ୍ତ ଆଇନ ରହିଛି, କିନ୍ତୁ ତାହାର କାର୍ଯ୍ୟକାରିତା ଅତ୍ୟନ୍ତ ଦୁର୍ବଳ। ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ଏହି ସଂସ୍ଥା ସ୍ୱାଧୀନ ଭାବେ କାର୍ଯ୍ୟ କରିପାରୁନାହିଁ। ଆନ୍ନା ଦାବି କରୁଛନ୍ତି ଯେ, ଲୋକାୟୁକ୍ତଙ୍କୁ ସମ୍ପୂର୍ଣ୍ଣ ସ୍ୱାୟତ୍ତଶାସନ ଦିଆଯାଉ, ତାଙ୍କର ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ହେଉ ଏବଂ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଏହାର ଅଧୀନରେ ଆସନ୍ତୁ। ଏହା ନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ଅସମ୍ଭବ।



ଆନ୍ନାଙ୍କ ଅନଶନ ରାଜ୍ୟ ସରକାରଙ୍କୁ ଏକ କଠୋର ଚ୍ୟାଲେଞ୍ଜ। ମହାରାଷ୍ଟ୍ରରେ ଦୁର୍ନୀତିର ଅନେକ ଉଦାହରଣ ରହିଛି - ଜମି ଦୁର୍ନୀତି, ନିଯୁକ୍ତି ସ୍କାମ, ଠିକା ଦୁର୍ନୀତି ଇତ୍ୟାଦି। କିନ୍ତୁ ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଆନ୍ନା କହୁଛନ୍ତି, ଯଦି ସରକାର ଲୋକାୟୁକ୍ତ ଗଠନ କରିବାକୁ ଆଗ୍ରହୀ ନୁହଁନ୍ତି, ତେବେ ସେ ଦୁର୍ନୀତିକୁ ସୁରକ୍ଷା ଦେଉଛନ୍ତି। ତାଙ୍କର ଅନଶନ ଏକ ଅହିଂସାତ୍ମକ ପ୍ରତିବାଦ, କିନ୍ତୁ ଏହାର ପ୍ରଭାବ ଅତ୍ୟନ୍ତ ଶକ୍ତିଶାଳୀ। ଏହା ଜନସାଧାରଣଙ୍କୁ ଜାଗ୍ରତ କରିବ ଏବଂ ସରକାରଙ୍କୁ ଦାୟିତ୍ୱବାନ କରିବ।

ଏହି ଆନ୍ଦୋଳନରେ ଯୁବକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୋସିଆଲ ମିଡିଆ ମାଧ୍ୟମରେ ଏହି ଆନ୍ଦୋଳନକୁ ସମର୍ଥନ କରି ଯୁବକମାନେ ଏକ ନୂଆ ବିପ୍ଳବ ଆରମ୍ଭ କରିପାରନ୍ତି। ଆନ୍ନାଙ୍କ ଅନଶନ କେବଳ ଲୋକାୟୁକ୍ତ ଗଠନ ପାଇଁ ନୁହେଁ, ଏହା ସଚ୍ଚୋଟ ଶାସନ ଓ ସ୍ୱଚ୍ଛ ରାଜନୀତିର ଏକ ଆହ୍ୱାନ। ମହାରାଷ୍ଟ୍ର ସରକାର ଏହାକୁ ଗ୍ରହଣ କରି ଶୀଘ୍ର ଲୋକାୟୁକ୍ତ ଗଠନ କରନ୍ତୁ, ନଚେତ୍ ଜନଆକ୍ରୋଶ ଅପ୍ରତିହତ ହେବ।

ଆନ୍ନା ହଜାରେଙ୍କ ଏହି ଅନଶନ ଆମକୁ ମନେ ପକାଉଛି ଯେ, ଦୁର୍ନୀତି ବିରୋଧୀ ଲଢେଇ କେବେ ଶେଷ ହୋଇନାହିଁ। ଏହା ଏକ ନିରନ୍ତର ସଂଗ୍ରାମ। ଆନ୍ନା ହଜାରେ ଜାନୁଆରୀ ୩୦ ତାରିଖରୁ ରାଲେଗଣ ସିଦ୍ଧିରେ ଆମରଣ ଅନଶନ ଘୋଷଣା କରିଛନ୍ତି, ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ ନ ହେବା ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୨୨ରେ ପ୍ରତିଶ୍ରୁତି ଦିଆଯାଇଥିବା ସତ୍ତ୍ୱେ, ଆଇନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଆନ୍ନା କହିଛନ୍ତି ଯେ ସେ ଦେବେନ୍ଦ୍ର ଫଡନାଭିସଙ୍କୁ ସାତ ଥର ଚିଠି ଲେଖିଥିଲେ କିନ୍ତୁ କୌଣସି ଉତ୍ତର ପାଇ ନଥିଲେ, ତେଣୁ ସେ ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିବେ।

# ଜମି ମାଲିକାନା କୃଷକ ହାତକୁ ଯାଉ



**ଗଙ୍ଗାଧର ସାମଲ**

ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ୍ୟ ଗ୍ରାମାଞ୍ଚଳରେ ବାସ କରନ୍ତି। ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯିବ। ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ। ଆସନ୍ତା ବର୍ଷଠାରୁ ଏଥିରୁ ଚାଳିଶ ହଜାର ହେକ୍ଟର ଜଳସେଚିତ ହେବ। ଏସବୁରୁ ସୂଚନା ମିଳୁଛି ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି କିନ୍ତୁ ଅସଲ କଥା ହେଉଛି ଯେ ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ନହେବାର କାରଣ ହେଉଛି ଯେ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। ଯେଉଁମାନେ ଜମିର ମାଲିକ ନୁହନ୍ତି ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁ ଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ହୋଇ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ।

ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ ଯଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସମାଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛାର ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ଦୁଇଗୁଣ ବଢ଼ୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀମାନଙ୍କର ସଂଖ୍ୟା କମିଛି ଏବଂ ତା ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହୋଇଥିବ।

କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶା୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନଥିବାରୁ ଜମିରୁ ଅଧିକ ଫସଲ ଉତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହାସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା ସମସ୍ୟା ପାଇଁ ଦୋଷ ଦେଇହେବନାହିଁ। କାରଣ ତା ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା ହାତରେ ଯଦି କିଛି ପାଣ୍ଠି ନରହେ ତେବେ କୃଷିର ସହିତ ଆନୁସଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ।

ଅନେକ ବର୍ଷ ପରେ ରାଜ୍ୟରେ ନବଗଠିତ ଡବଲ ଇଞ୍ଜିନ ସରକାର କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଭାଗଚାଷୀମାନଙ୍କ ସ୍ୱାର୍ଥକୁ ଜଗିବେ ସରକାର। ଆଣିବେ ନୂଆ ଆଇନ। ଜମି ନଥାଇ ମଧ୍ୟ ସେମାନେ ଋଣ ପାଇପାରିବେ। ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକ ପ୍ରବଣ ରାଜ୍ୟରେ ବିପର୍ଯ୍ୟୟରେ ଫସଲହାନି ହେଲେ ଇନପୁଟ ସବସିଡ଼ି ସହ ବୀମାରାଶି ମଧ୍ୟ ପାଇବାକୁ ହକଦାର ହେବେ। ଏଥିପାଇଁ ସରକାର ନୀତି ଆୟୋଗ ଢ଼ାଞ୍ଚାରେ ନୂଆ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡ଼ି ଚିଠା ବିଲ ପ୍ରସ୍ତୁତ କରିଛନ୍ତି। ଏ ଚିଠା ପ୍ରାଥମିକ ପର୍ଯ୍ୟାୟରେ ଅଛି। ଖୁବ ଶୀଘ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏହା ସହ ଏହି ଯୋଜନାକୁ ସଫଳ କରିବା ପାଇଁ ସରକାର ରାଜ୍ୟର ଚାଷୀ ଓ ଭାଗଚାଷୀଙ୍କ ମତାମତ ଲୋଡ଼ିଲେ। ଜମି ମାଲିକଙ୍କ ମତ ଲୋଡ଼ିବା ପରେ ସରକାର ଏ ନେଇ ଆଗେଇବା ପାଇଁ ଯାଉଛନ୍ତି। ଏଠାରେ ସୂଚାଉଛୁ କି ଯେ, ଭାଗଚାଷୀମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଆଇନରେ ସେଭଳି କିଛି ବ୍ୟବସ୍ଥା ନଥିଲା। ପ୍ରାକୃତିକ ବିପର୍ଯ୍ୟୟ ପରେ ଯାହାକିଛି ରାଜସ୍ୱ ବିଭାଗ ଇନପୁଟ ସବସିଡ଼ି ଆକାରରେ ସହାୟତା ଦେଇଥାଏ। ମାତ୍ର ଭାଗଚାଷୀଙ୍କ ପାଇଁ କିଛି ଆଇନ ନଥିବାରୁ ଏହାର ଲାଭ ଜମି ମାଲିକମାନେ ପାଇଥାନ୍ତି।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ :**
୮୩୨୮୯୪୮୬୪୩ / ୯୪୩୭୨୨୬୬୪୭


# ଅଷ୍ଟ୍ରେଲିଆର ଐତିହାସିକ ଏବଂ ସାହସିକ ପଦକ୍ଷେପ



**ଅସିତ ମହାନ୍ତି**

ଅଷ୍ଟ୍ରେଲିଆ ସମ୍ପ୍ରତି ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସୋସିଆଲ ମିଡିଆରୁ ପ୍ରତିବନ୍ଧିତ କରିବାର ଐତିହାସିକ ପଦକ୍ଷେପ ନେଇଛି। ଏହି ନିଷ୍ପତ୍ତି ପିଲାମାନଙ୍କୁ ଅନଲାଇନ୍ ବିପଦ, ନିଶା ଏବଂ ମାନସିକ ଚାପରୁ ରକ୍ଷା କରିବା ପାଇଁ ନିଆଯାଇଛି।

ସାମାଜିକ ମିଡିଆ ଆଜିର ଦୁନିଆରେ ସବୁଠାରୁ ଶକ୍ତିଶାଳୀ ଉପକରଣ ପାଲଟିଛି। ଏହା ଆମକୁ ସଂଯୋଗ କରେ, ଆମକୁ ସୂଚନା ଦିଏ ଏବଂ ଆମକୁ ମନୋରଞ୍ଜନ କରେ। କିନ୍ତୁ ଯେତେବେଳେ ପିଲାମାନଙ୍କ କଥା ଆସେ, ସେତେବେଳେ ପ୍ରଶ୍ନ ଉଠେ ଯେ ସେମାନେ ଏତେ ଶୀଘ୍ର ଏହି ଭର୍ଚୁଆଲ୍ ଦୁନିଆରେ ପ୍ରବେଶ କରିବା ଉଚିତ କି ନାହିଁ। ଅଷ୍ଟ୍ରେଲିଆ ସମ୍ପ୍ରତି ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରଖିବା ପାଇଁ ଏକ ଆଇନ କାର୍ଯ୍ୟକାରୀ କରି ଏକ ସାହସିକ ପଦକ୍ଷେପ ନେଇଛି। ଏହା ବିଶ୍ୱର ପ୍ରଥମ ଏପରି ନିଷ୍ପତ୍ତି, ଏବଂ ଏହା ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ କେତେ ସୁରକ୍ଷିତ ଏବଂ ଏହି ନିଷେଧ ସଠିକ୍ ଦିଗରେ ଏକ ପଦକ୍ଷେପ କି ନାହିଁ ସେ ବିଷୟରେ ଏକ ବିଶ୍ୱବ୍ୟାପୀ ବିତର୍କ ଆରମ୍ଭ କରିଛି।

ସୋସିଆଲ ମିଡିଆ ଏହାର ରଙ୍ଗୀନ ଚିତ୍ର, ଭିଡିଓ ଏବଂ ନିରନ୍ତର ପରିବର୍ତ୍ତନଶୀଳ ବିଷୟବସ୍ତୁ ଯୋଗୁଁ ପିଲାମାନଙ୍କୁ ଆକର୍ଷିତ କରେ। କିନ୍ତୁ ଏହି ଆକର୍ଷଣ ଧୀରେ ଧୀରେ ନିଶାରେ ପରିଣତ ହୋଇପାରେ। ପିଲାମାନେ ସ୍କ୍ରିନକୁ ଚାହିଁ ଘଣ୍ଟା ଘଣ୍ଟା ବିତାଇଥାନ୍ତି, ଯାହା ସେମାନଙ୍କର ପାଠପଢ଼ା, ନିଦ୍ରା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରଭାବିତ କରିଥାଏ। ଏହା ବ୍ୟତୀତ, ସୋସିଆଲ ମିଡିଆ ଆଲଗୋରିଦମ ବାରମ୍ବାର ପିଲାମାନଙ୍କୁ ଏପରି ବିଷୟବସ୍ତୁ ସହିତ ପ୍ରକାଶ କରେ ଯାହା ସେମାନଙ୍କୁ ଅଧିକ ସମୟ ପାଇଁ ନିୟୋଜିତ ରଖେ। ଏହା କେବଳ ସେମାନଙ୍କର ମାନସିକ ଶାନ୍ତିକୁ ପ୍ରଭାବିତ କରେ ନାହିଁ ବରଂ ସେମାନଙ୍କୁ ଅସ୍ୱାସ୍ଥ୍ୟକର ତୁଳନା ଏବଂ ଆତ୍ମ-ସନ୍ଦେହ ଆଡ଼କୁ ଠେଲି ଦିଏ। ଅଷ୍ଟ୍ରେଲିଆ ଯୁକ୍ତି ଦିଏ ଯେ ଏହି ପ୍ରତିବନ୍ଧକ ପିଲାମାନଙ୍କୁ ଅନଲାଇନ୍ ଶୋଷଣ, ସାଇବର ଧମକ ଏବଂ କ୍ଷତିକାରକ ବିଷୟବସ୍ତୁରୁ ରକ୍ଷା କରିବା ପାଇଁ ଆବଶ୍ୟକ। ସରକାର ଫେସବୁକ୍, ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଟିକଟକ୍ ଏବଂ ସ୍ନାପଚଟ୍ ଭଳି ପ୍ରମୁଖ ପ୍ଲାଟଫର୍ମଗୁଡ଼ିକୁ ୧୬ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କ ଆକାଉଣ୍ଟ ଡିଲିଟ୍ କରିବାକୁ ଏବଂ ନୂତନ ଆକାଉଣ୍ଟ ସୃଷ୍ଟିକୁ ରୋକିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା କରିବାରେ ବିଫଳ ହେଲେ ଭାରୀ ଜରିମାନା ଦେବାକୁ ପଡ଼ିବ। ଅନେକ ପିତାମାତା ଏବଂ ଶିଶୁ-ସୁରକ୍ଷା ସଂଗଠନ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି, କହିଛନ୍ତି ଯେ ଏହା ପିଲାମାନଙ୍କୁ ଏକ ସୁରକ୍ଷିତ ଆରମ୍ଭ ଦେବ। ତଥାପି, ସମାଲୋଚକମାନେ କହିଛନ୍ତି ଯେ ଏହି ପ୍ରତିବନ୍ଧକ ପିଲାମାନଙ୍କର ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଡିଜିଟାଲ୍ ଶିକ୍ଷା ସୁଯୋଗକୁ ସୀମିତ କରିପାରେ। ଆଜିର ଦୁନିଆରେ, ଡିଜିଟାଲ୍ ସାକ୍ଷରତା ପୁସ୍ତକ ଶିକ୍ଷା ପରି ଗୁରୁତ୍ୱପୂର୍ଣ୍ଣ। ଯଦି ପିଲାମାନଙ୍କୁ ସୋସିଆଲ୍ ମିଡିଆରୁ ସମ୍ପୂର୍ଣ୍ଣ ଦୂରରେ ରଖାଯାଏ, ତେବେ ସେମାନେ ବୈଷୟିକ ଦକ୍ଷତା ଏବଂ ଡିଜିଟାଲ୍ ଯୋଗାଯୋଗର ବୁଝାମଣା ହରାଇ ପାରନ୍ତି। ଏହା ବ୍ୟତୀତ, କିଛି ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ସୋସିଆଲ୍ ମିଡିଆକୁ ନିଷେଧ କରିବା ଅପେକ୍ଷା ଅଧିକ ପ୍ରଭାବଶାଳୀ ପନ୍ଥା ହେଉଛି ପିଲାମାନଙ୍କୁ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ସୋସିଆଲ୍ ମିଡିଆ ବ୍ୟବହାର ବିଷୟରେ ଶିକ୍ଷା ଦେବା। ତଥାପି, ଏହା ସ୍ୱୀକାର କରିବାକୁ ପଡ଼ିବ ଯେ କମ୍ ବୟସରେ ଅତ୍ୟଧିକ ସୋସିଆଲ୍ ମିଡିଆ ବ୍ୟବହାର ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ପରିଣାମ ଆଣିପାରେ। କିଶୋରମାନଙ୍କ ମଧ୍ୟରେ କମ ଆତ୍ମସମ୍ମାନ, ଚିନ୍ତା, ମାନସିକ ଅବସାଦ ଏବଂ ସାମାଜିକ ଏକାକୀତା ଭଳି ସମସ୍ୟା ପ୍ରାୟତଃ ଦେଖାଯାଏ। ଅଷ୍ଟ୍ରେଲିଆର ଏହି ପଦକ୍ଷେପ ପିଲାମାନଙ୍କୁ ଏହି ବିପଦରୁ ରକ୍ଷା କରିବାର ଏକ ପ୍ରୟାସ। ଏହା ସେମାନଙ୍କୁ ବାସ୍ତବ ଦୁନିଆରେ ସମ୍ପର୍କ, କ୍ରୀଡା ଏବଂ ଶିକ୍ଷା ଉପରେ ଧ୍ୟାନ ଦେବାର ସୁଯୋଗ ଦିଏ।

ଏହି ନିଷ୍ପତ୍ତିର ଏକ ସକାରାତ୍ମକ ଦିଗ ହେଉଛି ଯେ ଏହା ପରିବାରଗୁଡ଼ିକୁ ପାରସ୍ପରିକ କ୍ରିୟା ପାଇଁ ଏକ ନୂତନ ସୁଯୋଗ ପ୍ରଦାନ କରେ। ଯେତେବେଳେ ପିଲାମାନେ ସୋସିଆଲ ମିଡିଆରୁ ଦୂରରେ ରହିବେ, ସେତେବେଳେ ପିତାମାତା ଏବଂ ପିଲାମାନେ ମୁହାଁମୁହିଁ ଭାବରେ ଅଧିକ ସମୟ ବିତାଇବେ। ଏହା ସମ୍ପର୍କକୁ ମଜବୁତ କରିବ ଏବଂ ପିଲାମାନଙ୍କୁ ବାସ୍ତବ ଅଭିଜ୍ଞତାରୁ ଶିଖିବାର ସୁଯୋଗ ଦେବ। ଶେଷରେ, ଏହି ନିଷେଧ ସମ୍ପୂର୍ଣ୍ଣ ଠିକ୍ କି ସମ୍ପୂର୍ଣ୍ଣ ଭୁଲ ତାହା କହିବା କଷ୍ଟକର। ଏହା ସନ୍ତୁଳନର ପ୍ରଶ୍ନ। ଡିଜିଟାଲ୍ ଦୁନିଆରୁ ପିଲାମାନଙ୍କୁ ସମ୍ପୂର୍ଣ୍ଣ ଭାବରେ କାଟି ଦେବା ବ୍ୟବହାରିକ ନ ହୋଇପାରେ, କିନ୍ତୁ ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସୀମା ସ୍ଥିର କରିବା ଅତ୍ୟାବଶ୍ୟକ। ଅଷ୍ଟ୍ରେଲିଆର ଏହି ପଦକ୍ଷେପ ଏହି ଦିଗରେ ଏକ ପରୀକ୍ଷଣ, ଯାହା ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ଚିନ୍ତା କରିବାକୁ




ବାଧ୍ୟ କରିବ। ତେଣୁ, ଏହା କୁହାଯାଇପାରେ ଯେ ପିଲାମାନେ ସୋସିଆଲ ମିଡିଆରେ ରହିବା ଉଚିତ କି ନାହିଁ ତାହାର ଉତ୍ତର ବୟସ, ପରିପକ୍ୱତା ଏବଂ ଶିକ୍ଷା ଉପରେ ନିର୍ଭର କରେ। ଛୋଟ ପିଲାମାନଙ୍କୁ ଏଥିରୁ ଦୂରେଇ ରଖିବା ନିଶ୍ଚିତ ଭାବରେ ସୁରକ୍ଷିତ, ଯେତେବେଳେ ବଡ଼ କିଶୋରମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ବିଷୟରେ ଶିକ୍ଷା ଦେଇ ଧୀରେ ଧୀରେ ଡିଜିଟାଲ୍ ଦୁନିଆ ସହିତ ପରିଚିତ କରାଯାଇପାରିବ। ଅଷ୍ଟ୍ରେଲିଆର ଏହି ନିଷ୍ପତ୍ତି ଏହି ବିତର୍କକୁ ଆହୁରି ଘନିଷ୍ଠ କରିବ ଏବଂ ହୁଏତ ଭବିଷ୍ୟତରେ ପିଲାମାନଙ୍କ ପାଇଁ ଏକ ସନ୍ତୁଳିତ ଡିଜିଟାଲ୍ ନୀତି ଆଡ଼କୁ ନେଇଯିବ।

ଅଷ୍ଟ୍ରେଲିଆରେ ସମ୍ପ୍ରତି କାର୍ଯ୍ୟକାରୀ ହୋଇଥିବା ଏହି ଐତିହାସିକ ଆଇନ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସୋସିଆଲ ମିଡିଆରୁ ନିଷେଧ କରିଛି। ଏହି ପଦକ୍ଷେପ ପ୍ରତି ପିଲାମାନଙ୍କର ପ୍ରତିକ୍ରିୟା ଅତ୍ୟନ୍ତ ବିବିଧ। ଅନେକ ପିଲା କୁହନ୍ତି ଯେ ଏହି ପ୍ରତିବନ୍ଧକ ସେମାନଙ୍କୁ ଏକାକୀ ଏବଂ ଅଣଦେଖା ଅନୁଭବ କରାଏ। ସେମାନେ ବିଶ୍ୱାସ କରନ୍ତି ଯେ ସୋସିଆଲ ମିଡିଆ ସେମାନଙ୍କ ପାଇଁ ବନ୍ଧୁମାନଙ୍କ ସହିତ ସଂଯୋଗ ସ୍ଥାପନ କରିବା, ନିଜର ପରିଚୟ ଗଠନ କରିବା ଏବଂ ନିଜକୁ ପ୍ରକାଶ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଥିଲା। ବର୍ତ୍ତମାନ, ହଠାତ୍ ଏଥିରୁ ହଟିଯିବାରୁ, ସେମାନେ ଅନୁଭବ କରୁଛନ୍ତି ଯେ ସେମାନଙ୍କର ସ୍ୱରକୁ ଦମନ କରାଯାଇଛି ଏବଂ ସେମାନଙ୍କର ସ୍ୱାଧୀନତା ଛଡ଼ାଇ ନିଆଯାଇଛି।

ଅନ୍ୟପକ୍ଷରେ, କିଛି ପିଲା ସ୍ୱୀକାର କରିଛନ୍ତି ଯେ ଏହି ପଦକ୍ଷେପ ସେମାନଙ୍କୁ ଆଶ୍ୱସ୍ତି ଦେଇଛି। ସୋସିଆଲ ମିଡିଆରେ ତୁଳନା, ପସନ୍ଦ ଏବଂ ଅନୁସରଣକାରୀଙ୍କ ନିରନ୍ତର ଚାପ ସେମାନଙ୍କର ଆତ୍ମସମ୍ମାନକୁ ପ୍ରଭାବିତ କରୁଥିଲା। ବର୍ତ୍ତମାନ ସେମାନେ ଏହି ପ୍ଲାଟଫର୍ମଗୁଡ଼ିକରୁ ଦୂରେଇ ଥିବାରୁ, ସେମାନେ ବାସ୍ତବ ଜୀବନରେ ସମ୍ପର୍କ ଏବଂ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେବାର ସୁଯୋଗ ପାଉଛନ୍ତି। ଅନେକ ପିତାମାତା ଏବଂ ଶିଶୁ ସୁରକ୍ଷା ଗୋଷ୍ଠୀ ମଧ୍ୟ ଏହି ପରିବର୍ତ୍ତନକୁ ସ୍ୱାଗତ କରିଛନ୍ତି, କାରଣ ଏହା ପିଲାମାନଙ୍କର ମନର ଶାନ୍ତି ଏବଂ ଆତ୍ମବିଶ୍ୱାସକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। କିଶୋରମାନଙ୍କ ମଧ୍ୟରେ ଏକ ପ୍ରମୁଖ ଚିନ୍ତା ହେଉଛି ଯେ ସେମାନେ ସେମାନଙ୍କ ସାଥୀମାନଙ୍କଠାରୁ ଅଲଗା ହୋଇଯିବେ। ସାମାଜିକ ଗଣମାଧ୍ୟମ ସେମାନଙ୍କ ଯୋଗାଯୋଗ ଏବଂ ସାମାଜିକ ଜୀବନର ଏକ ଅଂଶ ପାଲଟିଥିଲା। ବର୍ତ୍ତମାନ ସେମାନେ ପଛରେ ପଡ଼ିଯିବା ଏବଂ ସେମାନଙ୍କର ସାମାଜିକ ପରିଚୟ ଦୁର୍ବଳ ହେବାର ଭୟ କରୁଛନ୍ତି। କିଛି ପିଲା ଏହାକୁ 'ଆମ ଅଧିକାର ଉପରେ ଆକ୍ରମଣ' ବୋଲି କହିଛନ୍ତି ଏବଂ ଅନୁଭବ କରୁଛନ୍ତି ଯେ ସରକାର ସେମାନଙ୍କ ମତାମତକୁ ଅଣଦେଖା କରିଛନ୍ତି।

ତଥାପି, ଏହି ନିଷେଧ ଏକ ନୂତନ ବିତର୍କ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ କହିଛନ୍ତି ଯେ ଏହି ପଦକ୍ଷେପ ପିଲା ଏବଂ ପିତାମାତା ଉଭୟଙ୍କ ପାଇଁ ଲାଭଦାୟକ, କାରଣ ଏହା ପରିବାରଗୁଡ଼ିକୁ ଆଲୋଚନା ପାଇଁ ଏକ ନୂତନ ସୁଯୋଗ ପ୍ରଦାନ କରିବ ଏବଂ ପିଲାମାନଙ୍କୁ ଏକ ସୁରକ୍ଷିତ ଆରମ୍ଭ ଦେବ। ସାମଗ୍ରିକ ଭାବରେ, ପିଲାମାନଙ୍କର ପ୍ରତିକ୍ରିୟା ଦୁଇଟି ମେରୁରେ ବିଭକ୍ତ - ଯେଉଁମାନେ ଏହାକୁ ସେମାନଙ୍କ ସ୍ୱାଧୀନତା ଉପରେ ଆକ୍ରମଣ ଭାବରେ ଦେଖନ୍ତି ଏବଂ ଯେଉଁମାନେ ଏହାକୁ ମାନସିକ ଶାନ୍ତି ଏବଂ ବାସ୍ତବ ଜୀବନ ସହିତ ସଂଯୋଗ ପାଇଁ ଏକ ସୁଯୋଗ ଭାବରେ ଦେଖନ୍ତି। ଏହି ବିତର୍କ ଭବିଷ୍ୟତରେ ଆହୁରି ଗଭୀର ହେବ, କାରଣ ବିଶ୍ୱର ଅନ୍ୟ ଦେଶମାନେ ମଧ୍ୟ ସମାନ ପଦକ୍ଷେପ ବିଷୟରେ ବିଚାର କରିପାରନ୍ତି। ଏହି ପଦକ୍ଷେପ କ'ଣ ଫଳାଫଳ ଆଣେ ଏବଂ ସେମାନଙ୍କ ଜୀବନରେ ଏହା କ'ଣ ସକାରାତ୍ମକ ପ୍ରଭାବ ପକାଏ, ତାହା ଦେଖିବା ପାଇଁ ଏହା ନିଶ୍ଚିତ ଭାବରେ ଏକ ପରୀକ୍ଷା ହେବ, ଯାହା ଅନ୍ୟ ଦେଶମାନଙ୍କ ପାଇଁ ଏକ ଶିକ୍ଷା ହେବ।


**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୦୨୮**


# ବନ୍ଦେ ମାତରମ୍: ଭାରତର ଆତ୍ମା, ପ୍ରାଣ ଓ ପରିଚୟ



**ଡ଼ଃ.ଅରୁନ୍ଧତୀ ଦେବୀ**

'ବନ୍ଦେ ମାତରମ' ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ମନ୍ତ୍ର ହେଉ, ବିଭାଜନର ନୁହେଁ। ଖୋଲା ମନରେ ଖୋଲା ହୃଦୟରେ ଏହି ଜାତୀୟ ଗାନକୁ ଆସନ୍ତୁ ଗାନ କରିବା। ପୁନର୍ବାର ଏହି ଗୀତକୁ ମୁକ୍ତ କଣ୍ଠରେ ଜୟଗାନ କରି ନୂଆ ଭାରତ ନିର୍ମାଣ କରିବାର ବେଳ ଆସିଛି। ନିକଟରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ବିଧାନସଭାରେ ଏ ନେଇ ସ୍ୱତନ୍ତ୍ର ସଂକଳ୍ପ ଆଗତ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଲୋକପ୍ରିୟ ଭାବେ ପାଳନ କରୁଛନ୍ତି।

ବନ୍ଦେ ମାତରମ ଗାଥାକୁ ସ୍ମରଣ କରିବା ସୌଭାଗ୍ୟର ବିଷୟ। ସେହି ମନ୍ତ୍ରର ବିଜୟ ଧ୍ୱନି ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲା ଓ ଜାତୀୟତାବୋଧକୁ ପ୍ରେରଣା ଦେଇଥିଲା। ବନ୍ଦେ ମାତରମ୍ ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା। ଏଇ ଗୀତ ଆମକୁ ମନେ ପକାଇ ଦିଏ ସଂଘର୍ଷଭରା ସ୍ୱାଧୀନତା ସଂଗ୍ରାମ କଥା। ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ ଓ ପ୍ରଶ୍ୱାସର ଗତି ସହିତ ଜଡ଼ିତ। ପ୍ରଥମ ଥର ପାଇଁ ଭାରତ ଭୂଖଣ୍ଡକୁ ଭାରତ ମାତା ରୂପେ ବର୍ଣ୍ଣନା କରି ଏହି ସଙ୍ଗୀତ ଲେଖାଯାଇଥିଲା। ଲୋକଙ୍କ ଭିତରେ ଏହା ଏକ ବୈପ୍ଳବିକ ମନୋଭାବ ସୃଷ୍ଟି କରିଥିଲା। ସ୍ୱାଧୀନତା ପର ଠାରୁ ଏହାକୁ ରାଷ୍ଟ୍ର ଗୀତ ଭାବେ ମର୍ଯ୍ୟାଦା ଦିଆଯାଇଛି। ଖୁସିର ଭାରତର ଯଶସ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଏସବୁ ଭାବନାକୁ ପୁଣି ଜାଗ୍ରତ କରିବା ପାଇଁ ବନ୍ଦେ ମାତରମ ପରି ରାଷ୍ଟ୍ରଗୀତକୁ ଉତ୍ସବ ଆକରରେ ପାଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ପ୍ରତି ଜିଲ୍ଲା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସାଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି।

ଅତୀତର ସେହି ସ୍ମୃତି ସବୁ ଇତିହାସରେ ଚିର ବହ୍ନିମାନ ହୋଇ ରହିବ, ବନ୍ଦେ ମାତରମର ୫୦ତମ ବାର୍ଷିକୀ ସମୟରେ ଦେଶକୁ ଦାସତ୍ୱରେ ରହିବାକୁ ବାଧ୍ୟ କରାଯାଇଥିଲା। ଇଂରେଜମାନେ ଯେତେବେଳେ ଭାରତକୁ ଭାଗ ଭାଗ କରିବା ପାଇଁ ଚାହିଁଥିଲେ ସେତେବେଳେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା। ଐତିହାସିକ ତଥ୍ୟ ଅନୁଯାୟୀ ଇଂରେଜମାନେ ଭାରତକୁ ଭାଗ ଭାଗ କରିବା ଲାଗି ବେଙ୍ଗଲକୁ ବାଛି ଥିଲେ। ୧୮୫୭ ବିଦ୍ରୋହ ପରେ ସେମାନେ ଜାଣିଗଲେ ଯେ ଯେଉଁ ଉଦ୍ଦେଶ୍ୟ ନେଇ ସେମାନେ ଆସିଥିଲେ ଭାରତରେ ଆଉ ବେଶି ଦିନ ରହିବା ସମ୍ଭବ ହେବନାହିଁ। ତେଣୁ ସେମାନେ ଭାରତକୁ ଦୁଇ ଭାଗ କରିବାକୁ ଚାହିଁଲେ। ବିଭାଜନ ରାଜନୀତି ଆରମ୍ଭ କଲେ, ବେଙ୍ଗଲକୁ ପ୍ରୟୋଗଶାଳା ବନାଇଲେ। ସେତେବେଳେ ବେଙ୍ଗଲର ବୌଦ୍ଧିକ ସାମର୍ଥ୍ୟ ଦେଶକୁ ଦିଶା ଦେଖାଉ ଥିଲା ସେଥିପାଇଁ ଇଂରେଜମାନେ ବେଙ୍ଗଲକୁ ଭାଗ ଭାଗ କରିବା ଆରମ୍ଭ କରିଥିଲେ। ୧୯୦୫ରେ ସେମାନେ ବେଙ୍ଗଲର ବିଭାଜନ କଲେ। ଇଂରେଜମାନେ ଏହି ପାପ କରିବା ସମୟରେ ବନ୍ଦେ ମାତରମ୍ ଚଟାଣ ଭଳି ରହିଥିଲା। ସେତେବେଳେ ବନ୍ଦେ ମାତରମ୍ ବେଙ୍ଗଲର ଏକତା ପାଇଁ ଗଳି ଗଳିର ସ୍ୱର ପାଲଟିଥିଲା। ବେଙ୍ଗଲକୁ ବିଭାଜନ କରିବା ପରେ ଭାରତକୁ ଭାଙ୍ଗିବା ଲାଗି ଇଂରେଜମାନେ ବୀଜ ରୋପଣ କରିଥିଲେ କିନ୍ତୁ ବନ୍ଦେ ମାତରମ୍ ଏକ ସ୍ୱର ଓ ଏକ ସୂତ୍ର ଭାବେ ଇଂରେଜ ଶାସକଙ୍କ ପାଇଁ ଆହ୍ୱାନ ପାଲଟିଥିଲା। ବେଙ୍ଗଲ ବିଭାଜନ ତ ଘଟିଲା କିନ୍ତୁ ଏକ ବହୁତ ବଡ଼ ସ୍ୱଦେଶୀ ଆନ୍ଦୋଳନ ମୁଣ୍ଡ ଟେକିଲା। ଇଂରେଜମାନେ ବୁଝି ସାରିଥିଲେ ଯେ ବେଙ୍ଗଲ ମାଟିରୁ ବଙ୍କିମ ଚାଟାର୍ଜୀଙ୍କର ଯେଉଁ ସ୍ୱର ବାହାରିଛି ତାହା ସେମାନଙ୍କୁ ଦୋହଲାଇ ଦେଇଛି। ତେଣୁ ସେମାନେ ଏହି ରାଷ୍ଟ୍ରଗୀତ ଉପରେ ତତ୍କାଳୀନ ସମୟରେ ଆଇନଗତ ପ୍ରତିବନ୍ଧକ ଆରମ୍ଭ କରିଥିଲେ। ଏହି ଗୀତ ସହ ଏହାକୁ ଗାଇବା ଓ ଛପାଇବା ଲାଗି ଦଣ୍ଡ ବିଧାନ କରାଗଲା। କିନ୍ତୁ ସେତେବେଳକୁ ଏହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱର ପାଲଟି ସାରିଥିଲା। ବନ୍ଦେ ମାତରମ୍ ପାଇଁ ଅନେକ ପିଲା ଓ ମହିଳା ଗୋରା ସରକାରଙ୍କ ଚାବୁକ ମାଡ଼ ଖାଇବା ସହ ଜୀବନ ମଧ୍ୟ ହାରି ଥିଲେ। ବିଶ୍ୱ ଇତିହାସରେ ଏଭଳି କୌଣସି ସଙ୍ଗୀତ କିମ୍ବା ଗୀତ ନାହିଁ ଯାହାକି ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରେରଣା ଦେଇ ଆସିଛି ସେଥିପାଇଁ ରବୀନ୍ଦ୍ର ଟାଗୋର ଲେଖିଥିଲେ 'ଏକ ସୂତ୍ରରେ ବନ୍ଧା ହଜାରେ ମନ, ଗୋଟିଏ କାମ ପାଇଁ ସମର୍ପିତ ହଜାରେ ଜୀବନ - ବନ୍ଦେ ମାତରମ୍'। ସ୍ୱାଧୀନତା ସମୟରେ ବନ୍ଦେ ମାତରମ୍ ଗାନ୍ଧିଜୀଙ୍କୁ ପସନ୍ଦ ଆସିଥିଲା। ସେ ଏହି ଗୀତକୁ ରାଷ୍ଟ୍ରଗୀତ ଭାବେ ଦେଖିଥିଲେ। ଗାନ୍ଧିଜୀଙ୍କ ଲାଗି ଏହି ଗୀତର ଶକ୍ତି ବଢ଼ିଥିଲା। ଗାନ୍ଧିଜୀ ଲେଖିଥିଲେ 'ଏହାର ଭାବନା ମହାନ, ଅନ୍ୟ ଗୀତ ଅପେକ୍ଷା ମଧୁର। ଏହାର ଏକ ମାତ୍ର ଉଦ୍ଦେଶ୍ୟ ଆମ ଭିତରେ ଦେଶପ୍ରେମର ଭାବନା ଉଦ୍ରେକ କରିବା। ଗାନ୍ଧିଜୀ ଏହି ଗୀତକୁ ଭାରତ ମାତା ଭାବରେ ଦେଖିବା ଓ ସମ୍ମାନ କରିବା ଭାବରେ ବର୍ଣ୍ଣନା କରିଥିଲେ।

ଯେତେବେଳେ ଭାରତ କୌଣସି ସଂକଟର ସମ୍ମୁଖୀନ ହୋଇଛି ଦେଶ ବନ୍ଦେ ମାତରମ୍ ଭାବନା ସହିତ ଆଗକୁ ବଢ଼ିଛି। ଆଜି ବି ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ଭଳି ଅବସରରେ ଏହି ଆତ୍ମା ସବୁଠାରେ ଦୃଶ୍ୟମାନ ହୁଏ କାରଣ ସମସ୍ତଙ୍କ ଘରେ ଗର୍ବର ସହିତ ତ୍ରିରଙ୍ଗା ଉଡେ। ଏହି ଭାବନା ସହିତ ଆଗକୁ ବଢ଼ିବା ସହିତ ଆତ୍ମ ନିର୍ଭର ଭାରତ ଗଢ଼ିବା ଓ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନ ପୂରଣ କରିବା ଦିଗରେ ଆସନ୍ତୁ ଆମେ ସମସ୍ତେ କାର୍ଯ୍ୟ କରିବା। ଅତୀତର ଏକ ସ୍ମୃତି ମନେଅଛି, ଯେତେବେଳେ ବନ୍ଦେ ମାତରମର ୧୦୦ତମ ବାର୍ଷିକ ପାଳନ କରାଗଲା, ସେତେବେଳେ ଦେଶକୁ ଜରୁରୀକାଳୀନ ପରିସ୍ଥିତିର ଶିକୁଳିରେ ବାନ୍ଧି ଦିଆଯାଇଥିଲା। ଏ ବେଦନା ଆମ ସମସ୍ତଙ୍କୁ ସତର୍କ କରିଦିଏ, ଯେପରି ଏଭଳି ପରିସ୍ଥିତି ସ୍ୱାଧୀନ ଭାରତରେ ଆଉ କେବେ ବି ନ ଆସୁ। 'ବନ୍ଦେ ମାତରମ୍' ଆମ ପାଇଁ ଏହି ସଂକଳ୍ପକୁ ପୁନରାବୃତ୍ତି କରିବାର ଏକ ମହାନ ସୁଯୋଗ। ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି। ବନ୍ଦେ ମାତରମ୍ ସଙ୍ଗୀତରୁ ନୂତନ ଶକ୍ତି ଏବଂ ପ୍ରେରଣା ନେଇ ଆମେ ସମସ୍ତେ ଏକ ବୃହତ୍ତର ସମାଜର ବୃହତ୍ତର ରାଜ୍ୟର ବୃହତ୍ତର ରାଷ୍ଟ୍ରକୁ ବେଗବାନ କରାଇବା, ଆଗେଇ ନେବା ଏବଂ ନିଜକୁ ସମର୍ପିତ କରିବା।


**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**

● ଆମେରିକାର କଟକଣାକୁ ଭାରତର ଫୁ'

## ନଭେମ୍ବରରେ ୫ ମାସର ସର୍ବୋଚ୍ଚ ସ୍ତରରେ ରୁଷ ତେଲ ଆମଦାନୀ




ନୂଆଦିଲ୍ଲୀ,୧୨।୧୨: ନଭେମ୍ବରରେ ଭାରତର ରୁଷ ତୈଳ ଆମଦାନୀ ୪ ପ୍ରତିଶତ ବୃଦ୍ଧି ପାଇ ପାଞ୍ଚ ମାସର ସର୍ବୋଚ୍ଚ ସ୍ତରରେ ୨.୬ ବିଲିୟନ ୟୁରୋରେ ପହଞ୍ଚିଛି। ଏହି ରୁଷୀୟ ଅଶୋଧିତ ତୈଳର ଏକ ବଡ଼ ଅଂଶ ଭାରତୀୟ ରିଫାଇନାରୀଗୁଡ଼ିକରେ ପ୍ରକ୍ରିୟାକରଣ କରାଯାଉଛି ଏବଂ ତା'ପରେ ଅଷ୍ଟ୍ରେଲିଆ ସମେତ ଅନେକ ଦେଶକୁ ରପ୍ତାନି କରାଯାଉଛି। ୟୁରୋପୀୟ ଥିଙ୍କ-ଟ୍ୟାଙ୍କ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆରଇଏ) ଏହା କହିଛି। ସିଆରଇଏ କହିଛି ଯେ, ଭାରତ ନଭେମ୍ବରରେ ଚୀନ୍ ପରେ ରୁଷ ଇନ୍ଧନର ଦ୍ୱିତୀୟ ସର୍ବବୃହତ କ୍ରେତା। ଅକ୍ଟୋବରରେ ରୁଷ ତୈଳ କିଣିବା ପାଇଁ ୨.୫ ବିଲିୟନ ୟୁରୋ ଖର୍ଚ୍ଚ କରିଛି। ନଭେମ୍ବରରେ ଚୀନ୍ ରୁଷର ଅଶୋଧିତ ତୈଳ ରପ୍ତାନିର ୪୭ ପ୍ରତିଶତ କିଣିଛି, ତା'ପରେ ଭାରତ (୩୮%), ତୁର୍କୀ (୬%) ଏବଂ ୟୁରୋପୀୟ ସଂଘ (୬ ପ୍ରତିଶତ) ରହିଛି। ଏଥିରେ ଦାବି କରାଯାଇଛି ଯେ, ଡିସେମ୍ବରରେ ଭାରତର କ୍ରୟ ଆହୁରି ବୃଦ୍ଧି ପାଇପାରେ। ଆମେରିକାର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ ପ୍ରତିବନ୍ଧକ ଲାଗୁ ହେବା ପୂର୍ବରୁ ଲୋଡ୍ ହୋଇଥିବା କାର୍ଗୋଗୁଡ଼ିକ ମାସ ସାରା ଯାତ୍ରା କରିବେ। ଅକ୍ଟୋବର ୨ରେ, ଆମେରିକା ରୁଷର ଦୁଇ ବୃହତ୍ ତୈଳ ଉତ୍ପାଦକ, ରୋସନେଫ୍ଟ ଏବଂ ଲୁକୋଏଲ ଉପରେ ପ୍ରତିବନ୍ଧକ ଲଗାଇଥିଲା। ପ୍ରତିବନ୍ଧକ ଯୋଗୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍, ଏଚପିସିଏଲ-ମିତ୍ତଲ ଏନର୍ଜି ଲିମିଟେଡ୍ ଏବଂ ମାଙ୍ଗାଲୋର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ସ ଲିମିଟେଡ୍ ପରି କମ୍ପାନିଗୁଡ଼ିକ ଆମଦାନୀ ବନ୍ଦ କରିଦେଇଛନ୍ତି। ତଥାପି, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ପରି ଅନ୍ୟ ରିଫାଇନାରୀଗୁଡ଼ିକ ପ୍ରତିବନ୍ଧିତ ରୁଷ କମ୍ପାନିଗୁଡ଼ିକଠାରୁ ତେଲ କିଣିବା ଜାରି ରଖିଛନ୍ତି। ଘରୋଇ ରିଫାଇନାରୀଗୁଡ଼ିକ ଦ୍ୱାରା ଆମଦାନୀ ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ, ସରକାରୀ ମାଲିକାନାର ରିଫାଇନାରୀଗୁଡ଼ିକ ନଭେମ୍ବର ମାସରେ ମାସିକ ୨୨ % ରୁଷୀୟ ଅଶୋଧିତ ତୈଳର ପରିମାଣ ବୃଦ୍ଧି କରିଥିବା ସିଆରଇଏ କହିଛି।

ରେକର୍ଡ ସ୍ତରରେ ଭାରତରେ ଆୟ ଓ ସମ୍ପତ୍ତି ଅସମାନତା

# ଜାତୀୟ ଆୟର ୫୮% ନେଇ ଯାଉଛନ୍ତି ଶ୍ରେଷ୍ଠ ୧୦% ଧନୀ



ନୂଆଦିଲ୍ଲୀ,୧୨।୧୨: ଭାରତରେ ଆୟ ଏବଂ ସମ୍ପତ୍ତି ଅସମାନତା ପହଞ୍ଚିଯାଇଛି ରେକର୍ଡ ସ୍ତରରେ। ଆୟ ଅସମାନତାର ଏକ ଦାରୁଣ ଚିତ୍ର ଦେଖିବାକୁ ମିଳିଛି ୱାର୍ଲ୍ଡ ଇନ୍ଇକ୍ୱାଲିଟି ରିପୋର୍ଟ-୨୦୨୬ରେ। ଧନୀ ସମ୍ପତ୍ତି ଯୋଡ଼ିଚାଲିଛି ଆଉ ଗରିବ ତଳକୁ ତଳକୁ ଯାଉଛି। ରିପୋର୍ଟ ମୁତାବକ, ଭାରତର ଜାତୀୟ ଆୟର ୫୮% ଶ୍ରେଷ୍ଠ ୧୦% ଧନୀ ଲୋକଙ୍କ ପାଖକୁ ଚାଲିଯାଉଛି। ଅନ୍ୟପକ୍ଷରେ, ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ମାତ୍ର ୧୫% ହିଁ ମିଳୁଛି। ସମ୍ପତ୍ତି ମାମଲାରେ ବି ସମାନ ସ୍ଥିତି। ଦେଶର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୬୫% ସମ୍ପତ୍ତି ଅଛି ଏବଂ ଟପ୍ ୧%ଙ୍କ ପାଖରେ ପାଖାପାଖି ୪୦%।

ବୁଧବାର ଜାରି ହୋଇଥିବା ଏ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ବ୍ୟକ୍ତି ପିଛା ହାରାହାରି ବାର୍ଷିକ ଆୟ(ପିପିପି) ୬.୫୬ ଲକ୍ଷ ଟଙ୍କା । ଏଥିରେ ଶ୍ରେଷ୍ଠ ୧୦%ଙ୍କୁ ୫୮% ଆୟ ଭାଗ ମିଳୁଛି। ୨୦୨୧ରେ ଏହା ଥିଲା ୫୭% । ଅନ୍ୟପକ୍ଷରେ, ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ଜାତୀୟ ଆୟର ମାତ୍ର ୧୫% ମିଳୁଛି, ଯାହାକି ପୂର୍ବରୁ ୧୩% ଥିଲା । ରିପୋର୍ଟ ଅନୁସାରେ, ସମ୍ପତ୍ତି କ୍ଷେତ୍ରରେ ଅସମାନତା ଚିନ୍ତାର ବିଷୟ । ଭାରତରେ ଶ୍ରେଷ୍ଠ ୧୦% ଲୋକଙ୍କ ପାଖରେ ମୋଟ ସମ୍ପତ୍ତିର ୬୫% ଭାଗ ରହିଛି । ସେହିଭଳି ବ୍ୟକ୍ତି ପିଛା ହାରାହାରି ସମ୍ପତ୍ତି ୨୯.୬୨ ଲକ୍ଷ ଟଙ୍କା । ନିମ୍ନ ସ୍ତରରେ ଥିବା ୫୦% ଜନସଂଖ୍ୟାଙ୍କ ନିକଟରେ ପ୍ରତି ବ୍ୟକ୍ତି ପିଛା ମାତ୍ର ୬.୮୮ ଲକ୍ଷ ଟଙ୍କାର ହାରାହାରି ସମ୍ପତ୍ତି ରହିଛି । ସେହିଭଳି ଶ୍ରେଷ୍ଠ ୧୦% ଧନୀ ବ୍ୟକ୍ତିମାନେ ପ୍ରତ୍ୟେକ ହାରାହାରି ୧୦.୫୮ କୋଟି ଟଙ୍କା ସମ୍ପତ୍ତିର ମାଲିକ । ଶ୍ରେଷ୍ଠ ୦.୦୦୧% ବା ପାଖାପାଖି ୫୬,୦୦୦ ଲୋକଙ୍କ ପାଖରେ ପ୍ରତି ବ୍ୟକ୍ତି ୧୦ କୋଟି ୟୁରୋ ବା ପାଖାପାଖି ୧୦୫୮ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଏହି ରିପୋର୍ଟକୁ ୨୦୦ରୁ ଅଧିକ ବ୍ୟକ୍ତି ପ୍ରସ୍ତୁତ କରିଥାନ୍ତି । ରିପୋର୍ଟ ପାଇଁ ୧୮୦ ଦେଶରୁ ତଥ୍ୟ ଏକତ୍ର କରାଯାଇଥାଏ। ଭାରତରେ ୧୦୦ ପୁରୁଷଙ୍କ ତୁଳନାରେ କେବଳ ୧୫.୭% ମହିଳାଙ୍କ ପାଖରେ ରୋଜଗାର ରହିଛି । ଗତ ଦଶନ୍ଧି ମଧ୍ୟରେ ଏଥିରେ କୌଣସି ସୁଧାର ଦେଖିବାକୁ ମିଳିନାହିଁ । ସମଗ୍ର ବିଶ୍ୱ କଥା ଯଦି ବିଚାରକୁ ନିଆଯାଏ ତେବେ ବିଶ୍ୱର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୭୫% ସମ୍ପତ୍ତି ରହିଛି । ବିଶ୍ୱର ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୨% ସମ୍ପତ୍ତି ରହିଛି। ବିଶ୍ୱର ମୋଟ ଆୟରେ ଏହି ୧୦% ଲୋକଙ୍କ ଅଂଶ ୫୩% ଥିବାବେଳେ ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ମିଳୁଛି କେବଳ ୮% ଆୟ । ଅସମାନତାରେ ଦକ୍ଷିଣ ଆଫ୍ରିକା ପରେ ଭାରତ ରହିଛି । ଦକ୍ଷିଣ ଆଫ୍ରିକାର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୮୫% ସମ୍ପତ୍ତି ଥିବାବେଳେ ଜାତୀୟ ଆୟରେ ଏମାନଙ୍କ ଅଂଶ ରହିଛି ୬୬%। ଲାଟିନ୍ ଆମେରିକୀୟ ଦେଶ ଯେପରି ବ୍ରାଜିଲରେ ଶ୍ରେଷ୍ଠ ୧୦% ଧନୀଙ୍କୁ ମିଳୁଛି ୬୦% ଜାତୀୟ ଆୟ । ୟୁରୋପରେ ସ୍ୱିଡେନ୍ ଏବଂ ନରୱେ ଭଳି ଦେଶ ଭଲ ସ୍ଥାନରେ ଥିବା ଜଣାପଡ଼ିଛି ।

ଆନ୍ନା ହଜାରେଙ୍କ ବଡ଼ ଘୋଷଣା

## ଜାନୁଆରୀ ୩୦ରୁ ଦୁର୍ନୀତି ବିରୋଧରେ ଆମରଣ ଅନଶନ



ନୂଆଦିଲ୍ଲୀ, ୧୨।୧୨; ଦୁର୍ନୀତି ବିରୋଧରେ ପୁଣି ପ୍ରତିବାଦ ଆରମ୍ଭ କରିବେ ଆନ୍ନା ହଜାରେ। ରାଜନୈତିକ ଦୁର୍ନୀତିର ଶତ୍ରୁ ବୋଲି ବିବେଚିତ ଆନ୍ନା ହଜାରେ ପୁଣି ଥରେ ଦୁର୍ନୀତି ବିରୋଧରେ ଅଭିଯାନ ଆରମ୍ଭ କରିଛନ୍ତି। ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ ନ ହେବା ନେଇ କ୍ରୋଧ ପ୍ରକାଶ କରିଛନ୍ତି। ହଜାରେ ମହାରାଷ୍ଟ୍ରର ଅହମଦନଗରର ରାଲେଗଣ ସିଦ୍ଧିରେ ମହାରାଷ୍ଟ୍ର ସରକାରଙ୍କ ବିରୁଦ୍ଧରେ ଏକ ବଡ଼ ଆନ୍ଦୋଳନ ଆରମ୍ଭ କରୁଛନ୍ତି। ସେ ଜାନୁଆରୀ ୩୦ ତାରିଖରୁ ଆମରଣ ଅନଶନ ଆରମ୍ଭ କରିବେ। ସେ କହିଛନ୍ତି ଯେ, ସେ ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଅନେକ ଥର ଚିଠି ଲେଖିଛନ୍ତି, କିନ୍ତୁ କୌଣସି ଉତ୍ତର ପାଇନାହାଁନ୍ତି। ସେ ଏବେ ଏହି ସମସ୍ୟାର ସମାଧାନ ପାଇଁ ଅନଶନ ଆରମ୍ଭ କରିବେ।

ଆନ୍ନା ହଜାରେ ଜାନୁଆରୀ ୩୦ ତାରିଖରୁ ରାଲେଗଣ ସିଦ୍ଧିରେ ଆମରଣ ଅନଶନ ଘୋଷଣା କରିଛନ୍ତି, ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ ନ ହେବା ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୨୨ରେ ପ୍ରତିଶ୍ରୁତି ଦିଆଯାଇଥିବା ସତ୍ତ୍ୱେ, ଆଇନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ହଜାରେ କହିଛନ୍ତି ଯେ, ସେ ଦେବେନ୍ଦ୍ର ଫଡନାଭିସଙ୍କୁ ସାତ ଥର ଚିଠି ଲେଖିଥିଲେ କିନ୍ତୁ କୌଣସି ଉତ୍ତର ପାଇ ନଥିଲେ, ତେଣୁ ସେ ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିବେ।

ଉଲ୍ଲେଖଯୋଗ୍ୟ ଯେ, ୨୦୨୨ରେ ଆନ୍ନା ହଜାରେ ଲୋକାୟୁକ୍ତ ଆଇନ ଦାବି କରି ରାଲେଗାନ ସିଦ୍ଧିରେ ଅନଶନ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏବଂ କେନ୍ଦ୍ର କୃଷିମନ୍ତ୍ରୀ ବ୍ୟକ୍ତିଗତ ଭାବରେ ପ୍ରତିଶ୍ରୁତି ଦେଇ ତାଙ୍କର ଅନଶନ ଶେଷ କରିଥିଲେ। ମୁଖ୍ୟମନ୍ତ୍ରୀ ଫଡନାଭିସ୍ ଏକ କମିଟି ମଧ୍ୟ ଗଠନ କରିଥିଲେ ଏବଂ ଆଇନ ପ୍ରସ୍ତୁତ କରିଥିଲେ। କିନ୍ତୁ ସେବେଠାରୁ ଆଇନ ଉପରେ କୌଣସି ଅପଡେଟ୍ ହୋଇନାହିଁ।

## ବସ୍ ଦୁର୍ଘଟଣାରେ ୯ ମୃତ, ୨୨ ଆହତ



ଚିତ୍ତୁର,୧୨।୧୨: ଆନ୍ଧ୍ରପ୍ରଦେଶରେ ରାସ୍ତାରୁ ଖସି ପଡ଼ିଲା ବସ୍। ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ଘଟିଲା ଦୁର୍ଘଟଣା। ଏହି ଦୁର୍ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ ୯ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୨ଜଣ ଆହତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲାରେ ଘଟିଛି ଏଭଳି ଘଟଣା। ପୁଲିସର କହିବା ମୁତାବକ, ଚିତ୍ତୁରରୁ ପଡ଼ୋଶୀ ତେଲଙ୍ଗାନା ଯାଉଥିବା ବସ୍‌ରେ ଡ୍ରାଇଭର ଏବଂ ଜଣେ କ୍ଲିନରଙ୍କ ସମେତ ୩୭ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଜଣାପଡ଼ିଛି। ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଅମିତ ବରଦାର କହିଛନ୍ତି ଯେ, ଦୁର୍ଘଟଣାଟି ଭୋର ପ୍ରାୟ ୪:୩୦ ସମୟରେ ଚିନ୍ତୁର-ମାରେଡୁମିଲ୍ଲୀ ଘାଟ ରାସ୍ତାରେ ଏକ ଦୁର୍ଗା ମନ୍ଦିର ନିକଟରେ ଘଟିଥିଲା। ବସ୍ ସମ୍ପୂର୍ଣ୍ଣ ଭାବରେ ଘାଟିରେ ନପଡ଼ି ଓଲଟି ପଡ଼ିଥିଲା ଏବଂ ଅଧାରେ ଫସି ରହିଥିଲା। ଆହତମାନଙ୍କ ମଧ୍ୟରୁ ଏବେ ଚାରି ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମ୍ଭବତଃ ଘନ କୁହୁଡ଼ି ଯୋଗୁଁ, ବସ୍ ଡ୍ରାଇଭର ରାସ୍ତାର ମୋଡ଼ ଦେଖିପାରିନଥିଲେ, ଯାହା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଆହତମାନଙ୍କୁ ତୁରନ୍ତ ଭଦ୍ରାଚଳମ୍ କ୍ଷେତ୍ର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଯାତ୍ରୀମାନେ ଭଦ୍ରାଚଳମ୍ ମନ୍ଦିର ଦର୍ଶନ କରି ଘରକୁ ଫେରୁଥିଲେ ବୋଲି ଜଣାପଡ଼ିଛି।

## ଭୂକମ୍ପରେ ପୁଣି ଥରିଲା ଜାପାନ; ସୁନାମି ଆଲର୍ଟ

ନୂଆଦିଲ୍ଲୀ ୧୨।୧୨; ଭୂକମ୍ପ ଝଟକାରେ ଥରିଲା ଜାପାନ। ଜାପାନର ଆଓମୋରିର ହାଚିନୋହେରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଯାହାର ରିକ୍ଟର ସ୍କେଲରେ ତୀବ୍ରତା ୬.୭ ରେକର୍ଡ କରାଯାଇଛି। ଶୁକ୍ରବାର ଜାପାନରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଏହି ଭୂକମ୍ପର ଗଭୀରତା ୧୦.୭ କିଲୋମିଟର ଥିଲା।। ଭୂକମ୍ପ ପରେ ତୁରନ୍ତ ସୁନାମି ଚେତାବନୀ ଜାରି କରାଯାଇଥିଲା। ଦେଶର ହୋକାଇଡୋ ଏବଂ ଆଓମୋରିର ପ୍ରଶାନ୍ତ ମହାସାଗରୀୟ ଉପକୂଳ ଅଞ୍ଚଳ ଏବଂ ଇୱାଟେ ଏବଂ ମିୟାଗି ପ୍ରିଫେକ୍ଚର ପାଇଁ ସୁନାମି ସତର୍କତା ଜାରି କରାଯାଇଥିଲା। ପୂର୍ବରୁ ୭.୫ ତୀବ୍ରତାର ଭୂକମ୍ପ ଆସିଥିଲା। ଯାହା ପାଇଁ ସୁନାମି ସତର୍କତା ଜାରି କରାଯାଇଥିଲା। ୫ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ଭୂକମ୍ପକୁ ଗୁରୁତର ବୋଲି ବିବେଚନା କରାଯାଏ ଏବଂ ପ୍ରାୟତଃ ଏହା କ୍ଷତି ଘଟାଇଥାଏ। ତଥାପି, କ୍ଷତିର ପରିମାଣ ଏପର୍ଯ୍ୟନ୍ତ ଆକଳନ କରାଯାଉଛି। କୌଣସି ମୃତାହତ କିମ୍ବା ସମ୍ପତ୍ତି କ୍ଷୟକ୍ଷତି ନିଶ୍ଚିତ ହୋଇନାହିଁ। ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ବାସିନ୍ଦାଙ୍କୁ ସରକାରୀ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରାଯାଇଛି।

ଡିଜିସିଏର ବଡ଼ କାର୍ଯ୍ୟାନୁଷ୍ଠାନ

## ୪ ଉଡ଼ାଣ ପରିଚାଳନା ନିରୀକ୍ଷକ ନିଲମ୍ବିତ




ନୂଆଦିଲ୍ଲୀ,୧୨।୧୨: ଏକାଧିକ ବିମାନ ବାତିଲ୍ ହେବା ପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)। ଇଣ୍ଡିଗୋ ଏୟାରଲାଇନ୍ସର କାର୍ଯ୍ୟକ୍ଷମ ସମସ୍ୟାର ପ୍ରାରମ୍ଭିକ ତଦନ୍ତ ପରେ ଡିଜିସିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦୋଷୀ ସାବ୍ୟସ୍ତ ହେବା ପରେ, ଡିଜିସିଏ ଇଣ୍ଡିଗୋର ତତ୍ତ୍ୱାବଧାନ କରୁଥିବା ୪ଜଣ ଉଡ଼ାଣ ପରିଚାଳନା ନିରୀକ୍ଷକଙ୍କୁ ନିଲମ୍ବିତ କରିଛି।

ଏହି ସମସ୍ତ ନିରୀକ୍ଷକ ଇଣ୍ଡିଗୋ ବିମାନର ସୁରକ୍ଷା ଏବଂ ପରିଚାଳନା ଯାଞ୍ଚ ପାଇଁ ଦାୟୀ ଥିଲେ। ଯାଞ୍ଚ ଏବଂ ତଦାରଖରେ ଅବହେଳା ଡିଜିସିଏକୁ ଏହି କଠୋର ପଦକ୍ଷେପ ନେବାକୁ ବାଧ୍ୟ କରିଛି। ଯେଉଁ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେମାନେ ସମସ୍ତେ ଡିଜିସିଏ ଦ୍ୱାରା ଚୁକ୍ତିଭିତ୍ତିକ ଭାବରେ ନିଯୁକ୍ତି ପାଇଥିଲେ ଏବଂ ବିମାନ କମ୍ପାନୀଗୁଡ଼ିକ, ବିଶେଷକରି ଇଣ୍ଡିଗୋର ସୁରକ୍ଷା ଏବଂ ପରିଚାଳନା ତଦାରଖ କାର୍ଯ୍ୟ କରୁଥିଲେ।

ଦିଲ୍ଲୀ ହାଇକୋର୍ଟ ପୂର୍ବରୁ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ବିମାନ ଚଳାଚଳରେ ବାଧା ଏବଂ ବିମାନବନ୍ଦରରେ ଯାତ୍ରୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ କଡ଼ା ପ୍ରଶ୍ନ ପଚାରିଥିଲେ। କୋର୍ଟ ପଚାରିଥିଲେ ଯେ, ହଠାତ୍ ଏହି ପରିସ୍ଥିତି କାହିଁକି ସୃଷ୍ଟି ହେଲା ଏବଂ ଯାତ୍ରୀମାନଙ୍କୁ ସହାୟତା କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି? କୋର୍ଟ ଏହା ମଧ୍ୟ ଜାଣିବାକୁ ଚାହିଁଥିଲେ ଯେ, ସରକାର ବିମାନବନ୍ଦରରେ ଫସି ରହିଥିବା ଯାତ୍ରୀମାନଙ୍କ କଷ୍ଟକୁ ଦୂରକରିବା ପାଇଁ କ'ଣ ବ୍ୟବସ୍ଥା କରିଛନ୍ତି। ଯାତ୍ରୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି? ହାଇକୋର୍ଟ ଏହା ମଧ୍ୟ କହିଥିଲେ ଯେ, ଏହି ପ୍ରସଙ୍ଗ କେବଳ ଯାତ୍ରୀଙ୍କ ଅସୁବିଧା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଆର୍ଥିକ କ୍ଷତି ଏବଂ ସିଷ୍ଟମ ବିଫଳତା ସହ ମଧ୍ୟ ଜଡିତ। ଦେଶର ସବୁଠୁ ବଡ଼ ଏୟାରଲାଇନ୍ ଇଣ୍ଡିଗୋର ଉଡ଼ାଣ ଗୁରୁତର ପ୍ରଭାବିତ ହେବାରୁ ଦେଶବ୍ୟାପୀ ଯାତ୍ରୀମାନଙ୍କୁ ନାହିଁ ନଥିବା ଯନ୍ତ୍ରଣା ଭୋଗିବାକୁ ପଡ଼ିଥିଲା। ମୁମ୍ବାଇଠାରୁ ଆରମ୍ଭ କରି ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଆଦି ବିଭିନ୍ନ ସହରର ବିମାନବନ୍ଦରରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବିମାନକୁ ଅପେକ୍ଷା କରି ନିରାଶ ହୋଇଥିଲେ। ଡିସେମ୍ବର ୩ରେ ଇଣ୍ଡିଗୋର ୨୦୦ରୁ ଅଧିକ ବିମାନର ଉଡ଼ାଣ ବାତିଲ ହୋଇଥିଲା।

ଅନ୍ତରୀଣ ସରକାର ମୋତେ ଅପମାନିତ କରୁଛି

## ଇସ୍ତଫା ଦେବେ ବାଂଲାଦେଶ ରାଷ୍ଟ୍ରପତି



ଢାକା ୧୨।୧୨: ବାଂଲାଦେଶରେ ଶେଖ ହସିନାଙ୍କ ସରକାରର ପତନ ପରେ ରାଷ୍ଟ୍ରପତି ମହମଦ ଶାହବୁଦ୍ଦିନ ଏକମାତ୍ର ବ୍ୟକ୍ତି ଯିଏ ସାମ୍ବିଧାନିକ ପଦରେ ଅଛନ୍ତି। ହେଲେ ଦେଶର ଅନ୍ତରୀଣ ସରକାର ଲଗାତାର ତାଙ୍କର ଅପମାନ କରୁଛନ୍ତି। ଗୁରୁବାର ଦେଶରେ ନିର୍ବାଚନ ଘୋଷଣା ପରେ ସେ କହିଛନ୍ତି ଯେ ଫେବୃଆରୀରେ ନିର୍ବାଚନ ପରେ ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଇସ୍ତଫା ଦେବାର ଯୋଜନା କରୁଛନ୍ତି। ମହମଦ ଶାହାବୁଦ୍ଦିନ ଏପ୍ରିଲ ୨୦୨୩ରେ ବାଂଲାଦେଶର ୨୨ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ନିର୍ବିରୋଧରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।

ମହମଦ ଶାହବୁଦ୍ଦିନ ହସିନାଙ୍କ ଆବାମୀ ଲିଗ୍ ର ନେତା। ୫ ଅଗଷ୍ଟ ୨୦୨୪ରେ ହସିନା ସରକାରରୁ ହଟିବା ପରେ ସେ ପ୍ରତି କଥାରେ ଅପମାନିତ ହେଉଥିଲେ ହେଁ ଔପଚାରିକ ପଦବୀରେ ରହି ଦାୟିତ୍ୱ ତୁଲାଉଛନ୍ତି। ସେ ଏକ ସମ୍ବାଦ ସରବରାହ ସଂସ୍ଥାକୁ କହିଛନ୍ତି ଯେ, ଏଥି ପାଇଁ ଇସ୍ତଫା ଦେବାକୁ ଚାହୁଁଛନ୍ତି କାରଣ ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ଦ୍ୱାରା ଅପମାନିତ କରାଯାଉଛି। ରାଷ୍ଟ୍ରପତିଙ୍କର କୌଣସି ଶକ୍ତି ରଖା ଯାଇ ନାହିଁ।

ଏକ ସାକ୍ଷାତକାରରେ ମହମ୍ମଦ ଶାହବୁଦ୍ଦିନ କହିଛନ୍ତି ଯେ 'ମୁଁ ଯିବାକୁ ଚାହୁଁଛି, ବାହାରିଯିବାରେ ହିଁ ମୋର ରୁଚି। ହେଲେ ଯେଉଁ ପର୍ଯ୍ୟନ୍ତ ନିର୍ବାଚନ ନ ହୋଇଯାଇଛି ସେ ପର୍ଯ୍ୟନ୍ତ ମୋତେ ପଦରେ ରହିବାକୁ ପଡିବ। ମୁଁ ଏଥି ପାଇଁ ମୋ ପଦରେ ରହିଛି କାରଣ ସମ୍ବିଧାନ ଦ୍ୱାରା ମୋତେ ଏହା କରିବା ଦରକାର'। ରାଷ୍ଟ୍ରପତି ଅଭିଯୋଗ କରିଛନ୍ତି ଯେ, ଅନ୍ତରୀଣ ସରକାର ମୁଖ୍ୟ ୟୁନୁସ ପାଖାପାଖି ୭ ମାସ ହେଲା ତାଙ୍କୁ ଭେଟି ନାହାନ୍ତି। ତାଙ୍କର ପ୍ରେସ୍ ବିଭାଗ ତାଙ୍କ ହାତରୁ ଛଡାଇ ନିଆଯାଇଛି ଓ ସେପ୍ଟେମ୍ବର ମାସରୁ ସାରା ବିଶ୍ୱରେ ଥିବା ବାଂଲାଦେଶ ଦୂତାବାସମାନଙ୍କରୁ ତାଙ୍କ ଫଟୋଚିତ୍ର କାଢ଼ି ଦିଆଯାଇଛି।

ବାଂଲାଦେଶ ରାଷ୍ଟ୍ରପତି ସେନାର କମାଣ୍ଡର-ଇନ-ଚିଫ ଅଟନ୍ତି। ହେଲେ ସବୁ କ୍ଷମତା ମହମଦ ୟୁନୁସ ଓ ତାଙ୍କ କ୍ୟାବିନେଟ ହାତରେ ରହିଛି। କୌଣସି ରାଷ୍ଟ୍ରପତିଙ୍କ ପାଇଁ ଏହା ଘୋର ଆପମାନ। ଏହି ସବୁ ପ୍ରସଙ୍ଗରେ ରାଷ୍ଟ୍ରପତି ମହମଦ ୟୁନୁସଙ୍କୁ ପତ୍ର ମଧ୍ୟ ଲେଖିଥିଲେ, ହେଲେ ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ ଓ ରାଷ୍ଟ୍ରପତିଙ୍କ ସ୍ୱରକୁ ଦବାଇ ଦିଆଯାଇଛି। ନ୍ୟୁଜ ଏଜେନ୍ସୀଙ୍କ ଅନୁସାରେ ୟୁନୁସଙ୍କ ପ୍ରେସ ପରାମର୍ଶଦାତାମାନେ ପ୍ରସଙ୍ଗରେ କୌଣସି ଟିପ୍ପଣୀ କରି ନାହାନ୍ତି। ଶାହବୁଦ୍ଦିନ କହିଛନ୍ତି ଯେ, ଦେଶରେ ହସିନା ସରକାର ଭଙ୍ଗ ପରେ କିଛି ବିକ୍ଷୋଭକାରୀ ଛାତ୍ର ତାଙ୍କର ଇସ୍ତଫା ଦାବି କରିଥିଲେ। ହେଲେ ଦେଶର କୌଣସି ରାଜନୈତିକ ପାର୍ଟିମାନେ ଗତ ଦିନମାନଙ୍କରେ ତାଙ୍କୁ ଏପରି କୌଣସି ଅନୁରୋଧ କରି ନାହାନ୍ତି। ପ୍ରକାଶଥାଉ କି, ୭୫ ବର୍ଷ ବୟସ୍କ ଶାହବୁଦ୍ଦିନଙ୍କ କାର୍ଯ୍ୟକାଳ ଏପ୍ରିଲ ୨୦୨୮ରେ ସମାପ୍ତ ହେବ।

ବିଜେପି ନେତାଙ୍କ ଘୋଷଣା

## ପଶ୍ଚିମବଙ୍ଗରେ ହେବ ରାମ ମନ୍ଦିର ନିର୍ମାଣ

କୋଲକାତା, ୧୨।୧୨: ନିଲମ୍ବିତ ଟିଏମସି ବିଧାୟକ ହୁମାୟୁନ କବୀର ମୁର୍ଶିଦାବାଦର ରେଜିନଗରରେ ବାବ୍ରି ମସଜିଦ ପରି ଅନୁରୂପ ଏକ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁସଲିମ ବହୁଳ ମୁର୍ଶିଦାବାଦ ଜିଲ୍ଲାରେ ଉତ୍ତେଜନା ଜାରି ରହିଥିବାରୁ, ଏହି କାର୍ଯ୍ୟକ୍ରମ କଡା ସୁରକ୍ଷା ମଧ୍ୟରେ ସମ୍ପନ୍ନ ହୋଇଥିଲା। ଅପରପକ୍ଷରେ ଠିକ ସେହିଦିନ ବିଜେପି ନେତା ସଞ୍ଜୟ ପୋୟରା ମୁର୍ଶିଦାବାଦର ବଞ୍ଜାଟିଆ ମନିନ୍ଦ୍ର ନଗରରେ ରାମ ମନ୍ଦିର ନିର୍ମାଣ ନେଇ ଘୋଷଣା କରିଥିଲେ। ଏହି ଘଟଣା ଏବେ ପଶ୍ଚିମବଙ୍ଗରେ ରାଜନୈତିକ ଝଡ଼ ସୃଷ୍ଟି କରିଛି।

ଡିସେମ୍ବର ୧୧ ତାରିଖରେ ବିଧାନ ନଗରର ପ୍ରମୁଖ ଅଞ୍ଚଳରେ ରାମ ମନ୍ଦିର ନିର୍ମାଣ କରାଯିବା ନେଇ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଯେଉଁଥିରେ ଅଯୋଧ୍ୟାରେ ରାମ ମନ୍ଦିର ପରି ଏକ ବିଶାଳ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଘୋଷଣା କରାଯାଇଥିଲା। ଏହି ପୋଷ୍ଟରଗୁଡ଼ିକରେ ସ୍ଥାନୀୟ ବିଜେପି ନେତା ଏବଂ ପୂର୍ବତନ ୟୁନିଟ୍ ର ସଭାପତି ସଞ୍ଜୟ ପୋୟରାଙ୍କ ନାମ ଲେଖାଯାଇଥିଲା। ଏହାଛଡା ପୋଷ୍ଟରରେ ରାମ ମନ୍ଦିର, ଏକ ସ୍କୁଲ, ଏକ ହସ୍ପିଟାଲ ଏବଂ ଏକ ବୃଦ୍ଧାଶ୍ରମ ଭଳି ସୁବିଧା ବିଷୟରେ ଉଲ୍ଲେଖ କରାଯାଇଥିଲା। ଏହାସହ ଏସବୁକୁ ନିର୍ମାଣ କରିବାରେ ସାହାଯ୍ୟ କରିବା ପାଇଁ ପ୍ରତ୍ୟେକ ବାସିନ୍ଦାଙ୍କୁ ଗୋଟିଏ ଟଙ୍କା ଦାନ କରିବାକୁ ଅନୁରୋଧ କରାଯାଇଥିଲା।

ଏହି ଘଟଣାକୁ ନେଇ ପୋଏରା କହିଛନ୍ତି ଯେ,ରାମ ମନ୍ଦିର ବିନା ରାମଙ୍କ ରାଜ୍ୟ ଅସମ୍ପୂର୍ଣ୍ଣ। ଅଯୋଧ୍ୟା ପରି ବିଧାନଗରରେ ଆଉ ଏକ ରାମ ମନ୍ଦିର ନିର୍ମାଣ ହେବ। ଏହି ମନ୍ଦିରର ଭିତ୍ତିପ୍ରସ୍ତର ମାର୍ଚ୍ଚ ୨୬ ତାରିଖ ରାମ ନବମୀ ଦିନ ସ୍ଥାପନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। କେବଳ ମନ୍ଦିର ନୁହେଁ, ଏହାସହିତ ଏକ ସ୍କୁଲ, ହସ୍ପିଟାଲ ଏବଂ ବୃଦ୍ଧାଶ୍ରମ ମଧ୍ୟ ନିର୍ମାଣ କରାଯିବ ବୋଲି ସଞ୍ଜୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କେବଳ ମନ୍ଦିର ନିର୍ମାଣ କରିବା ନୁହେଁ, ବରଂ ସମାଜକୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧା ଯୋଗାଇବା ଆମର ଲକ୍ଷ୍ୟ ଅଟେ।

ଏସ୍ଆଇଆର୍‌କୁ ନେଇ ରାଜନୀତି ସରଗରମ

# ପଶ୍ଚିମବଙ୍ଗରୁ କଟିଯିବେ ୫୮ ଲକ୍ଷ ଭୋଟର



କୋଲକାତା, ୧୨।୧୨: ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ହେବ ବିଧାନସଭା ନିର୍ବାଚନ। ତେବେ ଏହା ପୂର୍ବରୁ ଏସଆଇଆରକୁ ନେଇ ସରଗରମ ପଶ୍ଚିମବଙ୍ଗ ରାଜନୀତି। ଅନେକ ରାଜ୍ୟରେ ଏସଆଇଆର୍ କାମ ସାରିବାକୁ ସମୟ ସୀମା ବଢ଼ାଯାଇଥିବା ବେଳେ ପଶ୍ଚିମବଙ୍ଗରେ କିନ୍ତୁ ତାରିଖ ପରିବର୍ତ୍ତନ ହୋଇନି। ତେଣୁ ଏହାକୁ ନେଇ ଜୋର ଧରିଛି ରାଜନୀତି। ନିର୍ବାଚନ କମିସନଙ୍କ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରେ ପାଖାପାଖି ସମସ୍ତଙ୍କୁ ମତଗଣନା ଫର୍ମ ବଣ୍ଟାସରିଛି। ହେଲେ ସେଠାରେ ପ୍ରାୟ ୫୮ ଲକ୍ଷ ଅଧିକ ଭୋଟରଙ୍କୁ ନେଇ ଏବେ ପ୍ରଶ୍ନ ଛିଡ଼ା ହୋଇଛି। କୁହାଯାଉଛି ସେମାନଙ୍କ ଭିତରେ ଅନେକ ମୃତ ଭୋଟର ଅଛନ୍ତି। ଆଉ କିଛି ନିଖୋଜ ଭୋଟର ରହିଛନ୍ତି। ଯେଉଁମାନଙ୍କୁ କି ବେଆଇନ ଭାବେ ଭୋଟର ଲିଷ୍ଟରେ ସାମିଲ କରାଯାଇଥିଲା।

ସୂଚନାଥାଉକି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୃଷ୍ଣନଗରର ଏକ ରାଲିରେ ବିଜେପି ଉପରେ ଜୋରଦାର ହମଲା କରିଥିଲେ। ସେ କହିଥିଲେ ଯେ, କେନ୍ଦ୍ର ସରକାର ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ବ୍ୟାପକ ଅନିୟମିତତା କରିବାକୁ ଚାହୁଁଛି। ବିଜେପି ସିଧାସଳଖ ଦେଢ କୋଟି ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦେବାକୁ ଷଡ଼ଯନ୍ତ୍ର କରୁଛି। ରାଲିରେ ସେ ଆହୁରି ମଧ୍ୟ କହିଥିଲେ ଯେ, ଯଦି ଏସଆଇଆର ପ୍ରକ୍ରିୟା ସମୟରେ ଜଣେ ବି ଯୋଗ୍ୟ ଭୋଟରଙ୍କୁ ବାଦ ଦିଆଯାଏ, ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ପ୍ରତିବାଦ ଆରମ୍ଭ କରାଯିବ। ପଶ୍ଚିମବଙ୍ଗରେ ବର୍ତ୍ତମାନ ମୋଟ ଭୋଟରଙ୍କ ସଂଖ୍ୟା ୭ କୋଟି ୬୬ ଲକ୍ଷ ୩୭ ହଜାର ୫୨୯। ହେଲେ ଏସଆଇଆର ପ୍ରକ୍ରିୟା ସମୟରେ ୫୮ ଲକ୍ଷରୁ ଅଧିକ ଲୋକଙ୍କ ସମ୍ପର୍କରେ କିଛି ବି ସୂଚନା ମିଳିପାରିନି। ନିର୍ବାଚନ କମିସନଙ୍କ ତରଫରୁ କୁହାଯାଇଛି ଯେ, ଏହି ୫୮ ଲକ୍ଷ ଭୋଟରଙ୍କ ଭିତରୁ ୨୪ ଲକ୍ଷ ହେଉଛନ୍ତି ମୃତ ଭୋଟର ଏବଂ ୧୨ ଲକ୍ଷରୁ ଅଧିକ ଭୋଟରଙ୍କ ପତ୍ତା ମିଳୁନି। ସେହିପରି ୧୯ ଲକ୍ଷରୁ ଅଧିକ ଭୋଟର ସେମାନଙ୍କର ଠିକଣା ବଦଳାଇ ସାରିଛନ୍ତି ଏବଂ ୧ ଲକ୍ଷ ୩୭ ହଜାର ଭୋଟର ହେଉଛନ୍ତି ମିଛ ଭୋଟର।

## ଏସ୍ଆଇଆର୍ ଫର୍ମ ପୂରଣ କଲେନି ମମତା



ବିଜେପି ଓ ନିର୍ବାଚନ ଆୟୋଗଙ୍କ ଉପରେ ବର୍ଷିଲେ

କୃଷ୍ଣନଗର ୧୨।୧୨: ରାଜ୍ୟରେ ଭୋଟର ଲିଷ୍ଟ ସଂଶୋଧନ ନିମନ୍ତେ ଜାରି ବିଶେଷ ଗହନ ପୁନଃନିରୀକ୍ଷଣ (ଏସଆଇଆର) ପ୍ରକ୍ରିୟାରେ ଗୁରୁବାର ଥିଲା ଏନୁମରେସନର ଶେଷ ଦିନ। ହେଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏ ପର୍ଯ୍ୟନ୍ତ ଏନୁମରେସନ ଫର୍ମ ଜମା କରିନାହାନ୍ତି। କୃଷ୍ଣନଗର ସଭାରେ ସେ ନିଜେ ଏହି କଥା କହି ନାଗରିକତା ସାବ୍ୟସ୍ତ କରିବାର ପ୍ରକ୍ରିୟା ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସଭାରେ ମୁଖ୍ୟମନ୍ତ୍ରୀ ନିଜର ସ୍ଥିତି ସ୍ପଷ୍ଟ କରି କହିଛନ୍ତି ଯେ 'ମୁଁ ଏପର୍ଯ୍ୟନ୍ତ ଫର୍ମ ପୂରଣ କରି ନାହିଁ'।

ମମତା କହିଛନ୍ତି ଯେ, ମୁଁ ୩ ଥର କେନ୍ଦ୍ରମନ୍ତ୍ରୀ ଥିଲି, ୭ ଥର ସାଂସଦ ହୋଇଛି , ୩ ଥର ମୁଖ୍ୟମନ୍ତ୍ରୀ ହେଲିଣି, ଆଜି ମୋତେ ସାବ୍ୟସ୍ତ କରିବାକୁ ହେବ ମୁଁ ନାଗରିକ? ଏହାଠୁ ଭଲ ନାକ ରଗଡିବା ବୋଲି ସେ କହିଛନ୍ତି। ଫର୍ମ ପୂରଣ ନ କରିବା ପଛରେ ମୁଖ୍ୟମନ୍ତ୍ରୀ ବିଜେପି ଓ ନିର୍ବାଚନ ଆୟୋଗଙ୍କ ଉପରେ ବର୍ଷିଛନ୍ତି। କହିଛନ୍ତି ମୁଁ ସେହି ଦଙ୍ଗାକାରୀଙ୍କ ଲାଗି ପ୍ରମାଣିତ କରିବିନି ମୁଁ ଦେଶର ନାଗରିକ। ଯେତେବେଳେ ଦେଶ ସ୍ୱାଧୀନ ହେଲା ସେତେବେଳେ ତୁମେ ଥିଲ କେଉଁଠି? ସେ କହିଛନ୍ତି ଆଜି ରବିନ୍ଦ୍ରନାଥ, ନେତାଜୀ, ଖୁଦିରାମ ସମସ୍ତଙ୍କ ଅପମାନ କରାଯାଉଛି। ଏହା କିପରି ଭାରତ?

ଏସଆଇଆର ପ୍ରକ୍ରିୟାକୁ ବିରୋଧ ନକରି ମଧ୍ୟ ମୁଖ୍ୟମନ୍ତ୍ରୀ ଏତେ କମ ସମୟରେ ପୂରା ପ୍ରକ୍ରିୟାକୁ ତରବରିଆ ଭାବେ ଶେଷ କରାଯାଉଥିବାରୁ ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ଆମେ କହିଥିଲୁ 'ଆରାମରେ କରନ୍ତୁ'। ଏତେ ଜଲଦି କାହିଁକି ? ଏହି ତରବରିଆ କାମ ପଛରେ ମୁଖ୍ୟମନ୍ତ୍ରୀ ରାଜନୈତିକ ଉଦ୍ଦେଶ୍ୟ ଥିବା କହିଛନ୍ତି। ସେ କହିଛନ୍ତି ଭୋଟ ଲାଗି ସେମାନେ ବେଙ୍ଗଲ ଉପରେ କବଜା କରିବାକୁ ଚାହୁଁଛନ୍ତି। ହେଲେ ମୁଁ ଥାଉଥାଉ ଏପରି ହେବାକୁ ଦେବିନି। ତେବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନୁମରେସନ ଫର୍ମ ଜମା ନ କରିବାରୁ କୌଣସି ବିଶେଷ ଜଟିଳତା ଉପୁଜି ପାରେକି ? ବୋଲି ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରାଯିବାରେ ସେ ଏପରି କିଛି ହେବନାହିଁ ବୋଲି କହିଛନ୍ତି। ଇସି କହିଛନ୍ତି ଯେ, ରାଜ୍ୟର ବିଶିଷ୍ଟ ବ୍ୟକ୍ତି, ରାଜନୈତିକ ନେତା, ନ୍ୟାୟପାଳିକା ସମ୍ପର୍କିତ ଲୋକେ, କ୍ରୀଡାବିତ୍, କଳାକାର ଓ ଅନ୍ୟ ଜଣାଶୁଣା ଲୋକଙ୍କ ମାମଲାରେ ପ୍ରଥମ ପର୍ଯ୍ୟାୟରେ ଫର୍ମ ପୂରଣ ନ କଲେ କୌଣସି ସମସ୍ୟା ନାହିଁ। ସେମାନେ ଦ୍ୱିତୀୟ ପର୍ଯ୍ୟାୟରେ କାଗଜପତ୍ର ଜମା କରିପାରିବେ।

● ରାଜ ସୁନାଖଳା ମହୋତ୍ସବ ମେଳା ଉଦ୍‌ଯାପିତ

# ଐତିହ୍ୟକୁ ଗର୍ବର ସହିତ ପାଳନ କର



ଭୁବନେଶ୍ୱର, ୧୨।୧୨(ସଂଚାର ବ୍ୟୁରୋ): ନିଜ ମାଟିର ଐତିହ୍ୟକୁ ଗର୍ବର ସହିତ ପାଳନ କରିବା ସହିତ ଏକ ସହଭାଗୀ ଭବିଷ୍ୟତ ଆଡକୁ ବଢିବା ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ନୟାଗଡ ଜିଲ୍ଲାର ରାଜ ସୁନାଖଳାଠାରେ ରାଜ ସୁନାଖଳା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ରାଜ ସୁନାଖଳା କେବଳ ଏକ ଭୌଗୋଳିକ ସ୍ଥାନ ନୁହେଁ ଏହା ରାଜ୍ୟର ଐତିହାସିକ, ସାଂସ୍କୃତିକ ଏବଂ ବୌଦ୍ଧିକ ଗଠନରେ ଗଭୀର ଭାବରେ ଜଡିତ ଏକ ସ୍ଥାନ। ପିଢ଼ି ପରେ ପିଢ଼ି ଏହି ଭୂମିର ଲୋକମାନେ ଲୋକ ସଙ୍ଗୀତ, ଭକ୍ତି ଧାରା, କୃଷି ଜ୍ଞାନ ଏବଂ ସୌନ୍ଦର୍ଯ୍ୟ ସମ୍ବେଦନଶୀଳତାକୁ ସଂରକ୍ଷଣ କରିଆସିଛନ୍ତି। ଆଜି ଯେତେବେଳେ ଆମେ ସଂସ୍କୃତିକୁ ପାଳନ କରୁଛୁ, ଆମେ ସେହି ସାହସୀ ଆତ୍ମାମାନଙ୍କୁ ସମ୍ମାନ ଜଣାଇବାକୁ ପଡିବ ଯାହାଙ୍କ ନ୍ୟାୟ ପ୍ରତି ପ୍ରତିବଦ୍ଧତା ନିଶ୍ଚିତ କରିଥିଲା ଯେ ଭବିଷ୍ୟତ ପିଢ଼ି ସ୍ୱାଧୀନତା ଏବଂ ମର୍ଯ୍ୟାଦାର ସହିତ ବଞ୍ଚିବେ। ଏହି ମହୋତ୍ସବ ସହିତ ଆୟୋଜିତ ହୋଇଥିବା ପଲ୍ଲିଶ୍ରୀ ମେଳା ସଶକ୍ତିକରଣର ଏହି ଯାତ୍ରାର ପ୍ରତୀକ ସାଜିଛି।



## ମେରାଇନ ଡ୍ରାଇଭ୍‌ରେ ୭ମ ଇକୋ ରିଟ୍ରିଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ମେରାଇନ ଡ୍ରାଇଭ୍ ମୁଖ୍ୟରାସ୍ତା ନିକଟ ରାମଚଣ୍ଡୀ ମୁହାଁଣ ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ୭ମ ଇକୋ-ରିଟ୍ରିଟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଆଗାମୀ ଦିନ ଗୁଡିକରେ ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ପର୍ଯ୍ୟଟନ ଅଞ୍ଚଳରେ ହେଉଥିବା ଇକୋ-ରିଟ୍ରିଟ୍ ସ୍ଥାନରେ ରାଜ୍ୟ ସରକାରଙ୍କର କ୍ୟାବିନେଟ ଓ ମନ୍ତ୍ରିମଣ୍ଡଳ ବୈଠକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

● ଖୋର୍ଦ୍ଧା-ବଲାଙ୍ଗିର ରେଳପଥ

## ୨୨୬ କିମି ସେକ୍ସନରେ ଟ୍ରେନ୍ ଚାଲିଛି: ମନ୍ତ୍ରୀ

ନୂଆଦିଲ୍ଲୀ, ୧୨।୧୨: ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ମୋଟ୍ ଦୂରତା ୩୦୧ କିଲୋମିଟର ହୋଇଥିବା ବେଳେ ନଭେମ୍ବର ୨୦୨୫ ସୁଦ୍ଧା ଏଥିମଧ୍ୟରୁ ୨୨୬ କିଲୋମିଟର ରେଳ ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଆଜି ରାଜ୍ୟସଭାରେ ଓଡ଼ିଶାରେ ରେଳ ବିକାଶ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳମନ୍ତ୍ରୀଙ୍କ ସୂଚନା ମୁତାବକ, ୫୦୮୯ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାମ ଦ୍ରୁତ ଗତିରେ ଜାରି ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପରେ ୪୩୧୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ମୋଟ୍ ଆବଶ୍ୟକ ୩୨୭୪.୪୧ ଜମି ମଧ୍ୟରୁ ୩୧୫୮.୧୦ ହେକ୍ଟର ଜମି ଅଧିଗ୍ରହଣ ଶେଷ ହୋଇଛି। ୨୨୬ କିଲୋମିଟର ଲମ୍ବ ଏହି ପ୍ରକଳ୍ପ ମଧ୍ୟରୁ ଖୋର୍ଦ୍ଧା ପଟରୁ ଖୋର୍ଦ୍ଧା ରୋଡ-ଦଶପଲ୍ଲା ୧୦୬ କିଲୋମିଟର ଏବଂ ବଲାଙ୍ଗିର ପଟୁ ବଲାଙ୍ଗିରରୁ ପୁରୁଣା କଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ରେଳ ମାର୍ଗରେ ରେଳ ଚଳାଚଳ ଆରମ୍ଭ କରିସାରିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ଅବଶିଷ୍ଟ କାମ ଜାରି ରହିଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଝାରସୁଗୁଡ଼ା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ କ୍ଷେତ୍ରରେ ରେଳ ଯୋଗାଯୋଗରେ ସୁଧାର ଲାଗି ତାଳଚେର-ବିମଳାଗଡ଼ ନୂଆ ଲାଇନ୍, ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ, ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ, ସମ୍ବଲପୁର-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍, ନିର୍ଗୁଣ୍ଡି-ବିଜୟନଗରମ ତୃତୀୟ ଲାଇନ ସମେତ ମୋଟ୍ ୧୪ଟି ରେଳ ଲାଇନ ପ୍ରକଳ୍ପ, ଫ୍ଲାଇଓଭର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଶ୍ରୀ ବୈଷ୍ଣବ କହିଛନ୍ତି, ତାଳଚେର-ବିମଳାଗଡ଼ ନୂତନ ରେଳପଥ ଏକ ଅନୁମୋଦିତ ପ୍ରକଳ୍ପ। ପ୍ରକଳ୍ପର ମୂଲ୍ୟ ୧୯୨୮ କୋଟି ଟଙ୍କା ହୋଇଥିବା ବେଳେ ମାର୍ଚ୍ଚ ୨୦୨୫ ସୁଦ୍ଧା ଏଥିପାଇଁ ୨୬୪୬ କୋଟି ଖର୍ଚ୍ଚ ହୋଇଛି।

## ରେଳସାଇଡିଂ ଯାଞ୍ଚ ସହ ଭିତ୍ତିଭୂମି କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଗତକାଲି ଯଖପୁରା ଗସ୍ତକରି ଏହି ଅଞ୍ଚଳରେ ରେଳବାଇର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଭିତ୍ତିଭୂମି ପ୍ରସ୍ତୁତିର ସମୀକ୍ଷା କରିବା ସହ ସାଇଡିଂଗୁଡ଼ିକର ଏକ ବ୍ୟାପକ ଯାଞ୍ଚ କରିଛନ୍ତି। ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଏବଂ ବରିଷ୍ଠ ପରିଚାଳନା ପ୍ରବନ୍ଧକ ଆଶିଷ କୁମାର ସେନାପତିଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଯାଞ୍ଚ ସମୟରେ ଡିଆରଏମଙ୍କ ସହିତ ନିରୀକ୍ଷଣର ସହାୟତା କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ଖୋର୍ଦ୍ଧା ରୋଡ୍ ରୁ ଜଖପୁରା ପର୍ଯ୍ୟନ୍ତ ଏକ ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରି ଟ୍ରାକ୍ ଅବସ୍ଥା, ସାଙ୍କେତିକ ପ୍ରଣାଳୀ, ଷ୍ଟେସନ ଗୁଡିକର ଭିତ୍ତିଭୂମି ଓ ସୁବିଧା ଏବଂ ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ଚାଲୁରହିଥିବା ଭିତ୍ତିଭୂମି ଉନ୍ନତିକୁ ନିକଟରୁ ପର୍ଯ୍ୟବେକ୍ଷଣ କରିଥିଲେ। ଏହି ନିରୀକ୍ଷଣର ଲକ୍ଷ୍ୟ ଥିଲା ନିରାପତ୍ତା, ସମୟାନୁବର୍ତ୍ତିତା ଏବଂ ଯାତ୍ରୀ ସୁବିଧାର ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା। ନିରୀକ୍ଷଣ ସମୟରେ ଶ୍ରୀ ତ୍ରିପାଠୀ ଷ୍ଟେସନ ଭିତ୍ତିଭୂମି ଏବଂ ରକ୍ଷଣାବେକ୍ଷଣ, ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ଯାତ୍ରୀ ସୁବିଧା, ଚାଲୁଥିବା ଟ୍ରାଫିକ ସୁବିଧା କାର୍ଯ୍ୟ ଏବଂ ସୁଗମ ଏଓ ବାଧାମୁକ୍ତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କରାଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତାକୁ ସୁଦୃଢ଼ କରିବା ଏବଂ ରେଳ ସେକ୍ସନ ସାରା ସେବା ଗୁଣବତ୍ତା ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯାଇଥିଲା। ନ୍ୟୁ ଭିଷ୍ଟା ଲିମିଟେଡ୍ ସାଇଡିଂରେ ଏକ ବିସ୍ତୃତ ଯାଞ୍ଚ ମଧ୍ୟ କରାଯାଇଥିଲା, ଯେଉଁଥିରେ ଶ୍ରୀ ତ୍ରିପାଠୀ ସାଇଡିଂ କାର୍ଯ୍ୟକ୍ଷମ ଦକ୍ଷତା, ଲୋଡିଂ ଏବଂ ଅନଲୋଡିଂ ବ୍ୟବସ୍ଥା, ନିରାପତ୍ତା ମାର୍ଗଦର୍ଶିକା ଏବଂ ରେଳ ପରିଚାଳନା ଓ ସାଇଡିଂ ପରିଚାଳନା ମଧ୍ୟରେ ସମନ୍ୱୟର ସମୀକ୍ଷା କରିଥିଲେ।



## ପୁସ୍ତକ ମହୋତ୍ସବରେ ସଂସ୍କୃତି ମନ୍ତ୍ରୀ | ୧୦୦ରୁ ଉର୍ଦ୍ଧ୍ୱ ବହି କିଣିଲେ

ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚାଲିଥିବା ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଆଜି ରାଜ୍ୟ ସଂସ୍କୃତି ମନ୍ତ୍ରୀ ପହଞ୍ଚି ପାଖାପାଖି ୬୦ଟି ଷ୍ଟଲ୍ ବୁଲି ଦେଖିବା ସହ ୧୦୦ରୁ ଉର୍ଦ୍ଧ୍ୱ ବହି କିଣି ପୁସ୍ତକ ପ୍ରତି ତାଙ୍କ ସ୍ୱତନ୍ତ୍ର ରୁଚିର ପରିପ୍ରକାଶ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଷ୍ଟଲରେ ପ୍ରକାଶକ ଓ ପାଠକମାନଙ୍କ ସହ ବାର୍ତ୍ତାଳାପ କରିବା ସହ ମହୋତ୍ସବରେ ପାଠକମାନଙ୍କ ଅନୁଭୂତି ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ମହୋତ୍ସବରେ ଶିଶୁ ପାଠକଙ୍କ ଭିଡ଼ ଦେଖି ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କ ଉତ୍ସାହ ବଢ଼ାଇଛନ୍ତି। ମନ୍ତ୍ରୀ 'ଭୀମଭୋଇ ଗ୍ରନ୍ଥାବଳୀ', 'ସମୁଦ୍ର ସ୍ନାନ', 'ଯନ୍ତ୍ରାରୂଢ଼', 'ଓଡ଼ିଶାର ଇତିହାସ', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଫକୀରମୋହନଙ୍କ ଉପନ୍ୟାସ ଓ ଗଳ୍ପ ସମୂହ', 'ସ୍ରୋତସ୍ୱତୀ' ଆଦି ପୁସ୍ତକ ସହ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ସୁରେନ୍ଦ୍ର ମହାନ୍ତି, ଅଖିଳ ମୋହନ ପଟ୍ଟନାୟକ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ ପୁସ୍ତକ ମନ୍ତ୍ରୀ ଶ୍ରୀ ସୂରଜ କିଣିଛନ୍ତି। ଏହି ଅବସରରେ ମନ୍ତ୍ରୀ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଅକାଦେମି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଷ୍ଟଲ ବୁଲି ଦେଖିଛନ୍ତି। ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀକୁ ଉର୍ଦ୍ଦୁ ଭାଷାରେ ଅନୁବାଦ କରି ପୁସ୍ତକ ପ୍ରକାଶନ ସହ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ ଗୀତ, ଛନ୍ଦ, ଚମ୍ପୂ ଆଦିକୁ ପେନ୍ ଡ୍ରାଇଭରେ ଉପଲବ୍ଧ କରାଇବା, ଓଡ଼ିଆ ଭାଷା ପ୍ରତିଷ୍ଠାନର ପତ୍ରିକା 'ଶିଶୁଲେଖା'ରେ ସୁନ୍ଦର ଚିତ୍ର ସ୍ଥାନିତ କରିବା ଓ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ପ୍ରକାଶ ପାଉଥିବା ଗବେଷଣାତ୍ମକ ପୁସ୍ତକକୁ ଲୋକାଭିମୁଖୀ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପରିଶେଷରେ ମନ୍ତ୍ରୀ ବିଭିନ୍ନ ଖାଦ୍ୟ ଷ୍ଟଲ ବୁଲିବା ଦେଖିବା ସହ କୋରାପୁଟ କଫି ଷ୍ଟଲରେ କଫିର ମଜା ନେଇଛନ୍ତି। ଏଥିସହ ସେ ପାଠକମାନଙ୍କ ସହ ବିଭିନ୍ନ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ସ୍ଥାନିତ ଲାଇଭ ସ୍କେଚିଙ୍ଗ ଷ୍ଟଲ ବୁଲି ମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳାକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଚିତ୍ରକଳା ବିଭାଗର ଛାତ୍ର ମନ୍ତ୍ରୀଙ୍କୁ ଲାଇଭ ସ୍କେଚିଙ୍ଗ ଚିତ୍ର ଆଙ୍କି ଉପହାର ଦେଇଛନ୍ତି।



## ଟୋକନକୁ ନେଇ ତାତିଲେ ଚାଷୀ

● ରାଜରାସ୍ତାକୁ ଓହ୍ଲାଇ ଏନ୍‌ଏଚ୍ ଅବରୋଧ କଲେ



ସମ୍ବଲପୁର,୧୨।୧୨(ସଂଚାର ବ୍ୟୁରୋ): ସମ୍ବଲପୁରରେ ଦେଖିବାକୁ ମିଳିଛି ଚାଷୀଙ୍କ ଆନ୍ଦୋଳନ। ଟୋକନକୁ ନେଇ ଜିଲ୍ଲାର ୩ଟି ସ୍ଥାନରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ। ରେମେଡ, ସିନ୍ଦୁରପଙ୍କ ଓ ଧମା ଠାରେ ଜାତୀୟ ରାଜପଥ ଅବରୋଧ କରାଯାଇଛି। ଜିଲ୍ଲାରେ ୬୦ ହଜାର ଚାଷୀ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେସନ କରିଥିବା ବେଳେ ୧୯ ହଜାର ଚାଷୀଙ୍କ ଟୋକନ ଆସିନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ଖାଲି ସେତିକି ନୁହେଁ, ଧାନ କିଣାରେ ବିଳମ୍ବ, ମଣ୍ଡି ଅବ୍ୟବସ୍ଥା ଭଳି ଅନେକ ସମସ୍ୟା ଦେଖାଦେଇଥିବାରୁ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ଜାତୀୟ ରାଜପଥ ଅବରୋଧ କରିଥିବା ଜଣାପଡ଼ିଛି।

## କଂଗ୍ରେସ ପରାଜୟ ଏହାର ନେତୃତ୍ୱ ଯୋଗୁଁ ହୋଇଛି: ଶାହ

କୋଲକାତା,୧୨।୧୨(ସଂଚାର ବ୍ୟୁରୋ): ପରାଜୟ ଲାଗି ବିରୋଧୀ ଦଳ ଇଭିଏମ୍ ଏବଂ ଭୋଟର ତାଲିକାକୁ ଦୋଷ ଦେଉଥିବାବେଳେ, ଅମିତ ଶାହ ଏହାର କଡ଼ା ଜବାବ ଦେଇଛନ୍ତି। ୨୦୦୪ ମସିହାରେ କଂଗ୍ରେସ ଇଭିଏମ୍ ବ୍ୟବହାର କରି ପ୍ରଥମ ଲୋକସଭା ନିର୍ବାଚନ ଜିତିବା ପରେ କାହିଁକି କେହି ମେସିନରେ ତ୍ରୁଟି ପାଇଲେ ନାହିଁ। ୨୦୦୯ ମସିହା ବିଜୟ ପରେ ମଧ୍ୟ ଇଭିଏମ୍ ପବିତ୍ର ଥିଲା, କିନ୍ତୁ ୨୦୧୪ ମସିହା ପରଠାରୁ, ଯେତେବେଳେ କଂଗ୍ରେସ ହାରିବା ଆରମ୍ଭ କଲା, ପ୍ରତ୍ୟେକ ପରବର୍ତ୍ତୀ ପରାଜୟ ସହିତ ଇଭିଏମ୍ ଦଣ୍ଡୀ ହୋଇଗଲା। କଂଗ୍ରେସର ପରାଜୟର କାରଣ ମେସିନ କିମ୍ବା ଭୋଟର ତାଲିକା ନୁହେଁ, ବରଂ ଏହାର ନେତୃତ୍ୱ। ଆଜି, ଦେଶ ଜାଣେ ଯେ ମୋଦି ସରକାରଙ୍କ କାର୍ଯ୍ୟ - ସର୍ଜିକାଲ ଷ୍ଟ୍ରାଇକ୍, ଏୟାର ଷ୍ଟ୍ରାଇକ୍, ଧାରା ୩୭୦ ରଦ୍ଦ, ସିଏଏ କାର୍ଯ୍ୟକାରୀ, ରାମ ମନ୍ଦିର ନିର୍ମାଣ, ତିନି ତଲାକ୍ ଉଚ୍ଛେଦ ଏବଂ ଅନୁପ୍ରବେଶ ରୋକିବା - ବିରୋଧୀଙ୍କ ରାଜନୈତିକ ସ୍ଥିତିକୁ ଦୁର୍ବଳ କରିଛି।

## ୧୪ରେ ଦ୍ୱିତୀୟ ହୁଗୁଳି ସେତୁ ବନ୍ଦ ରହିବ ୮ ଘଣ୍ଟା

କୋଲକାତା, ୧୨।୧୨ (ସଂଚାର ବ୍ୟୁରୋ): ଦ୍ୱିତୀୟ ହୁଗୁଳି ସେତୁ ବା ବିଦ୍ୟାସାଗର ସେତୁ ୧୪ ଡିସେମ୍ବରରେ ପୁଣି ବନ୍ଦ ରହିବ। ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ରବିବାର ସକାଳ ୬ ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ୮ ଘଣ୍ଟା ପାଇଁ ବିଦ୍ୟାସାଗର ସେତୁ ବନ୍ଦ ରହିବ। ଫଳସ୍ୱରୂପ, ସପ୍ତାହାନ୍ତରେ ଯାତ୍ରୀମାନେ ପୁଣି ହଇରାଣ ହେବେ। ହୁଗୁଳି ନଦୀ ସେତୁର କମିଶନରଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ହୁଗୁଳି ସେତୁର କେବୁଲ ବଦଳାଇବା କାମ ଚାଲିଛି। ରବିବାର ସେହି କାମ ପାଇଁ ସେତୁ ପୁଣି ବନ୍ଦ ରହିବ।



## ନବୀକୃତ ସତ୍ୟନଗର ଶ୍ମଶାନ ଲୋକାର୍ପିତ



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ନବୀକୃତ ସତ୍ୟନଗର ଶ୍ମଶାନକୁ ଲୋକାର୍ପିତ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର । ସତ୍ୟ ନଗର ଶ୍ମଶାନ ଗୃହ ହେଉଛି ଭୁବନେଶ୍ୱରର ବିଭିନ୍ନ ସାମାଜିକ-ସାଂସ୍କୃତିକ ଏବଂ ଧାର୍ମିକ ଆବଶ୍ୟକତା ପୂରଣ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ଶ୍ମଶାନ। ବର୍ଦ୍ଧିତ ଚାହିଦା, ଆଧୁନିକ ପରିବେଶଗତ ମାନଦଣ୍ଡ ମର୍ଯ୍ୟାଦାଜନକ, ନିରାପଦ ଏବଂ ଉପଭୋକ୍ତା-ଅନୁକୂଳ ସେବା ପ୍ରଦାନର ଆଶା ପୂରଣ କରିବା ପାଇଁ ଶ୍ମଶାନ ଭିତ୍ତିଭୂମିର ବିକାଶ ଜରୁରୀ। ଅତି ଆକର୍ଷଣୀୟ ହୋଇଛି ଶେଷ ଯାତ୍ରା ସ୍ଥାନ । ଏଥିପାଇଁ ସରକାର ଅକୁଣ୍ଠ ଚିତ୍ତରେ ସମ୍ବଳ ଯୋଗାଉଛନ୍ତି । ସମସ୍ତ ସହରାଞ୍ଚଳରେ ସମାନ ସୁବିଧା ଯୋଗାଇବା ସହିତ ଗୋଶାଳା ଏବଂ ବାସଗୃହ ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

## ଓଡ଼ିଶା ମାଷ୍ଟର୍ସ ସେମି ଲାଇନଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର/କଟକ,୧୨।୧୨ (ସଂଚାର ବ୍ୟୁରୋ): କଟକ ସ୍ଥିତ ଜବାହାର ଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ୍ ଠାରେ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା 'ଓଡିଶା ମାଷ୍ଟର୍ସ ୨୦୨୫'ର କ୍ୱାର୍ଟର ଫାଇନାଲ ରାଉଣ୍ଡରେ ମହିଳା ସିଙ୍ଗଲସ, ପୁରୁଷ ସିଙ୍ଗଲସ, ମହିଳା ଡବଲସ, ପୁରୁଷ ଡବଲସ ଏବଂ ମିକ୍ସଡ଼ ଡବଲସ ଏ ସମସ୍ତ ବିଭାଗର ୨୦ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗ ସିଙ୍ଗଲ କ୍ୱାର୍ଟର ଫାଇନାଲ ଖେଳରେ ଇଣ୍ଡୋନେସିଆ ଖେଳାଳି ମୋହମ୍ମଦ ୟୁସୁଫ ଟପ୍‌ସିଡ଼ ଥରୁନ ମାନେପଲ୍ଲୀଙ୍କୁ ପରାସ୍ତ କରି ପ୍ରତିଯୋଗିତାର ସେମି ଫାଇନାଲରେ ପହଞ୍ଚିଛନ୍ତି। ସେହିପରି ଇଣ୍ଡୋନେସିଆ ଖେଳାଳି ବିସ୍ମ ରାୟା ଅକଟୋରା, ରିଚି ଦୁତା ରିକାର୍ଡୋଙ୍କୁ ହରାଇ ସେମି ଫାଇନାଲରେ ପହଞ୍ଚିଛନ୍ତି। ସେମିଫାଇନାଲ ପହଞ୍ଚିଥିବା ଭାରତୀୟ ଖେଳାଳି କିରଣ ଜର୍ଜ ଗତବର୍ଷର ଚମ୍ପିୟାନ ସତୀଶ କୁମାରଙ୍କୁ ହରାଇଥିବା ବେଳେ ଭାରତୀୟ ଖେଳାଳି ରୋନକ ଚୌହାନ ଶଙ୍କର ସୁବ୍ରମଣିୟନଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି।ମହିଳା କ୍ୱାର୍ଟରରେ ଟପ୍‌ସିଡ଼ ଉନ୍ନତି ହୁଡ୍ଡା ପଞ୍ଚମ ସିଡ଼ ଅନୁପମା ଉପାଧ୍ୟାୟଙ୍କୁ ହରାଇ ସେମି ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟ କ୍ୱାର୍ଟରରେ ଅନସିଡେଡ଼ ଖେଳାଳି ତାନ୍ୟା ହେମନ୍ତ ତୃତୀୟ ସିଡ଼ ତନଭି ଶର୍ମାଙ୍କୁ ହରାଇ ସେମିରେ ପହଞ୍ଚିଛନ୍ତି। ଅନ୍ୟ ଦୁଇ ଭାରତୀୟ ସେମିଫାଇନାଲିଷ୍ଟ ହେଲେ ତସନିମ ମିର ଏବଂ ଇସାରାଣୀ ବରୁଆ। ତସନିମ କ୍ୱାର୍ଟର ଫାଇନାଲରେ ତାଇପେଇର ସପ୍ତମ ସିଡ଼ ଖେଳାଳି ତୁଙ୍ଗ ସିଉ ଟଙ୍ଗଙ୍କୁ ହରାଇଥିବା ବେଳେ ଇସାରାଣି ବରୁଆ ଷଷ୍ଠସିଡ଼ ଅନମୋଲ ଖର୍ବଙ୍କୁ ହରାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲକ୍ଷ୍ମଣଙ୍କ...

ଭତ୍ତା ୨୦,୦୦୦, ଟେଲିଫୋନ୍ ଭତ୍ତା ୧୫,୦୦୦, ଔଷଧ ଭତ୍ତା ୩୫,୦୦୦, ଖବରକାଗଜ ଓ ବହିକିଣା ଭତ୍ତା ୧୦,୦୦୦ ଟଙ୍କାକୁ ନେଇ ଆଲୋଚନା ଜୋର ଧରିଛି। ଅନେକ ଏବେ ନିଜ ନିଜ ବିଧାୟକମାନଙ୍କୁ ବି ପ୍ରଶ୍ନ ପଚାରିବା ଆରମ୍ଭ କରିଦେଲେଣି। ଲକ୍ଷ୍ମଣଙ୍କ ପ୍ରତି ବଢୁଥିବା ସମବେଦନା ଓ ନିଜ ପ୍ରତି ବଢୁଥିବା ଚାପକୁ ଦୃଷ୍ଟିରେ ରଖି କିଛି ବିଧାୟକ ଏବେ ଔଷଧ ଭତ୍ତା ଓ ଟେଲିଫୋନ୍ ଭତ୍ତା ନ ନେବା ପାଇଁ ଘୋଷଣା କରିବେ ବୋଲି ସୂଚନା ମିଳୁଛି। ଏଭଳି ଗୋଟିଏ ଦୁଇଟି ଭତ୍ତାରୁ ଦୂରେଇ ଅନ୍ତତଃ ପକ୍ଷେ ସାଧାରଣ ଲୋକଙ୍କ ରୋଷରୁ ବଞ୍ଚିବା ପାଇଁ ଯୋଜନା କରୁଥିବା ବେଳେ କେତେ ଜଣ କେବେ କିଭଳି ଭାବେ ଏହି ଘୋଷଣା କରିବେ, ତାହା ଉପରେ ଏବେ ସମସ୍ତଙ୍କ ନଜର। ଏନେଇ ବିଭିନ୍ନ ଦଳ ଭିତରେ ବି ଆଲୋଚନା ହେଉଥିବା ସୂଚନା ମିଳୁଛି। ତେବେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମାସକୁ ଟଙ୍କାଟିଏ ଦରମା ନେଇ ଉଦାହରଣ ସୃଷ୍ଟି କରିଥିବା ବର୍ତ୍ତମାନର ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ଓ ଭତ୍ତା ନେବେ କି ନାହିଁ, ତା' ସେ ଅଦ୍ୟାବଧି ସ୍ପଷ୍ଟ କରିନଥିବାରୁ ଅନେକ ବିଜେଡି ବିଧାୟକ ଏବେ ନବୀନଙ୍କ ନିଷ୍ପତ୍ତିକୁ ଚାହିଁ ବସିଛନ୍ତି।

### ଓଡ଼ିଶାକୁ...

ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ତାଲିମ ପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ଓ ଜୀବନ ରକ୍ଷା କୌଶଳ ଏବଂ ଉପକୂଳବର୍ତ୍ତୀ ଜରୁରୀକାଳୀନ ପ୍ରସ୍ତୁତି ଉପରେ ଆଧାରିତ ଏକ ଚମତ୍କାର ୱାଟରମ୍ୟାନସିପ୍ ଶୋ' ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ କାଳଜୟୀ କବିତା 'ରାମଚଣ୍ଡୀରେ ସନ୍ଧ୍ୟା' ବିଷୟ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଜଳ ସୁରକ୍ଷା, ଲାଇଫ ଗାର୍ଡ ତାଲିମ ଓ ଉପକୂଳବର୍ତ୍ତୀ ସହନଶୀଳତା ପାଇଁ ଓସୱାଲି ଏକ ଉତ୍ସର୍ଗୀକୃତ ଜାତୀୟ ତଥା ଅନ୍ତର୍ଜାତୀୟ କେନ୍ଦ୍ର ଭାବେ ଉଭା ହେବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ତଥା ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ବର୍ଦ୍ଧିତ ବିପଦର ମୁକାବିଲା ପାଇଁ ରାଜ୍ୟର କ୍ଷମତାକୁ ବୃଦ୍ଧି କରିବ। ସରକାର ଅଗ୍ନିଶମ ସେବାକୁ ସୁଦୃଢ଼ କରିବା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ଅଧିକାରୀ ତଥା ଯୁବକମାନଙ୍କ ପାଇଁ ତାଲିମ ସୁଯୋଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ। ଓଡ଼ିଶାର ଅଗ୍ନିଶମ ବିଭାଗ ନେତୃତ୍ୱାଧୀନ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା ଗତ କିଛି ବର୍ଷ ମଧ୍ୟରେ ସାରା ଦେଶରେ ନିଜର ଶ୍ରେଷ୍ଠତା ପ୍ରତିପାଦିତ କରିଛି। ଗତ ଦେଢ ବର୍ଷ ମଧ୍ୟରେ ରାଜ୍ୟ ନୂଆ ସରକାର ଅମଳରେ ଦୁଇଟି ବୃହତ୍ ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ଆମେ ତା'ର ସଫଳ ମୁକାବିଲା କରିବାରେ ସମର୍ଥ ହୋଇଛୁ। ଆଜି ଏଠାରେ ଉଦ୍‌ଘାଟିତ ହୋଇଥିବା ପ୍ରଶିକ୍ଷଣ କେନ୍ଦ୍ରଟି ଦେଶର ଅଗ୍ନିଶମ ବାହିନୀ, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ଏନଡିଆରଏଫ୍ ଓ ବିଭିନ୍ନ ରାଜ୍ୟରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାମରେ ନିଯୁକ୍ତ ପୁଲିସ, ଗୃହରକ୍ଷୀ ଓ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦେବ। ନୌସେନା ବାହାରେ ଏ କ୍ଷେତ୍ରରେ ଏହା ଦେଶର ପ୍ରଥମ ପ୍ରତିଷ୍ଠାନ ହୋଇଥିବା ବେଳେ ଏହାକୁ ଆମେ ଏକ ଜାତୀୟ ସ୍ତରର ପ୍ରଶିକ୍ଷଣ କେନ୍ଦ୍ର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ୧୨ କୋଟି ଟଙ୍କା ଖର୍ଚ୍ଚରେ ଏହି 'ସନ୍ତରଣ ଶିକ୍ଷା ଓ ଲାଇଫ୍ ଗାର୍ଡ' ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଚଳିତ ବଜେଟରେ ବୁଡାଳୀ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଉ ଅଧିକ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମାଧ୍ୟମରେ ଆଜି ଏହି ବୁଡାଳୀ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଏହି ନୂଆ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ନିକଟରେ ଏନ୍‌ଡିଆର୍‌ଏଫ୍‌ର କର୍ମଚାରୀଙ୍କୁ ବୁଡାଳୀ ପ୍ରଶିକ୍ଷଣ ଓ ନୌସେନାର କର୍ମଚାରୀଙ୍କୁ ନିଆଁ ଲିଭାଇବା ପ୍ରଶିକ୍ଷଣ ଦେଇଛନ୍ତି। ଆପଣମାନେ ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଓଡ଼ିଶାରେ ଅନ୍ୟ ରାଜ୍ୟର ଓ ରାଷ୍ଟ୍ରୀୟ ସଂସ୍ଥାମାନଙ୍କର କର୍ମଚାରୀ ପ୍ରଶିକ୍ଷଣ ନେବା ନିଶ୍ଚିତ ରୂପେ ଗର୍ବର ବିଷୟ। ଯେହେତୁ ଏହି ପ୍ରତିଷ୍ଠାନଗୁଡିକ ଜାତୀୟ ମାନ୍ୟତା ପାଇଛନ୍ତି, ସେଗୁଡିକୁ ଯତ୍ନର ସହ ଆଗକୁ ନେବା ଆମ ସମସ୍ତଙ୍କର ଦାୟିତ୍ୱ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପର୍ଯ୍ୟଟନ ସଚିବ ଡଃ ବଲବନ୍ତ ସିଂହ, ପୁଲିସ ଡିଆଇଜି ଡ. ଉମା ଶଙ୍କର ଦାଶ ଉପସ୍ଥିତ ଥିଲେ।

### ୧୧,୭୧୮ କୋଟିର...

ତଥ୍ୟ ସୁରକ୍ଷା ସମ୍ପର୍କରେ ବହୁତ ପଦକ୍ଷେପ ନିଆଯାଇଛି। ଜାତି ପ୍ରକାଶ କରିବା ବାଧ୍ୟତାମୂଳକ ନୁହେଁ; ଯଦି କେହି ଚାହିଁବେ ତେବେ ବାଦ୍ ଦେଇପାରିବେ। କେବଳ ସଂଗୃହୀତ ତଥ୍ୟ ପ୍ରକାଶିତ ହେବ। କେନ୍ଦ୍ର କ୍ୟାବିନେଟ୍ କୋଇଲା ନିଲାମ ପାଇଁ "କୋଇଲା ସେତୁ" ନାମକ ଏକ ନୂତନ ବ୍ୟବସ୍ଥାକୁ ଅନୁମୋଦନ କରିଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, କୋଇଲା ସେତୁ ଅର୍ଥ ହେଉଛି ଭାରତ ଆମଦାନୀ ଉପରେ ନିର୍ଭରଶୀଳତା ଦୂର କରି କୋଇଲା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେଉଛି। ଆମଦାନୀ କୋଇଲା ଉପରେ ନିର୍ଭରଶୀଳତା ହ୍ରାସ ଯୋଗୁଁ ଆମେ ୬୦ ହଜାର କୋଟି ସଞ୍ଚୟ କରୁଛୁ। ୨୦୨୪-୨୫ରେ କୋଇଲା ଉତ୍ପାଦନ ୧ ବିଲିୟନ ଟନ୍ ପହଞ୍ଚିବ ବୋଲି ଆଶା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ୨୦୨୬ ପାଇଁ ପେଷା କୋପ୍ରା ଲାଗି ୧୨ ହଜାର ୨୭ ଟଙ୍କା ପ୍ରତି କ୍ୱିଣ୍ଟାଲ ଏବଂ ଗୋଲ କୋପ୍ରା ପାଇଁ ୧୨,୫୦୦ ଟଙ୍କା ପ୍ରତି କ୍ୱିଣ୍ଟାଲ ସର୍ବନିମ୍ନ ସହାୟକ ମୂଲ୍ୟ ଅନୁମୋଦନ କରିଛି।

### କଂଗ୍ରେସ...

ଏଯାଏଁ ଉତ୍ତର ନମିଳିବା ଭିନ୍ନ ଏକ ସଙ୍କେତ ଦେଉଥିବା ବେଳେ ତାଙ୍କ ସହ ଭକ୍ତ କି ଏଆଇସିସି ନେତାମାନେ ଆଲୋଚନା ନ କରିବା ସଂଗଠନ ପାଇଁ ବିବାଦ ସୃଷ୍ଟି କରୁଛି। ମୋକିମ ମଧ୍ୟ ନିଜର ଭବିଷ୍ୟତ ରଣନୀତିକୁ ସାକାର କରିବାକୁ ସୁଯୋଗକୁ ଅପେକ୍ଷା କରିଛନ୍ତି।ମୋକିମ କେବଳ ଭକ୍ତଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇନାହାଁନ୍ତି। ସେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ କଥା ବି ଉଠାଇଛନ୍ତି। ବିହାରରୁ ଆରମ୍ଭ କରି ଉତ୍ତର ପ୍ରଦେଶ, ହରିଆଣା, ମହାରାଷ୍ଟ୍ର ଗୋଟିଏ ପରେ ଗୋଟିଏ ଛଅଟି ରାଜ୍ୟରୁ କଂଗ୍ରେସ ହାରିଗଲାଣି। ଓଡିଶାରେ ମଧ୍ୟ କଂଗ୍ରେସ ୨୦୦୦ରୁ ଆଉ ସରକାରକୁ ଫେରିପାରୁନି। ୨୦୨୪ରେ ସବୁ ପ୍ରତିକୂଳ ପରିସ୍ଥିତିରେ ବି କଂଗ୍ରେସର ୧୪ ବିଧାୟକ ଜିତିଛନ୍ତି। ଏବେ ଜନମତକୁ ପ୍ରଭାବିତ କରିବାକୁ କଂଗ୍ରେସ ପାଖରେ ସବୁ ସୁଯୋଗ ଥିଲେ ବି ଭକ୍ତ ଦାସ ତାର ଫାଇଦା ନେବା ପରିବର୍ତ୍ତେ ଦଳକୁ ଆଉରୁ ରସାତଳଗାମୀ କରୁଥିବା ବରିଷ୍ଠ ନେତାମାନେ ଅଭିଯୋଗ କରିଛନ୍ତି।

### ବାଟ...

ଉପରେ ମଧ୍ୟ ବର୍ଷିଛନ୍ତି ଯୁବ କଂଗ୍ରେସ ନେତା। ଯିଏ ନିଜ ପୁଅକୁ ବୁଝାଇପାରିଲେ ନାହିଁ ସେ କାହିଁକି ଆମକୁ ବୁଝାଉଛନ୍ତି ବୋଲି କରିଛନ୍ତି ପ୍ରଶ୍ନ। ବରିଷ୍ଠ ନେତା ସୁରେଶ ରାଉତରାୟ ବିଜେଡ଼ି ଦଳର ନେତାଙ୍କ ପାଇଁ ପ୍ରଚାର କରୁଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି। ବରିଷ୍ଠଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଏବଂ ଯୁବ କଂଗ୍ରେସ କର୍ମୀଙ୍କ ଭବିଷ୍ୟତ ସୁରକ୍ଷିତ ନଥିବାରୁ ମନ୍ମଥ ରାଉତରାୟ ବିଜେଡ଼ିରେ ଯୋଗ ଦେଇଛନ୍ତି। ତେଣୁ ବରିଷ୍ଠ କିମ୍ବା ବୟସ୍କ ନୁହେଁ ଯୁବ ନେତାମାନଙ୍କୁ ଆଗକୁ ଛଡ଼ାଯାଉ ବୋଲି କହିଛନ୍ତି କଂଗ୍ରେସ ଯୁବ ନେତା। ସେପଟେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଘର କଥା ଘରେ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି। ସବୁଦଳ ପରି କଂଗ୍ରେସରେ ମଧ୍ୟ କିଛି ନେତା ଅସନ୍ତୁଷ୍ଟ ଅଛନ୍ତି। ସେମାନଙ୍କ ସହ ଦଳର ନେତୃତ୍ୱ ଆଲୋଚନା କରି ସମାଧାନ କରିବ। ସବୁ ବରିଷ୍ଠ ନେତା ଏନେଇ ଉଦ୍ୟମ କରିବାକୁ ଏକ ପ୍ରେସ ବିବୃତି ଜରିଆରେ ସେ କହିଛନ୍ତି।

### ଟାଟା...

କରାଗଲା। ଏବେ ପୁଣି ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ କାହା ସ୍ୱାର୍ଥରେ ଆଦାୟ ହେଉଛି ଆଉ ସରକାର କାହିଁକି ହସ୍ତକ୍ଷେପ କରୁନାହାଁନ୍ତି ବୋଲି ପ୍ରଶ୍ନ କରିଛନ୍ତି ରାଜ୍ୟ ଉପଭୋକ୍ତା ମହାସଂଘର ସାଧାରଣ ସମ୍ପାଦକ ରବି ବେହେରା। ସେ ଅଭିଯୋଗ କରିଛନ୍ତି ଯେ କମିଶନ ଚକ୍କରରେ ଶକ୍ତି ବିଭାଗ ଓ ଓଇଆରସି ସମସ୍ତେ ଟାଟାକୁ ନିରବ ସମର୍ଥନ ଦେଉଛନ୍ତି ଆଉ ଗ୍ରାହକଙ୍କ ପାଇଁ ପାଲଟିଯାଇଛନ୍ତି ମୂକ ବଧିର।

### ଶିବରାଜ...

କରିଥିଲେ। ସେ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ଗୃହମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ସେ ୧୯୯୧ ରୁ ୧୯୯୬ ପର୍ଯ୍ୟନ୍ତ ଲୋକସଭାର ବାଚସ୍ପତି ଭାବରେ କାର୍ଯ୍ୟ କରିଥିଲେ। ସେ ଭାରତର ଲୋକସଭାର ଦଶମ ବାଚସ୍ପତି ଥିଲେ। ଶିବରାଜ ପାଟିଲଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଶିକ୍ଷକ...

ସମସ୍ୟାର ସମାଧାନ କରିବ ବୋଲି ମନ୍ତ୍ରୀ, ବିଧାୟକ ଓ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ଦାଶ କହିଛନ୍ତି। ଶ୍ରୀ ଦାଶ ଦେଇଥିବା ସୂଚନାନୁସାରେ, ସମସ୍ୟା ସମାଧାନ ପାଇଁ ଗଠିତ ହୋଇଥିବା ଉଚ୍ଚସ୍ତରୀୟ କମିଟି ଖୁବ୍‌ଶୀଘ୍ର ଏହାର ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବ ଓ ଶିକ୍ଷକ କର୍ମଚାରୀଙ୍କର ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ନିମନ୍ତେ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀମାନେ ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ବିଧାୟକଙ୍କ ଅନୁରୋଧ କ୍ରମେ ତିନି ଦିନ ଧରି ଚାଲିଥିବା ଅହୋରାତ୍ର ଗଣଧାରଣାକୁ ସ୍ଥଗିତ କରାଯାଇଛି ବୋଲି ଉକ୍ତ ବିବୃତିରେ ଶ୍ରୀ ଦାଶ କହିଛନ୍ତି। ଏହି ଆନ୍ଦୋଳନର ନେତୃତ୍ୱ ଶ୍ରୀ ଦାଶଙ୍କ ସହ ସମିତି ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ ପ୍ରମୁଖ ନେଇଥିଲେ।

### ବଦଳିଲା...

କାର୍ଯ୍ୟକାରୀ କରାଯାଇଥିଲା। ସେତେବେଳେ ଏହାର ନାମ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆକ୍ଟ ୨୦୦୫ ଥିବା ବେଳେ ପରବର୍ତ୍ତୀ ସମୟରେ ଏହାର ନାମ ଏମ୍‌ଜିନରେଗା ରଖାଯାଇଥିଲା। ସମ୍ବିଧାନ ଦେଇଥିବା କାମ କରିବାର ଅଧିକାର ଅଧୀନରେ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ସକାଶେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଗ୍ରାମାଞ୍ଚଳରେ ଅଣକୁଶଳୀ କାରିଗରମାନଙ୍କୁ ରୋଜଗାର ଯୋଗାଇ ଦେବା ଦିଗରେ ଏହି ଯୋଜନା ବେଶ୍ ସହାୟକ ହୋଇଆସିଛି।

### ଉଠୁଛି...

ଭିନ୍ନ ପ୍ରକାରରେ ହେଉଛି। ରାଜ୍ୟବାସୀଙ୍କ ସହ ବିଦେଶରେ ରହୁଥିବା ଓଡ଼ିଆମାନେ ଏବେ ଦରମା ବୃଦ୍ଧି ପରେ ଓଡ଼ିଶା ଦୁର୍ନୀତିମୁକ୍ତ ହେବ କି ବୋଲି ପ୍ରଶ୍ନ କରୁଛନ୍ତି। ଏପରିକି ବିଶ୍ୱର ଅନ୍ୟତମ ଛୋଟ ଓ ଦୁର୍ନୀତିମୁକ୍ତ ଦେଶ ସିଙ୍ଗାପୁର ଭଳି ଓଡ଼ିଶା ହେବ ନାହିଁ ବୋଲି ସୋସିଆଲ ମିଡିଆରେ ଲେଖିବା ସହ ଏହା ଉପରେ ମତ ଲୋଡ଼ିବା ଆରମ୍ଭ କରିଛନ୍ତି। ସେମାନଙ୍କ ମତରେ, ନେତା ଦୁର୍ନୀତିମୁକ୍ତ ହେଲେ ରାଜ୍ୟରୁ ଛାଏଁ ଛାଏଁ ଦୁର୍ନୀତି ହଟିବ। ମୋଟା ଅଙ୍କର ଦରମା ନେଉଥିବା ନେତାମାନେ ଦୁର୍ନୀତିଠାରୁ ଦୂରେଇବେ କି ନାହିଁ, ତାହାକୁ ନେଇ ସୋସିଆଲ ମିଡିଆରେ ଲେଖା ଆରମ୍ଭ ହୋଇଛି। ସେହିପରି ଆଉ କିଛି ସଚେତନ ବ୍ୟକ୍ତି ମଧ୍ୟ ବିଧାୟକମାନଙ୍କ ଦରମା ସହ ଓଡିଶାର ଜନସାଧାରଣଙ୍କ ମୁଣ୍ଡପିଛା ଆୟକୁ ତୁଳନା କରିଛନ୍ତି। ସେମାନଙ୍କ ହିସାବରେ ୨୦୨୩-୨୪ ବର୍ଷରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୧.୮୩ ଲକ୍ଷ ଟଙ୍କା ଥିବା ବେଳେ ଜଣେ ବିଧାୟକଙ୍କର ବାର୍ଷିକ ଆୟ ୪୧.୪ ଲକ୍ଷ ଟଙ୍କା ହୋଇଛି। ବର୍ଦ୍ଧିତ ବେତନ ମାସକୁ ୩.୪୫ ଲକ୍ଷ ଟଙ୍କାକୁ ଆଧାର କରି ଏଭଳି ହିସାବ କରାଯାଇଛି ଯାହାକି ଓଡ଼ିଶାର ଜଣେ ନାଗରିକର ଆୟଠାରୁ ପ୍ରାୟ ୨୨ ଗୁଣା ଅଧିକ। ଏଥିସହ ଲୋକେ ହଜାରେ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତାକୁ ବି ଉଦାହରଣ ଭାବେ ଉପସ୍ଥାପନ କରୁଛନ୍ତି। ବିଧାନସଭାର ଅନେକ ସଦସ୍ୟ ସେମାନଙ୍କ ମାସିକ ବେତନ ସହ ବିଭିନ୍ନ ସୂତ୍ରରୁ ଆୟ ଦର୍ଶାଇଥାନ୍ତି। କୃଷିଠାରୁ ଆରମ୍ଭ କରି ଅନେକ ବ୍ୟବସାୟରେ ସେମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପୃକ୍ତି ଥାଏ। କେତେକ ବିଧାୟକ ନିଜ ନିଜ ସମ୍ପର୍କୀୟଙ୍କ ନାମରେ ମଦ ବେପାର ବି କରିଥାନ୍ତି। ସର୍ବଦା ଦରମା ଅଣ୍ଟୁନାହିଁ ବୋଲି କହିଆସୁଥିବା ଏହି ବିଧାୟକମାନେ ଏବେ ମାସକୁ ୩.୪୫ଲକ୍ଷ ଟଙ୍କା ପାଇବା ପରେ ସେମାନେ ଅନ୍ୟ ବ୍ୟବସାୟଠାରୁ ଦୂରେଇ ଲୋକଙ୍କ ପାଇଁ ସମୟ ଦେବେ କି ନାହିଁ, ତାହାକୁ ନେଇ ବି ଆଲୋଚନା ଆରମ୍ଭ ହୋଇଛି। ସୂଚନାଧିକାର କର୍ମୀଙ୍କଠାରୁ ଆରମ୍ଭ କରି ସଚେତନ ନାଗରିକମାନେ ଏବେ ମନ୍ତ୍ରୀ, ବିଧାୟକଙ୍କ ସହ ସେମାନଙ୍କ ସମ୍ପର୍କୀୟମାନଙ୍କ ନାମରେ ଥିବା ବ୍ୟବସାୟର ଖୋଳତାଡ଼ ଆରମ୍ଭ କରିଦେଇଛନ୍ତି। ଏତେ ସବୁ ବାଦ୍ ମନ୍ତ୍ରୀ, ବିଧାୟକମାନେ ଦୁର୍ନୀତିମୁକ୍ତ ହେବେ କି ନାହିଁ, ତାହା ଆଲୋଚନାର ପ୍ରମୁଖ ବିଷୟବସ୍ତୁ ପାଲଟିଥିବା ବେଳେ ସୋସିଆଲ ମିଡିଆରେ ଏହା ଟ୍ରେଣ୍ଡ କରିବାରେ ଲାଗିଛି।

# ‘ଠିପି ବନ୍ଦ’ ମଦ ଦୋକାନରୁ ବେଧଡ଼କ ମଦ ଚାଲାଣ

ଯାଜପୁର,୧୨।୧୨ (ସଂଚାର ବ୍ୟୁରୋ): ଯାଜପୁର ମାର୍କେଟ ଛକ ନିକଟରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ବେଧଡ଼କ ମଦ କଳାବଜାରୀ ଚାଲୁଛି। ଦୋକାନଟି କାଗଜରେ ଠିପି ବନ୍ଦ, କିନ୍ତୁ ମାଟି, ବାଲି ବୁହା ଭଳି ଏଇଠୁ ନିକଟବର୍ତ୍ତୀ ଜିଲ୍ଲାକୁ ଦିନ ରାତି ଚାଲାଣ ହେଉଥିବାରୁ ସ୍ଥାନୀୟ ବ୍ୟବସାୟୀ ଓ ଲୋକେ ବ୍ୟଥିତ। ମାଫିଆ, ନେତା,ପୋଲିସ ନେକ୍ସସ୍ ନେଇ ଛକରେ ଆଲୋଚନା। ସହରବାସୀଙ୍କ କହିବା ଅନୁସାରେ ଅବକାରୀ ବିଭାଗ ଓ ପୋଲିସ ଦେଖି ନ ଦେଖିଲାପରି। ରାଜନୀତିକ ଆର୍ଶୀର୍ବାଦରେ କଳା ମଦ ସାମ୍ରାଜ୍ୟ ଖୁଲମଖୁଲା ଚାଲୁଛି।



ଯାଜପୁର ଥାନା ନିକଟରୁ ଅଳ୍ପ କିଛି ଦୂରରେ ମାର୍କେଟ ଛକ୨ ନମ୍ବର “ଠିପି ବନ୍ଦ” ମଦ ଦୋକାନରୁ ବେଧଡକ ମଦ କଳାବଜାରୀ ଚାଲୁଛି, କିନ୍ତୁ ଯାଜପୁର ସଦର ଅବକାରୀ ଥାନା ସବ ଇନିସ୍ପେକ୍ଟର କି ଯାଜପୁର ଟାଉନ ଥାନା କାହିଁକି ଦେଖୁନାହାଁନ୍ତି? ସ୍ଥାନୀୟ ଲୋକ ମାନଙ୍କ ସୂଚନା ଭିତ୍ତିରେ ଚିତ୍ର ଚିନ୍ତାଜନକ। ସହରବାସୀ କହୁଛନ୍ତି- “ଏଠାରେ କେବଳ ମଦ ବେପାର ନୁହେଁ, ପଛରେ ଅସଲି ଖେଳ ହେଉଛି। ମଦ ମାଫିଆ ନେତୃତ୍ୱ ଭିତିରିଆ ଦଳ ବଦଳାଇ ଆଶୀର୍ବାଦ ହାସଲ କରିବା, ଆଉ ମାସିକିଆ ମ୍ୟାନେଜ୍‌ମେଣ୍ଟ। କାର୍ଯ୍ୟାଳୟରେ ଫାଇଲ୍ ବନ୍ଦ, ମାଦରେ ବ୍ୟବସାୟ ବନ୍ଦ ନୁହେଁ।

# ଅସୁରକ୍ଷିତ ରାଜା ଯଯାତିଙ୍କ ବିଜୟ ପ୍ରତୀକ ଶୁଭସ୍ତମ୍ଭ



**ହେଉନି ରକ୍ଷଣାବେକ୍ଷଣ**

**ସ୍ତମ୍ଭରୁ ଖସୁଛି ପଥର**

**ସନ୍ଧ୍ୟା ହେଲେ ଐତିହ୍ୟ ସ୍ଥାନଟି ପାଲଟୁଛି ଅସାମାଜିକଙ୍କ ଆଡ୍ଡାସ୍ଥଳି**

ଯାଜପୁର,୧୨।୧୨ (ସଂଚାର ବ୍ୟୁରୋ): ଓଡ଼ିଶାର ପୁରାତନ ସାମ୍ରାଜ୍ୟର ଦେଶଜ ଚିହ୍ନ, ରାଜା ଯଯାତି କେଶରୀଙ୍କ ବିଜୟର ଜୀବନ୍ତ ସାକ୍ଷ୍ୟ ‘ଶୁଭସ୍ତମ୍ଭ’ ଆଜି ନିର୍ଜନ, ଅବହେଳିତ ଏବଂ ଅସୁରକ୍ଷିତ। ଯେଉଁ ସ୍ଥାନରୁ କେବେ ବିଜୟର ପ୍ରତୀକ ଜୀବନ୍ତ ହୋଇଯାଉଥିଲା। ରାଜା ଯଯାତିଙ୍କ ଐତିହ୍ୟ ଆଜି ଅବହେଳାରେ ବୁଡୁଛି। ସେଠାକୁ ଏବେ ଆସୁଛନ୍ତି ଅସାମାଜିକ ଲୋକ। ସନ୍ଧ୍ୟା ପଡ଼ିଲେ ଐତିହ୍ୟ ସ୍ଥାନଟି ପାଲଟୁଛି ଅସାମାଜିକଙ୍କ ଆଡ୍ଡାସ୍ଥଳି। ପର୍ଯ୍ୟଟକ ପ୍ରାୟ ଶୂନ୍ୟ କହିଲେ ଚଳେ।

ଯାଜପୁର ପୌରାଞ୍ଚଳର ଖଣ୍ଡେଶ୍ୱରରେ ଥିବା ଏହି ସ୍ତମ୍ଭ ତ କେବଳ ପଥର ନୁହେଁ, ଏହା ସେତେବେଳର ରାଜଶକ୍ତି ଓ କ୍ଷମତାର ସ୍ତମ୍ଭ। ଇତିହାସ କହେ-୧୫୬୮ ମସିହାରେ କଳାପାହାଡ଼ଙ୍କ ସେନାପତି ଆଲ୍ଲୀ ବୋଖାରୀ ହାତୀ ଲଗାଇ ଏହି ସ୍ତମ୍ଭକୁ ଭଙ୍ଗିବାକୁ ଚେଷ୍ଟା କଲେ, ସ୍ତମ୍ଭ ଭାଙ୍ଗିଲା ନାହିଁ, ତଥାପି ଏହାର ଗରୁଡ଼ ମୂର୍ତ୍ତି ଖସିଗଲା। ସେହି ଗରୁଡ଼କୁ ଇଂରେଜ ଶାସନ ସମୟରେ କୋଲକାତା ସଂଗ୍ରହାଳୟକୁ ଉଠାଇ ନେଇ ଯାଇ ସ୍ଥାପିତ ହେଲା। ଏବେ ଯାଜପୁରର ମାଟିର ଗର୍ବ ରହିଛି ଅସ୍ଥିପଞ୍ଜରା ଅବସ୍ଥାରେ। ପଥର ଖସୁଛି, ସ୍ତମ୍ଭରେ ଗଛ ଉଠୁଛି, ଏହାର ସୁରକ୍ଷା କାହାର ଦାୟିତ୍ୱ? ୩୩ ଫୁଟ ୮ ଇଞ୍ଚ ଉଚ୍ଚ ଏବଂ ୩ଶହ ପଥରରେ ନିର୍ମିତ ଏହି ବର୍ଗାକାର ପୀଠ ଆଜି ଧ୍ୱଂସମୁହାଁ।

ବିରଜା ପୀଠକୁ ଶହଶହ ପର୍ଯ୍ୟଟକ ଆସୁଛନ୍ତି, କିନ୍ତୁ କେବଳ କିଛି ଶତାଧିକ ମିଟର ଦୂରରେ ଥିବା ଶୁଭସ୍ତମ୍ଭ ନିକଟକୁ କାହାର ପାଦ ପଡୁନାହିଁ। କାରଣ ଏହି ଐତିହ୍ୟ ‘ବିଜୟ-ପ୍ରତୀକ’ଶୁଭସ୍ତମ୍ଭର ପ୍ରଚାର ନାହିଁ, ପର୍ଯ୍ୟଟକ ଯିବାର ପ୍ରଶାସନିକ ସୁବିଧା ନାହିଁ, ନିରାପତ୍ତା ନାହିଁ, ପରିକଳ୍ପନା ନାହିଁ। ଯାଜପୁରର ବିକାଶ ପ୍ରକଳ୍ପର ଭିଡ ଭିତରେ ଯାଜପୁରର ପୁରାତନ ଗୌରବ ସ୍ତମ୍ଭ ତଥା ପୁରାତନ ଐତିହ୍ୟର ସ୍ଥାନ ନଥିବାର ଯନ୍ତ୍ରଣା ଏହି ସ୍ତମ୍ଭ ସ୍ପଷ୍ଟ କହୁଛି।

**ପୀତବାସ ହତ୍ୟା ମାମଲା**

# ବିକ୍ରମଙ୍କ ସମେତ ୫ ଜଣଙ୍କ ଜାମିନ୍ ରାୟ ସଂରକ୍ଷିତ, ୧୬ରେ ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର,୧୨।୧୨ (ସଂଚାର ବ୍ୟୁରୋ): ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ହତ୍ୟା ମାମଲାରେ ତୃତୀୟ ଏଡିଜେ କୋର୍ଟରେ ଶୁଣାଣି ହୋଇଛି। ତୃତୀୟ ଅତିରିକ୍ତ ଜିଲ୍ଲା କୋର୍ଟରେ ବିକ୍ରମ ପଣ୍ଡାଙ୍କ ସମେତ ୫ ଜଣଙ୍କ ଜାମିନ ଆବେଦନର ଶୁଣାଣି ହୋଇଛି କିନ୍ତୁ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ ତାରିଖକୁ କୋର୍ଟ ଧାର୍ଯ୍ୟ କରିଛନ୍ତି । ଗତ ୯ ତାରିଖରେ ପୋଲିସ ପକ୍ଷରୁ ସିଡି ଦାଖଲ ହୋଇଥିଲା। ଗିରଫ ହୋଇଥିବା ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ସମେତ ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁ ଦାସ,ମଦନ ଦଳାଇ, ଶୂନ୍ୟ ଦାସଏବଂ ସୁନୀଲ ହୋତାଙ୍କ ଜାମିନ ପାଇଁ ତାଙ୍କ ଓକିଲ ଆଜି ତୃତୀୟ ଅତିରିକ୍ତ ଜିଲ୍ଲା କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଜାମିନ ଆବେଦନ ଶୁଣାଣି କରିବା ସହିତ ରାୟ ସଂରକ୍ଷିତ ରଖିଛନ୍ତି । ଆସନ୍ତା ୧୬ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଥିବା ବିକ୍ରମଙ୍କ ଓକିଲ କହିଛନ୍ତି ।

**ହଞ୍ଜିଳିରେ ଦାଦନ ଯନ୍ତ୍ରଣା**

# ରୋଜଗାର ପାଇଁ ଯାଇଥିଲେ, ଶବ ହୋଇ ଫେରିଲେ

**କାନ୍ଦ ବୋବାଳିରେ ଫାଟି ପଡିଲା ଗାଁ**

**ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ**



ହିଞ୍ଜିଳିକାଟୁ,୧୨।୧୨ (ସଂଚାର ବ୍ୟୁରୋ): ପରିବାର ଲୋକଙ୍କ ପେଟରେ ଦାନା ଯୋଗାଇବା ପାଇଁ ଦାଦନ ଖଟି ଯାଇଥିଲା ପୁଅ। ସୁଦୂର ସୁରଟରେ ରହି କାମ କରୁଥିଲା ଆଉ ଘରକୁ ଟଙ୍କା ପଠାଉଥିଲା। କିନ୍ତୁ ଏବେ ପୁଅର ମରଶରୀର ଗାଁକୁ ଫେରିଛି । ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ରାଳବ ପଞ୍ଚାୟତ ଆଲପୁର ଗ୍ରାମର ସ୍ୱର୍ଗତ ଉତ୍ସବ ପୋଲାଇଙ୍କ ପୁତ୍ର ରଞ୍ଜନ ପୋଲାଇ। ତେବେ ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିବା ଘଟଣା ଯେମିତି ଗଂଜାମ ଜିଲ୍ଲାରେ ନିତିଦିନିଆ ଘଟଣା ପାଲଟି ଗଲାଣି।

ସୂଚନା ଅନୁଯାୟୀ, ଆଲପୁର ଗ୍ରାମର ରଞ୍ଜନ ପୋଲାଇ (୪୦) ପରିବାର ପ୍ରତିପୋଷଣ ପାଇଁ ୭ ମାସ ହେଲା ସୁରତ ଜିଲ୍ଲା ବମ୍ଭରେଲି ଅଞ୍ଚଳରେ ଏକ କପଡ଼ା ମିଲ୍‌ରେ କାମ କରିବାକୁ ଯାଇଥିଲେ। ବୁଧବାର ସକାଳେ କମ୍ପାନୀରେ କାମ କରୁଥିବା ବେଳେ ରଞ୍ଜନଙ୍କ ଛାତିରେ ଯନ୍ତ୍ରଣା ହେବା ସହ ମୁଣ୍ଡ ବୁଲାଇ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ କମ୍ପାନୀର ଶ୍ରମିକ ସାଥିମାନେ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପରେ କମ୍ପାନୀ ମାଲିକ ଏକ ସତନ୍ତ୍ର ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ରଞ୍ଜନଙ୍କ ନିଜ ଗାଁ ପଠାଇଥିଲେ। ତେବେ ଗୁରୁବାର ରାତି ୮ ଟାରେ ମୃତଦେହ ଗାଁରେ ପହଞ୍ଚିଥିବା ବେଳେ କାନ୍ଦ ବୋବାଳିରେ ଫାଟି ପଡିଥିଲା ଗାଁ । ପରେ ରୁଷିକୁଲ୍ୟା ନଦୀ କୂଳ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

ଖବର ପାଇ ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ର, ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ ଓ ରାଳବ ପଞ୍ଚାୟତ ସମିତି ସଭ୍ୟା ରୀନା ପୋଲେଇ ମୃତକଙ୍କ ଗାଁରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ତରଫରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ମୃତକ ରଞ୍ଜନଙ୍କ ୮୦ ବର୍ଷୀୟା ମା ସମେତ ସ୍ତ୍ରୀ ଓ ୨ ପୁଅ ଅଛନ୍ତି। ତାଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ କମ୍ପାନି ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ବଢୁଛି ଥଣ୍ଡା, ଜମୁଛି ଶୀତବସ୍ତ୍ର ବେପାର

ହିଞ୍ଜିଳିକାଟୁ,୧୨।୧୨ (ସଂଚାର ବ୍ୟୁରୋ): ଏବେ ଯେଉଁ ଖବର ଚର୍ଚ୍ଚା ଶୀର୍ଷରେ ରହିଛି, ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ତା’ ଭିତରୁ ଅନ୍ୟତମ। ହିଂଜିଳିକାଟୁ ଓ ନିକଟବର୍ତ୍ତୀ ଅଞ୍ଚଳ ଗୁଡିକରେ ଧୀରେ ଧୀରେ ବଢୁଛି ଥଣ୍ଡା, ଥଣ୍ଡାକୁ ଦେଖି ଜମିଲାଣି ଶୀତବସ୍ତ୍ର ବଜାର। ସକାଳେ ଲୋକେ ଡେରିରେ ବିଛଣା ଛାଡୁଛନ୍ତି, ଥଣ୍ଡାରେ ଗାଧୋଇ ସ୍କୁଲ ଯିବାକୁ ପିଲାମାନେ ସହଜରେ ରାଜି ହେଉନାହାନ୍ତି। ଡେରିରେ ଦୋକାନ ବଜାର ଖୋଲୁଛି, ପୁଣି ସନ୍ଧ୍ୟା ପରେ ପରେ ରାସ୍ତା ଉପରର ଗହଳି ପତଳା ହୋଇ ଯାଉଛି। ଶୀତ ବଢ଼ିବା ସହିତ ତାଳ ଦେଇ ଜମିଲାଣି ଶୀତ ବସ୍ତ୍ରର ଆସର। ରାସ୍ତାକଡ଼ ଓ ବିଭିନ୍ନ ଦୋକାନରେ ଏବେ ରଙ୍ଗବେରଙ୍ଗର ଶୀତବସ୍ତ୍ର ସାଙ୍ଗକୁ ଶାଲ ଓ ଜ୍ୟାକେଟର ପସରା ମେଲାଲେଣି ବ୍ୟବସାୟୀ । କୁନି ପିଲାଙ୍କ ନିମନ୍ତେ ଗ୍ଲୋବ,ମାସ୍କ ଓ ମଙ୍କି କ୍ୟାପ ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ସହରର ରେଗିଡ଼ି ଛକ,ବଇଅଁବଣିଆ ଓ ସୋମପୁର ରାସ୍ତାରେ ପସରା ମେଲିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଭଳି ବିଭିନ୍ନ ପ୍ରକାର ଶୀତବସ୍ତ୍ର ବଜାରକୁ ଆସିଛି। ବିଶେଷ କରି ଯୁବବର୍ଗଙ୍କ ପାଇଁ ବିଭିନ୍ନ ପ୍ରକାର ଗ୍ଲୋବସ, ଜ୍ୟାକେଟ, ସ୍ୱେଟର ଏବଂ ଛୋଟ ପିଲାଙ୍କପାଇଁ ଟୋପି, ଚପଲ, ଜୋତା ଆଦି ମାର୍କେଟରେ ମିଳୁଛି । କମ ଦାମରେ ଉନ୍ନତ ମାନର ଶୀତ ବସ୍ତ୍ର ଲୋକଙ୍କୁ ବିକ୍ରି କରୁ ଥିବାରୁ ଗ୍ରାହକଙ୍କ ବିଶ୍ୱାସ ଜିତିବାରେ ସେମାନେ ସକ୍ଷମ ହୋଇଛନ୍ତି ।



# ଏଚଡିଏଫସି ବ୍ୟାଙ୍କରେ ରକ୍ତଦାନ ଶିବିର

- ୨୩ ୟୁନିଟ୍ ରକ୍ତ ସଂଗୃହୀତ



ବୋରିଗୁମ୍ମା,୧୨।୧୨ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ରକ୍ତଦାନ ଜୀବନ ଦାନ, ଏହା ଏକ ମହତ ଓ ପୁଣ୍ୟ କାର୍ଯ୍ୟ ହୋଇଥିବାରୁ ଶାଖା ପରିଚାଳକ ସୁବ୍ରତ ପଣ୍ଡାଙ୍କ ଆହ୍ୱାନ କ୍ରମେ ଆଜି ପ୍ରାୟ ୨୩ ଜଣ ରକ୍ତଦାତା ସ୍ୱଇଚ୍ଛାରେ ରକ୍ତଦାନ କରିଛନ୍ତି। ଏହି ଶିବିରକୁ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟନାୟକ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରରେ ଉପସ୍ଥିତ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ରୀତିକ ପାଢ଼ୀଙ୍କ ଟିମ ସହାୟତାରେ ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବ୍ୟାଙ୍କ କର୍ମଚାରୀ, ବ୍ୟାଙ୍କ ଉପଭୋକ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘନ କୁହୁଡ଼ି ସାଙ୍ଗକୁ ଶୀତରେ ଥରୁଛି କୋରାପୁଟ

ବୋରିଗୁମ୍ମା/କୋରାପୁଟ,୧୨।୧୨ (ସଂଚାର ବ୍ୟୁରୋ): ପ୍ରବଳ ଥଣ୍ଡା ସହ ଘନ କୁହୁଡିର ଆସ୍ତରଣରେ ଥରୁଛି ବୋରିଗୁମ୍ମା ସମେତ କୋରାପୁଟ ଜିଲ୍ଲା। ମାଳଭୂମୀକୁ ଶୀତ କଡ଼ ଲେଉଟାଇଛି। ସକାଳ, ସନ୍ଧ୍ୟା ଓ ରାତିରେ ପ୍ରବଳ ଶୀତ ଅନୁଭୂତ ହେଉଛି । ସହର ଏବଂ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଛି କୁହୁଡିର ବହଳିଆ ଆସ୍ତରଣ। ସତେ ଯେମିତି ଧଳା ଚାଦର ତଳେ ପୁରା ଜିଲ୍ଲା। ଗାଡି ଚଳାଚଳ ସହ ଜନଜୀବନ ଉପରେ ପ୍ରଭାବ ପଡୁଛି ।

କୋଟପାଡ଼, ବୋରିଗୁମ୍ମା, ଜୟପୁର, କୋରାପୁଟ, ସୁନାବେଡା, ସେମିଳିଗୁଡା, ଦାମନଯୋଡି ଭଳି ସହରରେ ପାରଦ ଖସି ଆସୁଥିବା ବେଳେ ଗ୍ରାମାଞ୍ଚଳରେ ପ୍ରବଳ ଥଣ୍ଡା ହେଉଛି। ଶୁଙ୍କି, ପଟ୍ଟାଙ୍ଗୀ ଓ ଜୟପୁର ଭଳି ଘାଟି ଅଞ୍ଚଳରେ ୨୦ ମିଟରରୁ ଅଧିକ ରାସ୍ତା ଦେଖାଯାଉନଥିବାରୁ ଜାତୀୟ ରାଜପଥରେ ଗାଡି ଚଳାଚଳ ବିଳମ୍ବ ହେଉଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ଜନଜୀବନ ସ୍ୱାଭାବିକ ହେବା ପାଇଁ ସମୟ ଲାଗୁଛି । ସଞ୍ଜ ନଇଁବା ପରେ ଦେହ ଥରୁଥିବା ବେଳେ ରାତିରେ ଥଣ୍ଡାର ପ୍ରକୋପ ବଢୁଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। କୋରାପୁଟରେ ହାଡ ଭଙ୍ଗା ଜାଡର ପ୍ରଭାବରେ ଲୋକମାନେ ସକାଳ ୯ଟା ପୂର୍ବରୁ ଲୋକେ ଘରୁ ପଦାକୁ ବାହାରି ପାରୁ ନାହାନ୍ତି। ଥଣ୍ଡା ବଢ଼ିବା ସହ ଘନ କୁହୁଡି କାରଣରୁ ଜନଜୀବନ ମଧ ବେଶ ପ୍ରଭାବିତ ହେଉଛି।

ସେପଟେ କିଛି ଦିନ ହେବ ଜିଲ୍ଲାରେ ଥଣ୍ଡା ଅଧିକ ଥିବା ଜଣାପଡୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଏଠାରେ ପର୍ଯ୍ୟଟକଙ୍କ ଭିଡ ଲାଗୁଛି।

# ଗଞ୍ଜାମ ତହସିଲ ରାସ୍ତାର ଅବସ୍ଥା ଶୋଚନୀୟ

**ଭାରୀଯାନର ଭାର ସମ୍ଭାଳି ପାରୁନି ରାସ୍ତା**

**ନିୟମିତ ଘଟୁଛି ଛୋଟ ବଡ଼ ଦୁର୍ଘଟଣା**

**ମରାମତି ଦିଗରେ ଗୁରୁତ୍ୱ ଦେଉ ନାହିଁ ପୂର୍ତ୍ତ ବିଭାଗ**



ଛତ୍ରପୁର,୧୨।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ଏନଏସି ଅନ୍ତର୍ଗତ ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଥିବା ପୂର୍ତ୍ତ ବିଭାଗର ରାସ୍ତାର ଅବସ୍ଥା ଦିନକୁଦିନ ଅତ୍ୟନ୍ତ ଶୋଚନୀୟ ରୂପ ନେଇଛି। ନିୟମିତ ଭାବରେ ଭାରୀ ଯାନବାହନ ଯାତାୟାତ ହେବାରୁ ରାସ୍ତା ଭାର ସମ୍ଭାଳି ପାରୁନଥିବା ପରିସ୍ଥିତି ସ୍ପଷ୍ଟ ଭାବେ ପ୍ରକାଶ ପାଇଛି। ଫଳତଃ ଅନେକ ସ୍ଥାନରେ ଗଭୀର ଗାଡ଼ ସୃଷ୍ଟିହେବା ସହିତ ବର୍ତ୍ତମାନ ରାସ୍ତା ମାରାଣଯନ୍ତା ପାଲିଟିଛି।

ଏହି ରାସ୍ତା ଦେଇ ପ୍ରତିଦିନ ତହସିଲ କାର୍ଯ୍ୟାଳୟ, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ, ନିକଟସ୍ଥ ଇଂରାଜୀ ମିଡ଼ିୟମ ସ୍କୁଲ୍, ଜୟଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଐତିହାସିକ ପୋଡ଼ଗଡ଼ ଦୁର୍ଗକୁ ଯିବାକୁ ଶତାଧିକ ଛାତ୍ରଛାତ୍ରୀ,ପର୍ଯ୍ୟଟକ ଓ ସାଧାରଣ ଲୋକ ଯାତାୟାତ କରନ୍ତି। ରାସ୍ତାର ଅବସ୍ଥା ଦୟାନୀୟ ହେବାରୁ ନିୟମିତ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ମଧ ମିଳୁଛି।

ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି ଯେ, ତହସିଲ ଛକ ଅଞ୍ଚଳରେ ରାସ୍ତାର ଏହି ଦୁର୍ଦ୍ଦଶା ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି। ବହୁବାର ଅଭିଯୋଗ ହେବା ସତ୍ତ୍ୱେ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଇଥିବାରୁ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟମାନଙ୍କ ଦାବି, ରାସ୍ତାକୁ ତୁରନ୍ତ ମରାମତି କରାଯାଇ ଜନସାଧାରଣଙ୍କ ଯାତାୟାତ ଅସୁବିଧାକୁ ଦୂର କରାଯାଉ।

# ନୀଳଗିରି ଛାଡ଼ିଲେ ଝାଡ଼ଖଣ୍ଡି ହାତୀପଲ

ନୀଳଗିରି,୧୨।୧୨ (ସଂଚାର ବ୍ୟୁରୋ): ନୀଳଗିରି ରେ ଝାଡ଼ଖଣ୍ଡି ହାତୀ ଙ୍କଦୌରାତ୍ମ୍ୟ ପରେ ଭୋର ପ୍ରାୟ୫.୩୫ ସମୟରେ ରହିଯାଇଥିବା ଅସୁସ୍ଥ ହାତୀଟିକୁ ନୀଳଗିରି ରେଞ୍ଜ ଅତିକ୍ରମ କରି ବାରିପଦା ରେଞ୍ଜ ବଡ଼ସାହି ସେକ୍ସନ ରତନପୁର ଜଙ୍ଗଲରେ ଛାଡ଼ିଥିବା ଜଣାପଡିଛି। ଝାଡ଼ଖଣ୍ଡ ହାତୀ ପଲ ନୀଳଗିରିରୁ ଆଜି ଯିବା ପରେ ଅଞ୍ଚଳବାସୀଙ୍କ ଚିନ୍ତା ଯାଇଛି।

ପ୍ରତିବର୍ଷ ଭଳି ଚଳିତବର୍ଷ ଝାଡ଼ଖଣ୍ଡର ଅଭୟାରଣ୍ୟରୁ ଦଲମା ଜଙ୍ଗଲରୁ ହାତୀପଲ ବୁଧବାର ଭୋର୫ଟା ସମୟରେ ନୀଳଗିରି ରେଞ୍ଜର କୁଲାଟ ବରମପୁର ପିଚୁରାସ୍ତା ପାର କରି ତିନିକୋଶିଆ ଓ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ଏହି ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ଥିବା ଚାଷଜମିରେ ପାଚିଲା ଧାନକୁ ଯେତିକି ଖାଇଥିଲେ, ତା'ଠୁ ଅଧିକ ଦଳି ମକଚି ନଷ୍ଟ କରିଥିଲେ। ପରେ ଗୁରୁବାର ଭୋର ସମୟରେ ଗୋଟିଏ ଅସୁସ୍ଥ ହାତୀକୁ ଛାଡି ହାତୀପଲ ଗତକାଲି ଭୋର ନୀଳଗିରି ରେଞ୍ଜ ସୀମା ପାର ହୋଇ ମୟୂରଭଞ୍ଜ ଅଞ୍ଚଳକୁ ଫେରି ଯାଇଥିଲେ।

ନୀଳଗିରି ବନ ବିଭାଗ ଏହି ଛୁଆ ହାତୀର ମୁହଁ ଫୁଲିବା ସହ ପାଟି ଭିତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ପାଟିରୁ ରକ୍ତ ସ୍ରାବ ହେଉଥିବା ନଜରକୁ ଆସିଥିଲା। ଘଟଣା ସମ୍ପର୍କରେ ନୀଳଗିରି ରେଞ୍ଜର ମନୱାରଖାଁ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଜଣାଯାଇଥିଲେ। ବାଲେଶ୍ୱର ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜର ମନୱର ଖାଁ ଓ ପଶୁଚିକିତ୍ସକ ଅଭିଳାସ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ତା'ର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ପ୍ରାଥମିକ ତଦନ୍ତରୁ ଜଣାପଡିଛି ଦନ୍ତାବୟସ ୫ରୁ ୬ ବର୍ଷ ହେବ ଏବଂ ହାତୀର ପାଟି ଭିତରେ କୈଣସି ପ୍ରକାର ଗଭୀର କ୍ଷତ ସୃଷ୍ଟି ହୋଇଛି। ଫଳରେ ଛୁଆ ମାଈ ହାତୀଟି ଅତି ଦୁର୍ବଳ ହୋଇପଡ଼ିଛି । ଅସୁସ୍ଥ ହାତୀକୁ ନୀଳଗିରି ବନବିଭାଗ ବିଭାଗ ଜଗି ରହିଥିଲେ।

**ଅଞ୍ଚଳବାସୀ ଆଶ୍ୱସ୍ତ**

**ଅସୁସ୍ଥ ହାତୀକୁ ରତନପୁର ଜଙ୍ଗଲରେ ଛାଡିଲା ବନ ବିଭାଗ**



# ଭାରତୀୟ ଭାଷା ଉତ୍ସବ ଉଦଯାପିତ




ବ୍ରହ୍ମପୁର୧୨।୧୨ (ସଂଚାର ବ୍ୟୁରୋ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଭାରତୀୟ ଭାଷା ଉତ୍ସବର ଉଦଯାପନୀ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ଗଣେଶ ହଲ ଠାରେ ଏକ ପାଠଚକ୍ରର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ‘ବନ୍ଦେ ଉତ୍କଳ ଜନନୀ’ ଗାନ କରାଯାଇଥିଲା । ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥଙ୍କ ସଭାପତିତ୍ୱ ତଥା ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପାଠଚକ୍ରରେ ସ୍ନାତକୋତ୍ତର ପରିଷଦ ସମୂହ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଶ୍ରୀଜଗନ୍ନାଥଙ୍କୁ ପୁଷ୍ପ ଅର୍ପଣ ପୂର୍ବକ ଜାତୀୟ ଶିକ୍ଷାନୀତି- ୨୦୨୦ ପରିପ୍ରେକ୍ଷୀରେ ଭାରତୀୟ ଭାଷା ଉତ୍ସବର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପାଠଚକ୍ରର ମୁଖ୍ୟ ଅତିଥି ଭାବେରେ ଯୋଗଦେଇଥିଲେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା । ନିଜ ବକ୍ତବ୍ୟରେ ପ୍ରଫେସର ପଣ୍ଡା ଭାରତୀୟ ଭାଷା ପରିବାରର ବ୍ୟାଖ୍ୟା କରିବା ସହ ଭାରତର ଭାଷାଗତ ବିବିଧତା ଓ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଉଲ୍ଲେଖ କରିଥିଲେ। ଏହାସହ ଭାରତୀୟ ଭାରତୀୟ ଭାଷା ଉତ୍ସବ ପାଳନର ପ୍ରାସଙ୍ଗିକତା ଓ ତାତ୍ପର୍ଯ୍ୟ ଦର୍ଶାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବୋରିଗୁମ୍ମା,୧୨।୧୨ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ନୁଆଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟ, ଠାରେ ୨୦୨୫ ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଦୁଇ ଦିନ ପାଇଁ ହେଉଥିବା ଏହି ଉତ୍ସବ ସ୍ଥାନୀୟ ମା’ ଗଙ୍ଗାମାୟୀ ମନ୍ଦିରରୁ ମଶାଲ ଅଣାଯାଇ ପ୍ରଧାନ ଶିକ୍ଷକ ଏନ ରାଜେଶ କୁମାରଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଜୁନିଅର ସିନିଅର ବିଭାଗରେ ଭିନ୍ନ ଭିନ୍ନ ଖେଳ, ଦୌଡ଼, ଲମ୍ବା ଡିଆଁ, କବାଡି, ଦୌଡି ଡିଆଁ, ପେଣ୍ଡୁ ଫିଙ୍ଗା ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଭାଗ ନେଇଥିଲେ ।



# ଏଆଇସି-ସୋଆ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦ୍ରାଞ୍ଚଳ ଓଡ଼ିଶା ଏଆଇ ସିମ୍ପୋସିୟମ୍ ୨୦୨୫ ଆୟୋଜିତ

ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ଏଆଇ ସିମ୍ପୋସିୟମ୍-୨୦୨୫ର ଅନ୍ୟ ଏକ ପ୍ରମୁଖ କାର୍ଯ୍ୟକ୍ରମ ଓଡ଼ିଶା ଏଆଇ ହାକାଥନ୍-୨୦୨୫ ରାଜ୍ୟର ୪ଟି ଆଞ୍ଚଳିକ ନୋଡାଲ ସେଣ୍ଟରରେ ଆୟୋଜିତ ହୋଇଯାଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଏଆଇସି-ସୋଆ ଫାଉଣ୍ଡେସନ୍ ଦ୍ୱାରା କେନ୍ଦ୍ରାଞ୍ଚଳ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ସୋଆକୁ ସେଣ୍ଟ୍ରାଲ୍ ଜୋନ୍ ନୋଡାଲ ସେଣ୍ଟରର ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ରାଜ୍ୟର ୭ଟି ଜିଲ୍ଲା ଖୋର୍ଦ୍ଧା, କଟକ, ପୁରୀ, ଜଗତସଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଏବଂ ନୟାଗଡ଼ ନିମନ୍ତେ ଆଞ୍ଚଳିକ ହାକାଥନ ପରିଚାଳନାର ଦାୟିତ୍ୱ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା। ଦକ୍ଷତା ଏବଂ ଉଦ୍‌ଭାବନକୁ ଭିତ୍ତିକରି ୧୬ଟି ଟିମ୍ ହାକାଥନ୍‌ରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ। ଏଆଇସି-ସୋଆ ଫାଉଣ୍ଡେସନ୍‌ରେ ଡିସେମ୍ବର ୧୦ ତାରିଖରେ ଏହି କେନ୍ଦ୍ରାଞ୍ଚଳ ହାକାଥନ୍ ଆୟୋଜନ କରାଯାଇଥିଲା। ବିଚାରକ ମଣ୍ଡଳୀ ପ୍ରତିଯୋଗୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ଟି ଟିମ୍‌କୁ ଓଡ଼ିଶା ଏଆଇ ସିମ୍ପୋସିୟମ୍ ପାଇଁ ମନୋନୀତ କରିଥିଲେ। ଏହି ମନୋନୀତ ଟିମ୍ ଗୁଡ଼ିକ ଡିସେମ୍ବର ୧୮ ତାରିଖରେ ଆୟୋଜିତ ହେବାକୁ ଥିବା ଏଆଇ ସିମ୍ପୋସିୟମ୍‌ରେ ନିଜର ଉଦ୍‌ଭାବନ ପ୍ରଦର୍ଶନ କରିବେ।



# ଜଙ୍ଗଲ ଭ୍ରମ ସୃଷ୍ଟିକରିଛି ଗ୍ରାମ୍ୟ ପାର୍କ

କାକଟପୁର/ଅସ୍ତରଙ୍ଗ,୧୨।୧୨ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳ ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ସରକାର ଗ୍ରାମୀଣ ପାର୍କ ନିର୍ମାଣ କରିଥିଲେ। ଉଦେଶ୍ୟ ଥିଲା ଲୋକେ ବାହାରକୁ ନ ଯାଇ ନିଜ ଗାଁରେ ସହର ଭଳି ଗ୍ରାମାଞ୍ଚଳରେ ପାର୍କ ମଜା ପାଇବେ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ବିଗତ ବର୍ଷରେ ବିଭିନ୍ନ ପଂଚାୟତରେ ଗ୍ରାମ୍ୟ ପାର୍କ ନିର୍ମାଣ କରାଯାଇଥିଲା। କିନ୍ତୁ ଅସ୍ତରଙ୍ଗ ବ୍ଲକ ପଛ ପାର୍ଶ୍ୱରେ ଥିବା ଅସ୍ତରଙ୍ଗ ପାର୍କ ଯୁବ ପିଢ଼ିଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ବେଶ ଭିଡ଼ ମଧ ପ୍ରତ୍ୟେକ ଦିନ ପୂର୍ବାହ୍ନ ଓ ଅପରାହ୍ନରେ ଜମୁଥିଲା। କିନ୍ତୁ ୧୫ଗୋଟି ପଂଚାୟତ ମଧ୍ୟରୁ ଅନେକ ପଂଚାୟତରେ ପ୍ରଶାସନିକ ଅବହେଳା ହେଉ ବା ଅନ୍ୟ କୌଣସି କାରଣରୁ ଏହି ଗ୍ରାମ୍ୟ ପାର୍କ ଏ ଯାଏଁ ନିର୍ମାଣ ଆରମ୍ଭ ହୋଇପାରିନାହିଁ। ଫଳରେ ଏହି ଯୋଜନା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଦିଗହରା ହୋଇଥିବାରୁ ସାଧାରଣ ରେ ଅସନ୍ତୋଷ ଦେଖାଦେଇଛି।

ଅପରପକ୍ଷେ ନିର୍ମାଣ ସରିଯାଇଥିବା ପାର୍କ ଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ସ୍ତରରୁ ପାଣ୍ଠି ଆସୁନଥିବାରୁ ଏବେ ଉକ୍ତ ପାର୍କ ଅନାବନା ଗଛରେ ପୂର୍ଣ୍ଣ ହୋଇ ଗ୍ରାମ୍ୟ ଜଙ୍ଗଲର ଭ୍ରମ ସୃଷ୍ଟି କରିଛି। ଏହା ସହ ପାର୍କରେ ଲାଗିଥିବା ଆନୁସଙ୍ଗିକ ସାମଗ୍ରୀ କେଉଁଠି ଭାଙ୍ଗି ତୁଟି ଗଲାଣି ତ ଆଉ କେଉଁଠି ଉଇ ହୁଙ୍କାରେ ପୋତି ହୋଇଗଲାଣି। ଅନ୍ୟ ପଟେ ଅସ୍ତରଙ୍ଗ ବ୍ଲକ ପଛ ପାର୍ଶ୍ୱରେ ଥିବା ଅସ୍ତରଙ୍ଗ ପାର୍କ ସମସ୍ତଙ୍କ ଆକର୍ଷଣ କେନ୍ଦ୍ର ବିନ୍ଦୁ ହୋଇଥିବା ବେଳେ ସରକାରୀ ସ୍ତରରେ ସହାୟତା ନ ମିଳିବାରୁ ଏବେ ଜରାଜୀର୍ଣ୍ଣ ହୋଇଯାଇଛି।

ତେବେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କଗୁଡିକର ପୁନଃଉଦ୍ଧାର ଓ ନିର୍ମାଣଧୀନ ପାର୍କ ଗୁଡିକର କାମ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି। ଏହା ସହ ସରକାରୀ ସ୍ତରରେ ଏହାର ଦାୟିତ୍ୱ ନିଆଗଲେ ଗ୍ରାମାଞ୍ଚଳ ଲୋକେ ଚିତ୍ତବିନୋଦନ ମଜା ଉଠାଇବା ସହ ସହରୀ ଅନୁଭୂତି ପାଇ ପାରିବେ।

**ରକ୍ଷଣାବେକ୍ଷଣ ନାହିଁ, ଭାଙ୍ଗିରୁଜି ଗଲାଣି ଆସବାବ ପତ୍ର**

**କେବେ ପାର୍କରେ ଖେଳିବେ ପିଲା ?**




# କନ୍ଧମାଳ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ନିନ୍ଦା

ଫୁଲବାଣୀ,୧୨।୧୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ସମସ୍ତ ଆଉଟ ସୋର୍ସିଙ୍ଗ କର୍ମଚାରୀ ଆଜି ସନ୍ଧ୍ୟା ୫ ଘଣ୍ଟିକା ସମୟରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି ଏକ ସାମ୍ବାଦିକ ସମ୍ମିଳନୀରେ ଗତକାଲିର ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଯଦି ଆଶଙ୍କାରେ ଅଛନ୍ତି ତେବେ ଓଡିଶାରୁ ଏହି କ୍ରୀତଦାସ ପ୍ରଥାକୁ ଉଚ୍ଛେଦ କରି ସମସ୍ଥ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ସ୍ଥାୟୀ କରିଦିଅନ୍ତୁ। ଯଦି ସରକାର ନକରନ୍ତି ତେବେ ଏହି ମାସ ଶେଷ ସୁଦ୍ଧା ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ରାଜଧାନୀର ଲୋୟର ପିଏମଜିରେ ତାର ଶକ୍ତି ପ୍ରଦର୍ଶନ କରିବ ବୋଲି ଚେତାବନୀ ଦେଇଛନ୍ତି।

# ସତ୍ୟବିହାର ବାର୍‌ରେ ଭୟଙ୍କର ଅଗ୍ନିକାଣ୍ଡ

- ବାର୍ ଚଳାଇବା ପାଇଁ ବିଧିବଦ୍ଧ ଲାଇସେନ୍ସ ନଥିଲା
- ବେଆଇନ ମଦ କାରବାର ସହ ନାଚ ଗୀତ ଜମୁଥିଲା



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ରାଜଧାନୀର ସତ୍ୟବିହାରରେ ଥିବା ଏକ ବାରରେ ଲାଗିଛି ନିଆଁ। ହୁତୁହୁତୁ ହୋଇ ଜଳିଛି ବିଲ୍ଡିଂ। ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଉଠିଛି। ଘଟଣାସ୍ଥଳରେ ଦୁଇଟି ଦମକଳ ବାହିନୀ ନିଆଁଲିଭା କାମରେ ନିୟୋଜିତ ହୋଇଥିଲା ବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

ସୂଚନା ଅନୁଯାୟୀ ସକାଳ ୮ଟା ୫୦ ମିନିଟ୍ ସମୟରେ ସତ୍ୟବିହାରରେ ଥିବା ଏକ ବାର (ନୋ ଲିମିଟ୍)ରେ ଲାଗିଥିଲା ନିଆଁ। ଏହାପରେ ନିଆଁ ସମଗ୍ର ବିଲ୍ଡିଂକୁ ବ୍ୟାପିଥିଲା। ଖବର ପାଇ ଦୁଇଟି ଦମକଳ ବାହିନୀ ନିଆଁଲିଭା କାମରେ ନିୟୋଜିତ ହୋଇଥିଲେ। ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ମାଝୀଙ୍କ ସୂଚନା ଅନୁଯାୟୀ ନିଆଁକୁ ସଂପୂର୍ଣ୍ଣ ରୂପେ ଆୟତ୍ତ କରାଯାଇଛି। ଏଥିଲାଗି ପ୍ରାୟ ଘଣ୍ଟାଏ ସମୟ ଲାଗିଥିଲା। ଏଣେ ଅଗ୍ନିକାଣ୍ଡର କାରଣ ଏଯାଏ ସାମ୍ନାକୁ ଆସିନାହିଁ। ତେଣେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବାରରେ ଅଗ୍ନିଶମ ବିଭାଗର ଲାଇସେନ୍ସ ନଥିଲା କି ନିୟମ ମାନୁ ନଥିଲେ ବାର୍ ମାଲିକ।

ଏଣେ ଉକ୍ତ ବାରରେ ହୁକ୍କା ବାର୍ ଚାଲୁଥିଲା। ତାହାର ପ୍ରମାଣ ମିଳିଛି। ତେଣେ ଏହି ବାର୍‌କୁ ଲାଇସେନ୍ସ ଦିଆଯାଇନଥିଲା ବୋଲି ଅବକାରୀ ବିଭାଗରୁ ସୂଚନା ଦିଆଯାଇଛି। କେମିତି ବେଆଇନ୍ ଭାବେ ଏହି ବାର୍ ଚାଲୁଥିଲା, ତାହାର ଖୋଳତାଡ଼ ହେବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ନୋ ଲିମିଟ୍ ପାଖରେ ନାହିଁ ମଦ ବିକ୍ରି କରିବାର ଲାଇସେନ୍ସ। କିନ୍ତୁ ଏତେ ମାତ୍ରାରେ ବିଅର କେନ୍ ଆସିଲା କେଉଁଠୁ ? କୁହାଯାଏ ଏଠି ବେଆଇନ ଭାବେ ଚାଲୁଥିଲା ମଦ କାରବାର। ନାଚଗୀତ ବି ଜମୁଥିଲା। ଖୋଲା ଆକାଶ ଆସର ଜମାଉଥିଲେ ଲୋକେ। ରେଷ୍ଟୁରାଣ୍ଟ ନାଁରେ ଚାଲଥିଲା ଓପନ ବିଅର ବାର୍। ବିଳମ୍ବିତ ରାତି ଯାଏ ଚାଲୁଥିଲା ବାର। ଯେଉଁ ଗ୍ରାହକ ନିଶାରେ ଚୁର ହେଉଥିଲେ ସେମାନେ ଏଠି ରାତ୍ରିଯାପନ କରିବାର ବ୍ୟବସ୍ଥା ମଧ୍ୟ ରହିଥିଲା। ସେପଟେ ଶତ୍ରୁତା କାରଣରୁ ବାରରେ ନିଆଁ ଲଗାଇ ଦିଆଯାଇଥିବା ଆଶଙ୍କା କରାଯାଉଛି। କିଛିଦିନ ତଳେ ବାରକୁ ନେଇ ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ଗତ ଡିସେମ୍ବର ୬ରେ ଗୋଆର ଏକ ନାଇଟ କ୍ଲବରେ ଭୟାବହ ଅଗ୍ନିକାଣ୍ଡ ଘଟିବା ପରେ ଓଡ଼ିଶାରେ ମଧ୍ୟ ବାର ଓ ପବ୍‌ର ଅଗ୍ନି ନିରାପତ୍ତା ସାର୍ଟିଫିକେଟ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ପରେ ଆଜି ଏହି ଅଘଟଣ ଅଗ୍ନିଶମ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍ ଖୋଲିବ

ନୂଆଦିଲ୍ଲୀ, ୧୨।୧୨: ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ, ଆଇଟି, ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଥିବା କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ରାଜ୍ୟସଭାରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ୪ ହଜାର ୯ କୋଟି ଟଙ୍କାରୁ ଅଧିକ ବ୍ୟୟରେ ଦୁଇଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍ ଖୋଲିବାକୁ ମଞ୍ଜୁରି ମିଳିଛି। ଏହି କାରଖାନାରୁ ଉତ୍ପାଦିତ ଚିପ୍ ଗୁଡ଼ିକ ଅଟୋମୋବାଇଲ, ଏରୋସ୍ପେସ୍, ପ୍ରତିରକ୍ଷା, ଓ୍ୱେରେବେଲ୍ସ ଉପକରଣ, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ। ଏହାଛଡ଼ା ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ଓଡ଼ିଶାର ୧୧ଟି ବିଶ୍ୱବିଦ୍ୟାଳୟକୁ ମାଗଣା ଡିଜାଇନ୍ ଟୁଲ୍ ଯୋଗାଇ ଦେଇଛନ୍ତି।



■ ୪ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ କରାଯିବ
■ ମଞ୍ଜୁରି ମିଳିଥିବା ସ୍ପଷ୍ଟକଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ଏକ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠାକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି କ୍ଲଷ୍ଟର ୧୫୩୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏବେ ସୁଦ୍ଧା ୩୧୮ କୋଟି ଟଙ୍କା ନିବେଶ କରାଯାଇଥିବା ବେଳେ ୫୦୭ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଡିଜିଟାଲ ଦକ୍ଷତା ବିକାଶ ଲାଗି ଜାତୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରତିଷ୍ଠାନ ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରିବା ସହିତ ତିନୋଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ଏସବୁ କେନ୍ଦ୍ର କଟକ, ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ। ବର୍ତ୍ତମାନ ସୁଦ୍ଧା ଏହି କେନ୍ଦ୍ରଗୁଡ଼ିକ ଜରିଆରେ ପ୍ରାୟ ୨୫ ହଜାର ପ୍ରାର୍ଥୀ ତାଲିମ ଗ୍ରହଣ କରିଛନ୍ତି। ଓଡ଼ିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍ଟ୍ରୋପ୍ରେନର୍ ପାର୍କ ସ୍ଥାପନ କରାଯାଇଛି। ଟ୍ରିପଲ୍ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଇଲେକ୍ଟ୍ରୋନିକ୍ ଆଣ୍ଡ ସେମିକଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି। ସେହିପରି ଓଡ଼ିଶା ସରକାର, ବିପିୟୁଟି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ଆଇଆଇଟି ଭୁବନେଶ୍ୱର ସହଭାଗିତାରେ ଉଦ୍ୟମିତା ପାଇଁ ଇଏମ୍ ଟେକ୍ ସେଣ୍ଟର୍ ସ୍ଥାପନ ବିକଶିତ କରାଯାଇଛି।

**ଏଗ୍ରିଷ୍ଟାକ୍ ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ**

# ଡିଜିଟାଲ ସର୍ବେକ୍ଷଣରେ ଓଡ଼ିଶାକୁ କେନ୍ଦ୍ରର ପ୍ରଶଂସା



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏଗ୍ରିଷ୍ଟାକ୍ ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଗ୍ରିଷ୍ଟାକ୍ ଅଧୀନରେ ଫସଲର ଡିଜିଟାଲ୍ ସର୍ବେକ୍ଷଣ, କୃଷକ ପରିଚୟ ପଞ୍ଜିକରଣ, ଗ୍ରାମୀଣ ମାନଚିତ୍ରକୁ ଜିପିଏସ୍‌ରେ ସଠିକ୍ ଭାବେ ମ୍ୟାପ କରି ସରକାରୀ ଭଣ୍ଡାରରେ ଡିଜିଟାଲ ଉପଲବ୍ଧ ବ୍ୟବସ୍ଥା କରାଯାଉଛି।

ଅନୁଷ୍ଠିତ ବୈଠକରେ ଭାରତ ସରକାରଙ୍କ ମୁଖ୍ୟ ପରାମର୍ଶ ଅଧିକାରୀ ରାଜୀବ ଚାୱ୍‌ଲା, ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟର ଅତିରିକ୍ତ ଶାସନ ସଚିବ ଡଃ ପ୍ରମୋଦ କୁମାର ମେହେର୍ଦ୍ଦା ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ କମିଟିର ସଦସ୍ୟ ଥିବା ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡିଜିଟାଲ ସର୍ବେକ୍ଷଣରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନକୁ ଭାରତ ସରକାର ଉଚ୍ଚ ପ୍ରଶଂସା କରିଛନ୍ତି। ଡିଜିଟାଲ ସର୍ବେକ୍ଷଣ, ଏହାର ଅଗ୍ରଗତି, ଗୁଣାତ୍ମକତା ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରାଯାଇଛି। ଭାରତ ସରକାରଙ୍କ ମୁଖ୍ୟ ପରାମର୍ଶ ଅଧିକାରୀ ଶ୍ରୀ ଚାୱ୍‌ଲା ଓଡ଼ିଶା ସରକାରଙ୍କର ପୁରା ଟିମ୍‌କୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ସର୍ବେକ୍ଷଣ ବ୍ୟବସ୍ଥା ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ବୈଠକରେ ୨୦୨୪ ଏବଂ ୨୦୨୫ ବର୍ଷରେ ଖରିଫ୍ ଓ ରବି ଫସଲର ଡିଜିଟାଲ ସର୍ବେକ୍ଷଣ ଉପରେ ତୁଳନାତ୍ମକ ଅନୁଧ୍ୟାନ କରାଯାଇଥିଲା। ଡିଜିଟାଲ ଫସଲ ସର୍ବେକ୍ଷଣରେ ଖରିଫରେ ଧାନ, କପା, ମକା, ମାଣ୍ଡିଆ, କାଜୁ ଓ ରବିରେ ମୁଗ, ବିରି, ଚିନାବାଦାମ ଧାନ ଆଦି ସର୍ବେକ୍ଷଣ ଅନ୍ତର୍ଭୁକ୍ତ ରହିଛି। ୨୦୨୫ ଗଣନା ଅନୁସାରେ ରାଜ୍ୟରେ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା-ୱାରୀ ଖରିଫ ଜମି ସର୍ବେକ୍ଷଣରେ ଶ୍ରେଷ୍ଠ ପ୍ରଦର୍ଶନ କାରୀ ଜିଲ୍ଲା ଭାବେ ସଫଳତା ହାସଲ କରିଛନ୍ତି। ସାମଗ୍ରିକ ଭାବେ ବିଭିନ୍ନ ଜିଲ୍ଲାର ସଫଳତା ହାର ୯୪ ପ୍ରତିଶତ ରହିଛି ।

# ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବଜେଟ୍ ସମୀକ୍ଷା ବୈଠକ



ଭୁବନେଶ୍ୱର, ୧୨।୧୨(ସଂଚାର ବ୍ୟୁରୋ): ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ଖର୍ଚ୍ଚ ଏବଂ ବଜେଟ୍ ଉପରେ ଏକ ବ୍ୟାପକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଣ୍ଟିତ ପାଣ୍ଠିର ପୂର୍ଣ୍ଣ ଉପଯୋଗ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ଏବଂ ସମୟୋଚିତ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାରା ରାଜ୍ୟରେ ସହରାଞ୍ଚଳ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ସମୟୋଚିତ ଖର୍ଚ୍ଚ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଅତ୍ୟନ୍ତ ଜରୁରୀ” ବୋଲି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଥିଲେ। ନୂତନ ବଜେଟରେ ସହର ପରିବର୍ତ୍ତନ କ୍ଷେତ୍ରରେ- ଉନ୍ନତ ଭିତ୍ତିଭୂମି, ଉନ୍ନତ ସେବା ଯୋଗାଣ, ସ୍ଥାୟୀ ସହର ଯୋଜନା, ପରିମଳ, ଗୃହ ଏବଂ ଉନ୍ନତ ନାଗରିକ ସୁବିଧା। ଆମର ଲକ୍ଷ୍ୟ ହେଉଛି ଏପରି ସହର ନିର୍ମାଣ କରିବା ଯାହା ବାସଯୋଗ୍ୟ, ସ୍ଥିର ଏବଂ ନାଗରିକ-କୈନ୍ଦ୍ରିକ ହେବା ଉଚିତ ବୋଲି ସେ କହିଛନ୍ତି।

● ଭିତ୍ତିଭୂମି ପ୍ରକଳ୍ପ ପାଇଁ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟା ଓ ନିରାକରଣ ନେଇ ବୈଠକ

# ଅଗ୍ରଗତିର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଫରେଷ୍ଟ ଡାଇଭର୍ସନ ପ୍ରସ୍ତାବଗୁଡ଼ିକର ତ୍ୱରିତ ପ୍ରକ୍ରିୟାକରଣ ସୁନିଶ୍ଚିତ କରିବା ପାଇଁ ଚତୁର୍ଥ ସମନ୍ୱୟ ବୈଠକ ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୂର୍ବବର୍ତ୍ତୀ ନଭେମ୍ବର ମାସରେ ହୋଇଥିବା ବୈଠକରେ ଆଲୋଚିତ ପ୍ରକଳ୍ପ ଗୁଡ଼ିକର ନିର୍ଦ୍ଧାରିତ ସମୟ ସୀମା ଅନୁଯାୟୀ ଅଗ୍ରଗତିର ସମୀକ୍ଷା ପୂର୍ବକ ଆଜିର ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି/ପ୍ରଗତି ପୋର୍ଟାଲର ଓ ରାଜ୍ୟପାଇଁ ଥିବା ୩୨ଟି ମହତ୍ତ୍ୱପୂର୍ଣ୍ଣ ମୁଖ୍ୟ ପ୍ରକଳ୍ପଗୁଡ଼ିକ ଉପରେ ସମୀକ୍ଷା କରିଛନ୍ତି। ଏଗୁଡିକ ମଧ୍ୟରେ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଭାରତୀୟ ରେଳବାଇର ଗୋରୁମହିଷାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ ଏବଂ ବିଏସଏନଏଲର ୪ଜି ଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଖନନ ଅନୁସନ୍ଧାନ ପ୍ରକଳ୍ପ, ଜାତୀୟ ରାଜପଥର ୫ ଟି ହାଇ ଲେବେଲ ସେତୁ ପ୍ରକଳ୍ପ, ଇଣ୍ଡିଆନ୍ ରେୟାର୍ ଆର୍ଥସ ଲିମିଟେଡ୍, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ ସମେତ, କଲ୍ୟାଣୀ ଷ୍ଟିଲ୍, ଟାଟା, ଭୂଷଣ, ଡାଲମିଆ, ରୁଙ୍ଗଟା, ବେଦାନ୍ତ, ଟ୍ରଷ୍ଟଲାଇନ ମାଇନିଙ୍ଗ, ଆଖରକଟା ଇତ୍ୟାଦିଙ୍କ ଅନେକ ଲୌହ, ବକ୍ସାଇଟ୍ ଓ ଚୁନଖଣ୍ଡ ଖଣି ପ୍ରକଳ୍ପ, ବିଭିନ୍ନ ଘରୋଇ ଶିଳ୍ପ ପ୍ରକଳ୍ପଗୁଡ଼ିକ ଆଲୋଚିତ ହୋଇଥିଲା । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆହୁରି କହିଥିଲେ ଯେ, ଫରେଷ୍ଟ ଡ଼ାଇଭର୍ସନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ପ୍ରକ୍ରିୟା ସାରିବା ଦରକାର। ଏଣିକି ଘରୋଇ ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟ ସମୀକ୍ଷା ବୈଠକରେ ଆଲୋଚିତ ହେବ ଏବଂ ସେମାନେ ସମସ୍ତ ବିଭାଗର ସମନ୍ୱୟରେ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବେ।

# ରାଜଧାନୀରେ ନାବାଳିକା ଦୁଷ୍କର୍ମ

**ଘର ମାଲିକ ଗିରଫ, ପୀଡ଼ିତାଙ୍କ ଡାକ୍ତରୀ ମାଇନା**

ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ରାଜଧାନୀରେ ପୁଣିଥରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଘର ମାଲିକଙ୍କୁ ଗିରଫ କରାଯାଇଛି। ସେ ନିଆଳିର ନରେଶ ମହାନ୍ତି ହୋଇଥିବା ବେଳେ ତାଙ୍କୁ ମହିଳା ଥାନା ପୁଲିସ।



ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ନରେଶ ପେସାରେ ପାନ ଦୋକାନୀ ହୋଇଥିବା ବେଳେ ସେ ତାଙ୍କର କିଛି ଘର ଭଡ଼ା ଆକାରରେ ଦେଇଥିଲେ। ସେଥି ମଧ୍ୟରୁ ପୀଡ଼ିତା ଓ ତାଙ୍କ ପରିବାର ମଧ୍ୟ ଗୋଟିଏ ଘର ଭଡ଼ାରେ ନେଇ ସେଠାରେ ରହିଆସୁଥିଲେ। ତେବେ ଗତ ୪ ତାରିଖରେ ଘର ଲୋକେ ନଥିବାର ସୁଯୋଗ ନେଇ ନରେଶ ଉକ୍ତ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ଏନେଇ ପୀଡ଼ିତା ଜଣଙ୍କ ବାପାଙ୍କୁ ଜଣାଇବା ପରେ ଏନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ୍ ଏହାକୁ ଭିତ୍ତି କରି ଏକ ମାମଲା ରୁଜୁ କରିବା ସହ କ୍ୟାପିଟାଲ୍ ହସ୍ପିଟାଲ୍‌ର ସଖୀ କେନ୍ଦ୍ରରେ ଉକ୍ତ ନାବାଳିକାଙ୍କ ଡାକ୍ତରୀ ମାଇନା କରାଇଥିବା ଜଣାପଡ଼ିଛି।

● ରେଳଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା

# ଗତବର୍ଷ ରେଳ ଦୁର୍ଘଟଣାରେ ରେକର୍ଡ ହ୍ରାସ

ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ରେଳ ଦୁର୍ଘଟଣାରେ ରେକର୍ଡ ପରିମାଣର ହ୍ରାସ ଘଟିଛି। ଗତ ଦଶନ୍ଧିରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ କମ୍ ଦୁର୍ଘଟଣା ଘଟିଛି। ଟ୍ରେନ୍ ଅପରେସନର ଭବିଷ୍ୟତ ବଦଳାଇଦେଇଛି କବଚ ୪.୦। ଭାରତୀୟ ରେଳବାଇରେ ଦୁର୍ଘଟଣା ସଂଖ୍ୟାରେ ଐତିହାସିକ ହ୍ରାସ ଘଟିଛି। ଗତ ୨୦୧୪-୧୫ରେ ୧୩୫ଟି ଦୁର୍ଘଟଣା ଘଟିଥିବା ବେଳେ ୨୦୨୪-୨୫ରେ ଏହା ୩୧କୁ ହ୍ରାସ ପାଇଛି। ସେହିପରି ଚଳିତ ୨୦୨୫-୨୬ରେ ଆଜି ପର୍ଯ୍ୟନ୍ତ ମାତ୍ର ୧୧ଟି ଦୁର୍ଘଟଣା ଘଟିଛି। ଅତ୍ୟାଧୁନିକ ଟେକନିକ୍ ଓ କବଚ ୪.୦ ଭଳି ସ୍ୱଦେଶୀ ସୁରକ୍ଷା ସିଷ୍ଟମ୍ କାରଣରୁ ଦୁର୍ଘଟଣା ଦ୍ରୁତ ଗତିରେ ହ୍ରାସ ପାଇଛି। ଦିଲ୍ଲୀ-ମୁମ୍ବାଇ ଏବଂ ଦିଲ୍ଲୀ-ହାୱଡା ରୁଟ୍ ସହ ଦିଲ୍ଲୀ-ମୁମ୍ବାଇ ଓ ଦିଲ୍ଲୀ-ହାୱଡା ରୁଟ୍‌ରେ କବଚ ସଫଳତାପୂର୍ବକ କାର୍ଯ୍ୟକାରୀ ହେବା ପରେ ଏହାକୁ ଏବେ ୧୫,୫୧୨ ଆର୍‌କେଏମ୍‌କୁ ବିସ୍ତାର କରାଯାଉଛି।

# ଝିରିପାଣି ଜଙ୍ଗଲରେ ଦନ୍ତାହାତୀର ମୃତ୍ୟୁ

ଫୁଲବାଣୀ,୧୨।୧୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ବେଲଘର ରେଞ୍ଜ୍ ଝିରିପାଣି ଅଞ୍ଚଳରେ ଦନ୍ତା ହାତୀର ମୃତ୍ୟୁ ହୋଇଛି। ଅସହ୍ୟ ଥଣ୍ଡା ଯୋଗୁଁ ହାତୀର ମୃତ୍ୟୁ ହୋଇଥିବା ସ୍ପଷ୍ଟୀକରଣ ଦେଇଛି ବନବିଭାଗ। ହେଲେ ଏଯାବତ ପ୍ରକୃତ କାରଣ ଜଣାପଡିନାହିଁ। ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ବ୍ୟବଚ୍ଛେଦ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପରେ ଉପରିସ୍ଥ ଅଧିକାରୀ ଏବଂ ନନ୍ଦନକାନନରୁ ଡାକ୍ତରୀ ଦଳ ପଞ୍ଚିବାର ସୂଚନା ଦେଇଛନ୍ତି ବନବିଭାଗ ଅକାରୀ।



ଓଡ଼ିଶା ଡିଜିପିଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ କଠୋର ଆଭିମୁଖ୍ୟ

# ଅବହେଳା ପାଇଁ କୋର୍ଟ ଅବମାନନା ନୋଟିସ ଜାରି

ଭୁବନେଶ୍ୱର/ନୂଆଦିଲ୍ଲୀ,୧୨।୧୨(ସଂଚାର ବ୍ୟୁରୋ) : ଏକ ଦୁର୍ଘଟଣା ବୀମା ଜାଲିଆତି ମାମଲାରେ ଅବହେଳା ପ୍ରଦର୍ଶନ ନେଇ ନୋଟିସ୍ କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲା ଏବଂ ପ୍ରସନ୍ନ ବି. ଭରାଲେଙ୍କ ଖଣ୍ଡପୀଠ ଆସନ୍ତା ୧୫ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ଅକ୍ଟୋବରରେ ୧୯ରେ ଘଟିଥିବା ଏକ ଦୁର୍ଘଟଣା ବୀମା ଜାଲିଆତି ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ହାଇକୋର୍ଟରେ ଚାଲିଥିବା ଏକ ବୋଲେରୋ ପିକ୍-ଅପ୍ ଭ୍ୟାନ୍ ଦୁର୍ଘଟଣା ଓ କ୍ଷତିପୂରଣ ସଂକ୍ରାନ୍ତ ମାମଲାରୁ ବିବାଦ ଆରମ୍ଭ ହୋଇଥିଲା। ସମାନ ଗାଡ଼ିକୁ ଦେଖାଇ ୫ଟି ଅଲଗା ଅଲଗା କ୍ଷତିପୂରଣ ଦାବି କରାଯାଇଥିଲା। ଯାହାକୁ ନେଇ ବୀମା କଂପାନି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଗାଡ଼ିର ମାଲିକାନା ଓ ବୀମା ବିବରଣୀକୁ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଡିଜିପିଙ୍କୁ ବୀମା କମ୍ପାନୀରୁ ଆବଶ୍ୟକ ରେକର୍ଡ ସଂଗ୍ରହ ସହ ସମସ୍ତ ତଥ୍ୟ ସଂଗ୍ରହ କରିବାରୁ ଦାୟିତ୍ୱ ଦେଇଥିଲେ ସୁପ୍ରିମକୋର୍ଟ । ମାତ୍ର ଡିଜିପି ୱାଇ ବି ଖୁରାନିଆ କୌଣସି ବ୍ୟକ୍ତିଗତ ତଦାରଖ ନକରି କେବଳ କଟକ ସ୍ଥିତ ସିଆଇଡି, କ୍ରାଇମବ୍ରାଞ୍ଚ ଡିଏସପିଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରିଥିଲେ। କୋର୍ଟରେ ଡିସିପି ଦାଖଲ କରିଥିବା ରିପୋର୍ଟରେ କୌଣସି ନୂତନ ତଦନ୍ତ ଅବା ବୀମା କଂପାନି ଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ଅଣଦେଖା କରାଯାଇଥିଲା। ଏପରିକି ରାଜ୍ୟ ପକ୍ଷରୁ ନିଯୁକ୍ତ ଓକିଲ ମଧ୍ୟ ତଦନ୍ତରେ ଅବହେଳା ନେଇ ସନ୍ତୋଷଜନକ ଉତ୍ତର ରଖିପାରିନଥିଲେ । ଯାହାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ବ୍ୟକ୍ତିଗତ ଭାବେ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡିଜିପିଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସତ୍ୟପାଠରେ ଦର୍ଶାଇବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି।

# ବିଧାନସଭା ସମ୍ମୁଖରେ ଅଙ୍ଗନବାଡ଼ି କର୍ମୀଙ୍କ ବିକ୍ଷୋଭ



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ଓଡ଼ିଶା ବିଧାନସଭା ଘେରାଉ କରାଯାଇଛି। ସରକାର ସମସ୍ତ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ସୁନିଶ୍ଚିତ ନକରି ନିଜେ ଦେଶର ସର୍ବାଧିକ ହାରରେ ଭତ୍ତା ନେଇ ଘରକୁ ପଳେଇଲେ। ଆଇଏଲସି ସୁପାରିଶ ଅନୁସାରେ ଅଙ୍ଗନବାଡ଼ି ସମେତ ସମସ୍ତ ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା ଦେବା କଥା ସରକାର ନିଜେ ଅବମାନନା କରିଛନ୍ତି। ଅଙ୍ଗନବାଡ଼ି କର୍ମଚାରୀଙ୍କ ଭତ୍ତା ବୃଦ୍ଧିପାଇଁ ମୋହନ ମାଝିଙ୍କ ସରକାର ଗତ ବର୍ଷରୁ ପ୍ରତିଶୃତି ଦେଇ ମଧ୍ୟ ଏପର୍ଯ୍ୟନ୍ତ ଭତ୍ତା ବୃଦ୍ଧି ନକରି ଅଙ୍ଗନବାଡ଼ି ଉପରେ କାର୍ଯ୍ୟଭାର ବଢାଇ ବଢାଇ ଚାଲିଛନ୍ତି। ଏସ୍‌ଏନପି ସାମଗ୍ରୀର ଦର ଆକାଶଛୁଆଁ ବୃଦ୍ଧି ହେଉଛି। ବଜାର ଦର ଭିତ୍ତିରେ ଏସ୍‌ଏନପି ସାମଗ୍ରୀ ଖରିଦ ପାଇଁ ଆର୍ଥିକ ମଞ୍ଜୁରୀ ନାହିଁ। କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡିଙ୍ଗ୍ କମିଟି ସୁପାରିଶ ଭିତ୍ତିରେ ଅଙ୍ଗନବାଡ଼ି କର୍ମୀଙ୍କୁ ଶିକ୍ଷକ ଓ ଏଏନ୍‌ଏମ ପଦବୀକୁ ପଦୋନ୍ନତି କରିବା କଥା। ସରକାର ଏପର୍ଯ୍ୟନ୍ତ ଶୁଣୁ ନାହାନ୍ତି। ସମସ୍ତ ଜିଲ୍ଲାରେ ସୁପରଭାଇଜର ପଦବୀ ଖାଲି ପଡ଼ିଛି। ବରିଷ୍ଠତା ଭିତ୍ତିରେ ଶତ ପ୍ରତିଶତ ପଦୋନ୍ନତି ପାଇଁ ଦାବି ହୋଇ ଆସୁଥିଲେ ବି ସରକାରଙ୍କର ସେଥିପ୍ରତି ନିଘା ନାହିଁ। ସରକାର ପ୍ରଣୟନ କରିଥିବା ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ଼ ରଦ୍ଦ କରିବା, ଦୈନିକ ଶ୍ରମ ସମୟ ୧୦ଘଣ୍ଟାକୁ ଅଧିକ ଓ ମହିଳା ଶ୍ରମିକଙ୍କୁ ରାତ୍ର ସମୟ ଡିଉଟି ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ଆଗାମୀ ବଜେଟ ଅଧିବେଶନ ପୂର୍ବରୁ ଦାବି ପୂରଣ ନକଲେ ଅଙ୍ଗନବାଡ଼ି ଆନ୍ଦୋଳନ ଚରମ ପର୍ଯ୍ୟାୟକୁ ଯିବ ବୋଲି ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ଚେତାବନୀ ଦେଇଛି।

**ମାଲକାନଗିରି ହିଂସା**

# ୩ କୋଟି ୪୦ ଲକ୍ଷର କ୍ଷୟକ୍ଷତି

**ଆଉ ୨୪ ଘଣ୍ଟା ଇଣ୍ଟରନେଟ କଟକଣା**

ମାଲକାନଗିରି, ୧୨।୧୨ (ସଂଚାର ବ୍ୟୁରୋ) : ହିଂସାକାଣ୍ଡର ୫ ଦିନ ପରେ ଧୀରେ ଧୀରେ ଫେରୁଛି ଶାନ୍ତି। ହିଂସାରେ ୩ କୋଟି ୪୦ ଲକ୍ଷର କ୍ଷୟକ୍ଷତି ଆକଳନ କରାଯାଇଛି। ଘର କ୍ଷୟକ୍ଷତିର ଆକଳନ ବୈଷୟିକ ଟିମ୍ କରୁଥିବା ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ସୂଚନା ଦେଇଛନ୍ତି। ବଙ୍ଗୀୟ ଶରଣାର୍ଥୀ ଓ ଆଦିବାସୀଙ୍କ ମଧ୍ୟରେ ଦଶନ୍ଧି ଦଶନ୍ଧି ଧରି ପୁଞ୍ଜିଭୂତ ଅସନ୍ତୋଷ ଏବେ ଭୟଙ୍କର ରୂପ ନେଇଛି। ଏମଭି ୨୬ରେ ଘନ ଘନ ପୁଲିସ ପଇଁତରା ମାରୁଥିବା ବେଳେ ଗାଁକୁ ସୁରକ୍ଷା ଦେଉଛନ୍ତି ସିଆରପିଏଫ। ମାଲକାନଗିରି ପରିସ୍ଥିତିକୁ ନେଇ ରାଜ୍ୟପାଳଙ୍କୁ ଫେରାଦ ହୋଇଛି ବିଜେଡି। ସେପଟେ ଗ୍ରାଉଣ୍ଡରୁ ଫେରି ଆଜି ମୁଖ୍ୟମନ୍ତ୍ରୀଙ୍କୁ ମାଲକାନଗିରି ସ୍ଥିତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ। ପରିସ୍ଥିତିକୁ ଦେଖି ଆଉ ୨୪ ଘଣ୍ଟା ଇଣ୍ଟରନେଟ କଟକଣା ବୃଦ୍ଧି କରାଯାଇଛି।

**ପାନୀୟ ଜଳଯୋଗାଣ ପ୍ରକଳ୍ପର ରାଜ୍ୟସ୍ତରୀୟ ସମୀକ୍ଷା**

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କର



ଭୁବନେଶ୍ୱର, ୧୨।୧୨(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ମନରେଗା ସମ୍ମିଳନୀ କକ୍ଷରେ ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ରାଜ୍ୟସ୍ତରୀୟ ତ୍ରିଦିବସୀୟ ସମୀକ୍ଷା ଅନୁଷ୍ଠିତ ହୋଇଛି। ତିନି ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମସ୍ତ ୩୫ଟି ପାନୀୟ ଜଳ ଡିଭିଜନର ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କଠୋର ଆଭିମୁଖ୍ୟ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ନହେଲେ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହ ତାଙ୍କ ବିରୋଧରେ ମାମଲା ଦାୟର କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକର ପ୍ରଥମ ଦିନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୨ଟି ପାନୀୟ ଜଳ ଡିଭିଜନ ଯଥା : ଆଠଗଡ଼, ବାଲେଶ୍ୱର, ବାରିପଦା, ଭଦ୍ରକ, ଭୁବନେଶ୍ୱର, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ପୁରୀ ଓ ରାଇରଙ୍ଗପୁରର ୬୮ ଗୋଟି ବୃହତ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା। ଏହା ମଧ୍ୟରୁ ୮ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବା ବେଳେ ମନ୍ତ୍ରୀଙ୍କ ଦ୍ୱାରା ଅବଶିଷ୍ଟ ୬୦ ଗୋଟି ନିର୍ମାଣାଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଥିଲା । ଦ୍ୱିତୀୟ ଦିନରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୪ଟି ପାନୀୟ ଜଳ ଡିଭିଜନ ଯଥା : ଆନନ୍ଦପୁର, ଅନୁଗୁଳ, ବଲାଙ୍ଗିର, ବରଗଡ଼, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ରାଉରକେଲା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ର ୭୭ ଗୋଟି ବୃହତ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା । ଏହା ମଧ୍ୟରୁ ୧୪ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବା ବେଳେ ମନ୍ତ୍ରୀଙ୍କ ଦ୍ୱାରା ଅବଶିଷ୍ଟ ୬୩ ଗୋଟି ନିର୍ମାଣାଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଥିଲା । ତୃତୀୟ ଦିନରେ ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୯ଟି ପାନୀୟ ଜଳ ଡିଭିଜନ ଯଥା : ଗଜପତି, ବ୍ରହ୍ମପୁର, ଭଞ୍ଜନଗର, କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ାର ୬୨ ଗୋଟି ବୃହତ ପାଇପ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା। ଏହା ମଧ୍ୟରୁ ୩ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବା ବେଳେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ଅବଶିଷ୍ଟ ୫୯ ଗୋଟି ନିର୍ମାଣାଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଥିଲା ।

ଏହି ସମୀକ୍ଷାରେ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି ‘ହର୍ ଘର୍ ଜଲ୍ ’ ପ୍ରମାଣପତ୍ର ଦାଖଲ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ଗ୍ରାମାଞ୍ଚଳର ପ୍ରତିଟି ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଦ୍ଧପରିକର ଅଛନ୍ତି ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ ।

# ବିଷଦେଇ କଲରାପତରିଆକୁ ମାରିଦେଲେ

● ମୃତଦେହ ଉଦ୍ଧାର ପରେ ତନାଘନା ଆରମ୍ଭ

ରାଉରକେଲା,୧୨।୧୨(ସଂଚାର ବ୍ୟୁରୋ): ବିଷଦେଇ ଏକ କଲରାପତରିଆ ବାଘକୁ ମାରିଦେଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୁନ୍ଦରଗଡ ଜିଲ୍ଲା ବଣାଇଁ ବନଖଣ୍ଡ ତାମଡା ବନାଞ୍ଚଳ କୁସୁମଡ଼ିହି ଖସଡା ଜଙ୍ଗଲରେ ଏକ ମାଈ କଲରାପତରିଆ ବାଘର ମୃତଦେହ ଉଦ୍ଧାର କରାଯିବା ପରେ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଥିବା ବେଳେ ତାକୁ ବିଷ ଦେଇ ମାରିଦିଆଯାଇଥିବା ସ୍ପଷ୍ଟ ହୋଇଛି। ଉକ୍ତ ବାଘର ବୟସ ପ୍ରାୟ ୧୨ ବର୍ଷ ହେବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ବାଘଟି ଏକ ବଳଦକୁ ଆକ୍ରମଣ କରି ମାରିଦେଇଥିଲା। ଅଞ୍ଚଳବାସୀ ଏନେଇ ବାରମ୍ବାର ବନ ବିଭାଗକୁ ସୂଚନା ଦେଇଥିଲେ ହେଁ ବିଭାଗ ପକ୍ଷରୁ କେବଳ ଟ୍ରାପ୍ କ୍ୟାମେରା ଲଗାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଆସୁଥିଲା। କିନ୍ତୁ ବାଘକୁ କାବୁ କରିବା ସକାଶେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିଲା। ତେବେ ଆଜି ସକାଳୁ ଉକ୍ତ ବାଘର ମୃତଦେହ ମିଳିଥିବା ବେଳେ ମୃତଦେହ ନିକଟରେ ବିଷ ପଡ଼ିଥିବା ବନ ବିଭାଗ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏଥିରୁ ଉକ୍ତ ବାଘକୁ ବିଷ ଦେଇ ମାରି ଦିଆଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଘଟଣାର ତଦନ୍ତ ଚାଲିଥିବା ବେଳେ ପ୍ରାଣୀଧନ ଚିକିତ୍ସାଧିକାରୀ ଓ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ସେଠାରେ ଉପସ୍ଥିତ ରହି ତଦନ୍ତକୁ ବ୍ୟାପକ କରିଥିବା ଜଣାପଡ଼ିଛି।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୨,୬୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୧,୬୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୨,୬୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୧,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୨,୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୧,୬୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୨,୮୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୧,୭୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୩,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୨,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୨,୬୬୦ ଓ ୧,୨୧,୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୦୪,୦୦୦ ଟଙ୍କା ହୋଇଛି।




ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଲା ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୯୨ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।

# ଆଜି ଓ ୨୧ ତାରିଖରେ ୪ ଘଣ୍ଟା ଲେଖାଏଁ ବନ୍ଦ ରହିବ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୟୁପିଆଇ ସେବା

ମୁମ୍ବାଇ, ୧୨।୧୨: ଦେଶର ସର୍ବବୃହତ ଘରୋଇ ବ୍ୟାଙ୍କ ଏଚଡିଏଫସି ବ୍ୟାଙ୍କ ତାର ସମସ୍ତ ଗ୍ରାହକଙ୍କ ପାଇଁ ଏକ ନୂତନ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅପଡେଟ୍ ଜାରି କରିଛି। ଏହି ବ୍ୟାଙ୍କର ୟୁପିଆଇ ସେବା ଆସନ୍ତାକାଲି ଅର୍ଥାତ୍ ଡିସେମ୍ବର ୧୩ ତାରିଖରେ ଅସ୍ଥାୟୀ ଭାବରେ କିଛି ସମୟ ବନ୍ଦ ରହିବ। ସେହିପରି ଡିସେମ୍ବର ୨୧ ତାରିଖରେ ବି ୟୁପିଆଇ ସେବା କିଛି ସମୟ ପାଇଁ ବନ୍ଦ ରହିବ । ବ୍ୟାଙ୍କ ଏହାର ସିଷ୍ଟମକୁ ଅପଡେଟ୍ ଏବଂ ଉନ୍ନତ କରିବା ପାଇଁ ଡିସେମ୍ବର ୨୦୨୫ରେ ଦୁଇଟି ମେଣ୍ଟେନାନ୍ସ ସମୟ ଘୋଷଣା କରିଛି, ଯାହା ଫଳରେ ୟୁପିଆଇ ସେବାକୁ ସାମୟିକଭାବେ ସ୍ଥଗିତ ରଖାଯିବ। ଏହି ସିଷ୍ଟମ ମେଣ୍ଟେନାନ୍ସ କାର୍ଯ୍ୟର ଉଦ୍ଦେଶ୍ୟ ହେଉଛି ସିଷ୍ଟମକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତରେ ସେବାରେ ବ୍ୟାଘାତକୁ କମ କରିବା। ଏଚଡିଏଫସିର ୟୁପିଆଇ ସେବା ଆସନ୍ତାକାଲି (ଶନିବାର) ସକାଳ ୨:୩୦ରୁ ସକାଳ ୬:୩୦ ପର୍ଯ୍ୟନ୍ତ ବନ୍ଦ ରହିବ। ତେଣୁ, ଲୋକମାନେ ଆସନ୍ତାକାଲି ମୋଟ ୪ ଘଣ୍ଟା ପାଇଁ ବ୍ୟାଙ୍କର ୟୁପିଆଇ ସେବା ବ୍ୟବହାର କରିପାରିବେ ନାହିଁ। ସେହିପରି ଡିସେମ୍ବର ୨୧ ତାରିଖ (ରବିବାର)ରେ ବ୍ୟାଙ୍କର ୟୁପିଆଇ ସେବା ମଧ୍ୟ ବନ୍ଦ ରହିବ। ଡିସେମ୍ବର ୨୧ ତାରିଖରେ ୟୁପିଆଇ ସେବା ରାତି ୨:୩୦ ରୁ ସକାଳ ୬:୩୦ ପର୍ଯ୍ୟନ୍ତ ବନ୍ଦ ରହିବ।







# ୫ଜି ଦୌଡ଼ରେ ଜିଓ ଆଗୁଆ, ଯୋଡ଼ିଲା ୨୩ କୋଟି ଗ୍ରାହକ

ନୂଆଦିଲ୍ଲୀ, ୧୨।୧୨: ଜିଓ ଦେଶରେ ୫ଜି ପ୍ରଯୁକ୍ତିରେ ସର୍ବବୃହତ ଅପରେଟର ଭାବରେ ଉଭା ହୋଇଛି। ସଦ୍ୟତମ ସିଏଲଏସଏ ରିପୋର୍ଟ ଅନୁଯାୟୀ ୨୩ କୋଟିରୁ ଅଧିକ ଗ୍ରାହକ ଜିଓର ୫ଜି ନେଟୱାର୍କ ସହିତ ସଂଯୁକ୍ତ ହୋଇ ସାରିଛନ୍ତି। ଯାହା ଅନ୍ୟ କୌଣସି ଭାରତୀୟ ଅପରେଟର ହାସଲ କରିନାହାନ୍ତି। ଜିଓର ୫ଜି ଷ୍ଟାଣ୍ଡଆଲୋନ୍ ନେଟୱାର୍କ ଦେଶର ସବୁଠାରୁ ବଡ଼ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ସବୁଠାରୁ ଉନ୍ନତ। ଯାହା ଏହାର ନେଟୱାର୍କକୁ ୫ଜି ଦୌଡ଼ରେ ଆଗୁଆ ରଖିଛି। କମ୍ପାନୀର ମୋଟ ୫୦ କୋଟିରୁ ଅଧିକ ଗ୍ରାହକଙ୍କ ମଧ୍ୟରୁ ପ୍ରାୟ ଅଧା ଏବେ ୫ଜି ସେବା ଅପଣାଇଛନ୍ତି। ଜିଓ ଏବଂ ଏୟାରଟେଲ ମିଳିତ ଭାବରେ ଦେଶରେ ୪୦ କୋଟିରୁ ଅଧିକ ୫ଜି ଉପଭୋକ୍ତା ଯୋଡ଼ିଛନ୍ତି। ଭାରତର ମୋବାଇଲ୍ ଡାଟା ବଜାରରେ ସେମାନଙ୍କର ମିଳିତ ରାଜସ୍ୱ ଅଂଶ ୮୧ ପ୍ରତିଶତରେ ପହଞ୍ଚିଛି। ୫ଜି ଆରମ୍ଭ ହେବା ପରଠାରୁ, ଏହି ଦୁଇଟି କମ୍ପାନୀ ବଜାର ଅଭିବୃଦ୍ଧିର ଅଧିକାଂଶ ଭାଗ ହାସଲ କରିଛନ୍ତି ଏବଂ ଜିଓ ଏହି କ୍ଷେତ୍ରରେ ନେତୃତ୍ୱ ନେଉଛି। ୫ଜି ସ୍ମାର୍ଟଫୋନର ଲୋକପ୍ରିୟତା ମଧ୍ୟ ସାରା ଦେଶରେ ଦ୍ରୁତ ଗତିରେ ବୃଦ୍ଧି ପାଇ ୯୧ ପ୍ରତିଶତରେ ପହଞ୍ଚିଛି। ଏହା ୫ଜି ନେଟୱାର୍କର ଦ୍ରୁତ ବିସ୍ତାରକୁ ଆହୁରି ମଜବୁତ କରିଛି। ଜିଓ କେବଳ ମୋବାଇଲ୍ ୫ଜିରେ ନୁହେଁ, ବରଂ ଗୃହ ଇଣ୍ଟରନେଟ୍ (ହୋମ ବ୍ରଡବ୍ୟାଣ୍ଡ) କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ସ୍ଥାନ ହାସଲ କରିଛି। କମ୍ପାନୀର ୨.୩ କୋଟି ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଅଛନ୍ତି, ଏବଂ ଏହି ଘରଗୁଡ଼ିକ ମଧ୍ୟରୁ ୯୫ ଲକ୍ଷ ଏବେ ଜିଓର ୫ଜି ଏଫଡବ୍ଲୁଏ (ଫିକ୍ସଡ ୱାୟାରଲେସ୍ ଆକ୍ସେସ୍) ବା ଜିଓଏୟାରଫାଇବର ବ୍ୟବହାର କରୁଛନ୍ତି। କମ୍ପାନୀ ୧୦ କୋଟି ଗ୍ରାହକଙ୍କୁ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ସହିତ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଜିଓର ୫ଜି ଏଫଡବ୍ଲୁଏ ଭାରତରେ ଗୃହ ଇଣ୍ଟରନେଟ୍ ଦୃଶ୍ୟପଟକୁ ଦ୍ରୁତ ଗତିରେ ପରିବର୍ତ୍ତନ କରୁଛି ଏବଂ ନୂତନ ଉପଭୋକ୍ତା ଯୋଡିବାର ସବୁଠାରୁ ବଡ଼ ବାହକ ପାଲଟିଛି। ଭାରତର ପ୍ରାୟ ୪୦ କୋଟି ପରିବାର ମଧ୍ୟରୁ କେବଳ ୪.୫ କୋଟି ପରିବାର ପାଖରେ ତାରଯୁକ୍ତ (ୱାୟରଲାଇନ୍) ବ୍ରଡବ୍ୟାଣ୍ଡ ସଂଯୋଗ ଅଛି। ତେଣୁ ଏହି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଯଥେଷ୍ଟ ସ୍ଥାନ ରହିଛି।




# ଭାରତ-ଆମେରିକା ମଧ୍ୟରେ କେବେ ସ୍ୱାକ୍ଷର ହେବ ଏଫ୍‌ଟିଏ: ପୀୟୂଷ ଗୋଏଲ

ନୂଆଦିଲ୍ଲୀ,୧୨।୧୨ ; ଭାରତ ଏବଂ ଆମେରିକା ସେମାନଙ୍କ ମଧ୍ୟରେ ରହିଥିବା ଅଧିକାଂଶ ବାଣିଜ୍ୟିକ ମତଭେଦଗୁଡ଼ିକୁ ଦୂର କରିଛନ୍ତି। ଦୁଇ ରାଷ୍ଟ୍ର ମଧ୍ୟରେ ମାର୍ଚ୍ଚ ସୁଦ୍ଧା ବହୁ ପ୍ରତୀକ୍ଷିତ ଦ୍ୱିପାକ୍ଷିକ ବ୍ୟାପାର ଚୁକ୍ତି ସ୍ୱାକ୍ଷର ହୋଇପାରେ। ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ ଏହା କହିଛନ୍ତି। ୨୦୨୬-୨୭ ଆର୍ଥିକବର୍ଷର ଦୃଶ୍ୟପଟ ମଜଭୁତ ରହିଥିବା ନାଗେଶ୍ୱରନ କହିଛନ୍ତି। ନଭେମ୍ବର ଶେଷ ସୁଦ୍ଧା ଏ ଚୁକ୍ତି ସ୍ୱାକ୍ଷର ହେବ ବୋଲି ଆଶା ରହିଥିଲା। କିନ୍ତୁ ଏହା ହୋଇପାରିଲା ନାହିଁ। ମାର୍ଚ୍ଚ ସୁଦ୍ଧା ଆମେରିକା ସହ ଏକ ବାଣିଜ୍ୟ ଚୁକ୍ତି ନ ହେଲେ ମୁଁ ଆଶ୍ଚର୍ଯ୍ୟ ହେବି ବୋଲି କହିଛନ୍ତି ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା  ଏହାକୁ ନେଇ କେନ୍ଦ୍ର ବାଣିଜ୍ୟିକ ମନ୍ତ୍ରୀ ପିୟୂଷ ଗୋଏଲ କହିଛନ୍ତି, ଯଦି ୱାସିଂଟନକୁ ଭାରତର ଅଫର ପସନ୍ଦ ତେବେ ଆମେରିକାକୁ ଭାରତ ସହ ମୁକ୍ତ ବାଣିଜ୍ୟିକ ବୁଝାମଣା (ଏଫଟିଏ)ରେ ତୁରନ୍ତ ସାଇନ୍ କରିଦେବା କଥା। ଏହା ସହିତ ଟ୍ରମ୍ପ ପ୍ରଶାସନର ଭାରତର ପ୍ରସ୍ତାବକୁ ପ୍ରଶଂସା କରିଛନ୍ତି। ହେଲେ ଦୁଇଦେଶ ମଧ୍ୟରେ ଦୀର୍ଘ ଦିନ ଧରି ଅଟକିଥିବା ଡିଲ୍ କେବେ ହେବ ସେ ନେଇ କୌଣସି ସମୟସୀମା ବାବଦରେ କିଛି କହିନାହାନ୍ତି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି ଯଦି ୱାଶିଂଟନ ଭାରତର ପ୍ରସ୍ତାବକୁ ପସନ୍ଦ କରେ ତେବେ ଆମେରିକା ତୁରନ୍ତ ଭାରତ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବା ଉଚିତ୍। ଆମେରିକା ଭାରତଠୁ ସର୍ବୋତ୍ତମ ପ୍ରସ୍ତାବ ପାଇଛି ବୋଲି ୟୁଏସ ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରୀୟରଙ୍କ ମନ୍ତବ୍ୟରେ ପୀୟୁଷ ଗୋଏଲ କହିଛନ୍ତି, ଯଦି ସେମାନେ ଖୁସି ତେବେ ତୁରନ୍ତ ଡିଲ୍ ସାଇନ୍ କରିଦେବା ଉଚିତ। କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲ ନିକଟରେ ଚିଲି, ଇସ୍ରାଏଲ ଏବଂ ନ୍ୟୁଜିଲାଣ୍ଡ ସମେତ ଅନେକ ଦେଶ ସହିତ ଏଫଟିଏ ଉପରେ କାମ କରୁଛନ୍ତି। ଯେବେ ତାଙ୍କୁ ମୁଖ୍ୟ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନଙ୍କ ଉକ୍ତ ଟିପ୍ପଣୀ ଉପରେ ପଚାରା ଯାଇଥିଲା କି ଏହି ଡିଲ୍ ଆସନ୍ତାବର୍ଷ ମାର୍ଚ୍ଚରେ ସ୍ୱାକ୍ଷର ହେବ ? ସେ କହିଥିଲେ ଏ ବାବଦରେ ସୂଚନା ନାହିଁ। କୌଣସି ସମୟସୀମା ଉପରେ ଟିପ୍ପଣୀ କରିବାକୁ ଚାହେଁନି। ଡିଲ୍ ସେବେ ହୁଏ ଯେବେ ଦୁଇପକ୍ଷଙ୍କୁ ଫାଇଦା ମିଳିବ। ଡେଡଲାଇନ୍ ଚାପରେ ବୁଝାମଣା ହେବା କଥା ନୁହେଁ।'







# ଆମେରିକା ବଜାରରେ 'ଟେକ୍ସମତୀ'କୁ ପଛରେ ପକାଇଲା ଭାରତୀୟ 'ବାସମତୀ'

ୱାସିଂଟନ ୧୨।୧୨: ଭାରତୀୟ ବାସମତୀ ଚାଉଳର ସୁଗନ୍ଧ ଓ ଚାହିଦା ସାରା ବିଶ୍ୱରେ ରହିଛି। ତେବେ ୧୯୮୦ ଦଶକରେ ଆମେରିକା ବଜାରରେ ଭାରତୀୟ ବାସମତୀର ମୁକାବିଲା ନିମନ୍ତେ 'ଟେକ୍ସମତୀ' ନାମରେ କପି ଚାଉଳ ତିଆରି କରାଯାଇଥିଲା। ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଆମେରିକୀୟ ହାଇବ୍ରିଡ ଚାଉଳ ଭାରତୀୟ ବାସମତୀର ସମକକ୍ଷ ହୋଇ ପାରିନି। ଆଜି ପରିସ୍ଥିତି ଏପରି ଯେ ଆମେରିକୀୟ ଚାଷୀ ଚାପରେ ଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଟାରିଫର ଚେତାବନୀ ଦେଇ ନୂଆ ବିବାଦ ଛିଡା କରିଛନ୍ତି। ୮୦ ଦଶକରେ ଟେକ୍ସାସର ଏକ କମ୍ପାନୀ ଲମ୍ବାଦାନାର ଆମେରିକୀୟ ଚାଉଳକୁ ବାସମତୀ ସହ ମିସାଇ ଟେକ୍ସମତୀ ଚାଉଳର ନୂଆ କିସମ ତିଆରି କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଏପରି ସୁଗନ୍ଧିତ ଚାଉଳ ପ୍ରସ୍ତୁତ କରିବା ଯାହା ଆମେରିକୀୟ ପାଣିପାଗରେ ହୋଇ ପାରିବ। ତେବେ ଏହାକୁ ରୋଷେଇ କଲେ ସ୍ୱାଦ ଓ ସୁଗନ୍ଧରେ ମୂଳ ବାସମତୀ ଚାଉଳ ସମକକ୍ଷ ହୋଇ ପାରୁନି। ଏଣୁ ଆମେରିକୀୟ ଉପଭୋକ୍ତା ଧିରେ ଧିରେ ପୁଣି ଭାରତୀୟ ବାସମତୀକୁ ଫେରି ଆସିଥିଲେ। ଏଣୁ ଆମେରିକୀୟ ବଜାରରେ ଭାରତୀୟ ବାସମତୀର ଚାହିଦା ପାଖାପାଖି ୮୫% ପର୍ଯ୍ୟନ୍ତ ରହିଛି। ବାସମତୀର ବଢୁଥିବା ଲୋକପ୍ରିୟତା ଆମେରିକୀୟ ଚାଷୀଙ୍କ ଉପରେ ଚାପ ପକାଉଛି। ଅନେକ ମିଲ୍ ମାଲିକ ବିଦେଶୀ ଚାଉଳ ଆମେରିକା ଉତ୍ପାଦିତ ଚାଉଳର ବଜାର ଅଂଶିଦାରୀ କମାଉଥିବାର ଅଭିଯୋଗ କରିଛନ୍ତି। ଏହା ପରେ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାକୁ ଚେତାବନୀ ଦେଇଛନ୍ତି। ଏହାଛଡା ଟ୍ରମ୍ପ ଆମେରିକୀୟ ଚାଷୀଙ୍କ ଲାଗି ୧୨ବିଲିୟନ ଡଲାରର ସହାୟତା ଯୋଜନା ମଧ୍ୟ ଘୋଷଣା କରିଛନ୍ତି। ତେବେ ବିଶେଷଜ୍ଞଙ୍କ ଅନୁସାରେ ଆମେରିକୀୟ ଟାରିଫର ଭାରତୀୟ ବାସମତୀ ଉପରେ ଆଂଶିକ ପ୍ରଭାବ ରହିବ। କାରଣ ଆମେରିକାକୁ ମାତ୍ର ୩% ଭାରତୀୟ ଚାଉଳ ରପ୍ତାନୀ ହେଉଛି। ଏହା ଛଡା ଭାରତୀୟ ଚାଉଳର ମୁଖ୍ୟ ଆମଦାନୀକାରୀ ଉପସାଗରୀୟ ଦେଶ। ଏଥିରେ ଏବେ ଆଫ୍ରିକା ବଜାର ନୂଆକରି ଯୋଡି ହୋଇଛି। ଏଣୁ ସରକାର ଟାରିଫ ବଢାଇଲେ ଆମେରିକୀୟ ଉପଭୋକ୍ତା ପ୍ରଭାବିତ ହେବେ ଓ ଦେଶରେ ଭାରତୀୟ ରପ୍ତାନୀ ଚାଉଳର ମୂଲ୍ୟ ବଢ଼ିବ। ତେବେ ଏଥିରେ ଭାରତୀୟ ରପ୍ତାନୀକାରୀ ପ୍ରଭାବିତ ହେବେନି।

# ରୁପା କଲା ରେକର୍ଡ : ପ୍ରଥମ ଥର ପାଇଁ ୨ ଲକ୍ଷ ଟପିଲା ଦର

ମୁମ୍ବାଇ, ୧୨।୧୨: ଡିସେମ୍ବର ୧୨ ଦିନ ଫ୍ୟୁଚର ମାର୍କେଟରେ ରୂପା ୨ ଲକ୍ଷ ଟଙ୍କା ଅତିକ୍ରମ କରି ଏକ ରେକର୍ଡ ସ୍ଥାପନ କରିଛି। ଚଳିତ ବର୍ଷ, ରୂପା ମୂଲ୍ୟ ୧୨୧ ପ୍ରତିଶତ ବୃଦ୍ଧି ପାଇଛି। ଚଳିତ ବର୍ଷ ରୁପା ମୂଲ୍ୟ ୧୨୧ ପ୍ରତିଶତ ବୃଦ୍ଧି ପାଇଛି। ଶୁକ୍ରବାର ଦିନ, ମଲଟି କମୋଡିଟି ଏକ୍ସଚେଞ୍ଜରେ, ୫ ମାର୍ଚ୍ଚ, ୨୦୨୬ ଏକ୍ସପାରି ପାଇଁ କିଲୋଗ୍ରାମ ପିଛା ରୁପାଦର ୨ ଲକ୍ଷ ଟଙ୍କା ଟପିଯାଇଛି ଓ ୨,୦୧,୩୮୮ ଟଙ୍କାରେ ପହଞ୍ଚିଛି।

ଶୁକ୍ରବାର, ଏମସିଏକ୍ସରେ ମାର୍ଚ୍ଚ ୫ ତାରିଖ ଏକ୍ସପାରି ପାଇଁ ରୁପା କିଲୋଗ୍ରାମ ପିଛା ୧,୯୬,୯୫୮ରେ ଖୋଲିଥିଲା ଓ କାରବାର ଶେଷ ବେଳକୁ ରୁପା ୧,୯୮,୯୪୨ ରେ ବନ୍ଦ ହୋଇଥିଲା। ଦିନ ମଧ୍ୟରେ ରୁପା ୨,୦୧,୩୮୮ ର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଶିଳ୍ପଜଗତରେ ପ୍ରବଳ ଚାହିଦା ଯୋଗୁଁ ରୂପା ମୂଲ୍ୟ ବୃଦ୍ଧି ପାଉଛି। ବୈଦ୍ୟୁତିକ ଯାନ, ସେମିକଣ୍ଡକ୍ଟର, ସୌର ପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ଶିଳ୍ପରେ ରୂପା ବହୁଳ ଭାବରେ ବ୍ୟବହୃତ ହୁଏ, ଯାହା ଫଳରେ ଚାହିଦା ବୃଦ୍ଧି ପାଉଛି।

କେବଳ ରୁପା ନୁହେଁ, ଶୁକ୍ରବାର ସୁନା ଦରରେ ବି ବୃଦ୍ଧି ଦେଖିବାକୁ ମିଳିଥିଲା । ଏମସିଏକ୍ସରେ ଫେବୃଆରୀ ୫, ୨୦୨୬ ଏକ୍ସପାରି ପାଇଁ ସୁନା ୧,୩୪,୯୬୬ ଟଙ୍କାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା।



## ଚୋରା ମଦ ବିକ୍ରିକୁ ବିରୋଧ କରି ରାଜରାସ୍ତାରେ ସ୍ଥାନୀୟ ମହିଳା



**ବାଲିପାଟଣା,୧୨।୧୨(ସଂଚାର ବ୍ୟୁରୋ):** ବାଲିପାଟଣା ଅଞ୍ଚଳରେ ଚୋରା ମଦ ବିକ୍ରି ଯୋଗୁଁ ଯୁବପିଢ଼ି ବେଶ ପ୍ରଭାବିତ ହେଉଛନ୍ତି। ଫଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟ କଳାପ ବଢ଼ିବା ସହ ମୃତ୍ୟୁ ମୁଖରେ ମଧ୍ୟ ପଡୁଛନ୍ତି। ସୂଚନା ମୁତାବକ ବାଲିପାଟଣା ଥାନା ଅନ୍ତର୍ଗତ ଆଳିସୀ ଶାସନ ଗ୍ରାମରେ ସ୍ୱର୍ଗତ ଜମ୍ମେଶ୍ୱର ଭୋଳ ଙ୍କ ଏକ ମାତ୍ର ପୁଅ ଜଗବନ୍ଧୁ ଭୋଳ ଉରଫ ମୁନା (୨୫) ଥିଲେ। ବାପାଙ୍କ ମୃତ୍ୟୁ ପରେ ମୁନା ଘର ଏକମାତ୍ର ରୋଜଗାର କ୍ଷମ ଯୁବକ ଥିଲେ। ମାତ୍ରାଧିକ ମଦ ପିଇବା ଯୋଗୁଁ ତାଙ୍କର ମୃତ୍ୟୁ ହେଉଛି। ବାପା ଗଲା ପରେ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ପୁଅର ମୃତ୍ୟୁ ପରେ ମାଆ ବିମଳା ଭୋଳ ଅସହାୟ ହୋଇ ପଡ଼ିଛନ୍ତି। ଚୋରା ମଦ ବିକ୍ରିକୁ ବନ୍ଦ କରି ଆଜି ସ୍ଥାନୀୟ ମହିଳା ରାଜରାସ୍ତାକୁ ଓହ୍ଲାଇଛନ୍ତି। ସ୍ଥାନୀୟ ମହାଦେବଙ୍କ ମନ୍ଦିର ପଛ ବିଲୁଆଟି କିଆରୀରୁ ୨ଶହରୁ ଊର୍ଦ୍ଧ୍ୱ ବୋତଲ ମଦ ଜବତ କରିଛନ୍ତି। ଏହା ପରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ମହିଳାଙ୍କ ସହ ସ୍ଥାନୀୟ ଲୋକେ ମଧୁବନ ରାଜସ ମଠସାହି ରାସ୍ତା ଅବରୋଧ କରିଥିଲେ। ସକାଳ ୯ ଟାରୁ ମହିଳାମାନେ ରାସ୍ତାରେ ମଦ ବୋତଲ ରଖି ବାଉଁଶ ବାନ୍ଧି ରାସ୍ତାରୋକରେ ବସିରହିଥିଲେ। ପରିସ୍ଥିତି ଏମିତି ହେଇଥିଲା ସ୍ଥାନୀୟ ପୋଲିସ କୁ ୫ନାକେଡମ ହେଇଥିଲା। ଲୋକଙ୍କୁ ବୁଝାଇବାକୁ ଅଞ୍ଚଳରୁ ଚୋରା ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚୋରା ମଦ କାରବାର କରୁଥିବା ବ୍ୟବସାୟୀଙ୍କୁ ତୁରନ୍ତ ଗିରଫ କରିବା ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

# ସରକାରୀ ଜମିରେ ବେଆଇନ ମଦଦୋକାନ ଅଭିଯୋଗ

**କଳିଙ୍ଗନଗର,୧୨।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ରାଜସ୍ୱ ବଢ଼ାଇବା ପାଇଁ ରାଜ୍ୟ ରେ ଅନେକ ଅଞ୍ଚଳ ରେ ମଦ ଦୋକାନ କରିବା ପାଇଁ ଆଦେଶ ପାରିତ କରିବା ପରେ କିଛି ନିର୍ଦ୍ଦିଷ୍ଟ ମଦ ମାଫିଆ ଓ କିଛି ଭ୍ରଷ୍ଟ ଅଧିକାରୀ ଙ୍କ କୋଳାକୋଳିରେ କଳିଙ୍ଗନଗର ରେ ଏକାଧିକ ବେଆଇନ ମଦ ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି। ଯାହାକି ପୂର୍ବ ସରକାରଙ୍କ ସମୟରେ ହୋଇଥିବା ବେଳେ ବହୁ ସମୟରେ ଅଭିଯୋଗ ହେଉଥିବା ବେଳେ କୌଣସି ପଦକ୍ଷେ ପ ପ୍ରଶାସନ ଗ୍ରହଣ କରିନାହାନ୍ତି। ଲାଞ୍ଚୁଆ, ଭ୍ରଷ୍ଟ ଅଧିକାରୀଙ୍କୁ ହାତବାରିସୀ କରି ସରକାରୀ ନିୟମ ପାଳନ କରିବା ବଦଳରେ ସରକାରୀ ନିୟମର ଅବମାନନା କରି ମଦଦୋକାନ ଖୋଲା



ଯାଇଛି। ମାତ୍ର ମଦଦୋକାନରେ କିଛି ମଦ ମାଫିଆ ମାନେ ନିୟମ ପାଳନ କରୁଥିବା ବେଳେ ସରକାରୀ ଖାସ ଜଙ୍ଗଲ ଜମି ରେ ଘର କରି ମଦଦୋକାନ ଖୋଲା ଛନ୍ତି ଯାହା କି ଆଜକୁ ପ୍ରାୟ ୪/୫ ବର୍ଷ ହେଲା ଚାଲୁଥିବା ବେଳେ କିପରି ଅବକାରୀ ବିଭାଗର ନଜରରେ ଆସୁନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣ ଲୋକ ଆଲୋଚନା କରୁଛନ୍ତି। ବହୁତ ମଦ ଦୋକାନ ରେ ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ମୂଲ୍ୟରେ ଚଢ଼ା ଦରରେ ମଦ ରେ ବିକ୍ରୀ କରୁଥିବା ର ବହୁବାର ଅଭିଯୋଗ ଆସୁଥିବା ବେଳେ ବହୁତ ସରକାରୀ ମଦଦୋକାନ ରେ ନକଲି ମଦ ଦେଉଥିବା ବିଶେଷ ସୂତ୍ରରୁ ଜାଣିବା କୁ ମିଳିଛି।ଲୋକ ମାନଙ୍କ ଜୀବନ ସହିତ ଖେଳୁଥିବାର ଅଭିଯୋଗ ହେଉଥିବାର ମଧ୍ୟ ବହୁ ନଜିର ରହିଛି। ମାତ୍ର ସବୁ ପରେ ବି ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରା ରେ ଶୋଇ ରହିଛି। ଏହି ଶୋଇ ରହିବା ପଛରେ କଣ କାରଣ ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରୁଛନ୍ତି। ଏହି ବେଆଇନ ମଦଦୋକାନ ବିଶେଷ କରି ଦାନଗଦୀ ବ୍ଲକରେ ଦେଖିବାକୁ ମିଳୁଛି, କେତେକ ମଦ ଦୋକାନ ଗାଁ ପାଖରେ, ବିଦ୍ୟାଳୟ ପାଖରେ ହୋଇଥିବା ବେଳେ କିପରି ଏହା ଅନୁମତି ମିଳିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ।। ବୁଢ଼ୁରି, ଟମକା, ଦାନଗଦୀ ଅଞ୍ଚଳରେ ଥିବା ଏକାଧିକ ମଦଦୋକାନ ସରକାରୀ ଜମିରେ ଘର ନିର୍ମାଣ କରି ବେପାର କରୁଥିବା ଅଭିଯୋଗ ହେଉଛି। ଏଠି ପ୍ରଶ୍ନ ଉଠୁଛି କି ଘରବାରି ଥିବା ସ୍ଥାନରେ ମଦଦୋକାନ ହେବକଥା କିନ୍ତୁ ଅବାବାରୀ, ରକ୍ଷିତ ରେ କିପରି ଦୋକାନ ଖୋଲିଲା ଓ ଏହାକୁ କିପରି କିଏ କେଉଁ ରୂପରେ ଆଦେଶ ପାରିତ କରିଛନ୍ତି। ଯାହାକି ତଦନ୍ତ ସାପେକ୍ଷ ଓ ଏହି ଦୋକାନ ପାଇଁ କେଉଁ ତହସିଲଦାର ଆଦେଶ ଦେଇଛନ୍ତି ତାହା ପ୍ରଶାସନ ତଦନ୍ତ କରିବାକୁ ସାଧାରଣ ରେ ଦାବି ହେଉଛି ଗୋଟେ ପଟେ ନୂଆବର୍ଷ ଓ ପିକନିକ ଋତୁ ଚାଲିଥିବା ବେଳେ ଗାଁ ଗହଳି, ଗଳି କନ୍ଦି, ସବୁ ଦୋକାନ ରେ ଚୋରା ମଦ ଜୋରସୋର ରେ ବିକ୍ରି ଚାଲିଛି। ଦାନଗଦୀ ବ୍ଲକ ରେ ଏକାଧିକ ମଦ ଦୋକାନ ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଆଗକୁ ଦେଖିବାକୁ ବାକି ରହିଲା ଅବକାରୀ ବିଭାଗ ସଂପୃକ୍ତ ଦୋକାନ ଗୁଡ଼ିକ ଉପରେ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି।

## ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



**କଳିଙ୍ଗନଗର,୧୨।୧୨(ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଚାନ୍ଦିଆ ପଞ୍ଚାୟତ ର ଗୋଲାଗାଁ ରେ ଜୟ ଜଗନ୍ନାଥ ଫାଉଣ୍ଡେସନ ତରଫରୁ ଶୀତବସ୍ତ୍ର ବଣ୍ଟନ ହୋଇଛି, ଏହି ଗାଁରେ ରହୁଥିଲେ ୩୦ ରୁ ଊର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ମାନଙ୍କୁ ଫାଉଣ୍ଡେସନ ପକ୍ଷରୁ ପ୍ରବଳ ଶୀତ ଲହରୀ ହେଉଥିବା ବେଳେ ଆଜି କମ୍ବଳ ବଣ୍ଟନ କରାଯାଇଛି, ଏହି ସେବା କାର୍ଯ୍ୟକ୍ରମ ରେ ମାନବାଧିକାରକର୍ମୀ ନିତ୍ୟାନନ୍ଦ ନାୟକ ଙ୍କ ସମେତ ଗଣେଶ୍ୱର ବେହେରା, ବିଶ୍ୱଜିତ ସାହୁ, ଶଶୀକାନ୍ତ ବେହେରା, ଟୁକୁନା ନାୟକ, ଯତୀନ ବାରିକ, କାହ୍ନୁ ବାରିକ, ପ୍ରଜ୍ଞାନ ବେହେରା, ମନୁଆ ବେହେରା ପ୍ରମୁଖ ସାମିଲ ଥିଲେ।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**କଣାସ,୧୨।୧୨ (ସଂଚାର ବ୍ୟୁରୋ):** ଆଜି କଣାସ ବ୍ଲକ ବିଜିପୁର ଗ୍ରାମପଞ୍ଚାୟତର ଝାରଡା ଗ୍ରାମରେ ପ୍ରତିଷ୍ଠିତ ଉତ୍କଳମଣି ଗୋପବନ୍ଧୁ ବିଦ୍ୟାନିକେତନରେ ଉତ୍କଳମଣି ଗୋପବନ୍ଧୁଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତୀ ବିଶିଷ୍ଟ ଶିକ୍ଷାବିତ୍ ଓ



ସମାଜସେବୀ ସତ୍ୟବାଦୀ ଦାଶଙ୍କ କରକମଳରେ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରତିଷ୍ଠା ହୋଇଯାଇଛି। ଉକ୍ତ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବିଦ୍ୟାଳୟ ପ୍ରକୋଷ୍ଠରେ ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ପାତ୍ରଙ୍କ ପୌରୋହିତ୍ୟରେ ଏକ ସାରସ୍ୱତ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଦାଶ ଉତ୍କଳମଣିଙ୍କର ବହୁମୁଖୀ ପ୍ରତିଭା ଏବଂ ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ ସମ୍ପର୍କରେ ଭାବଗର୍ବକ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ସେଠୀ, ଶିକ୍ଷାବିତ୍ ଯୁଗଳ ଚରଣ ସୁବୁଦ୍ଧି ଏବଂ ଆଲୁମିନି ସଭାପତି କ୍ଷୀରୋଦ କୁମାର ମଙ୍ଗରାଜ ପ୍ରଭୃତି ଯୋଗଦେଇ ବିଦ୍ୟାଳୟର ନାମକରଣର ଆଜି ଯଥାର୍ଥତା ହୋଇଛି ବୋଲି ବକ୍ତବ୍ୟରେ କହିଥିଲେ।

## ବେଟି ବଚାଓ ବେଟି ପଢ଼ାଓ ଓ ସାଇବର ସୁରକ୍ଷା ସଚେତନତା

**ଧାମନଗର,୧୨।୧୨ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହ ପରିସରରେ ବ୍ଲକସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ ଏବଂ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ୧୧ଘଟିକା ସମୟରେ ଏବିଡିଓ ଶର୍ମିଷ୍ଠା ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଭାରତ ସରକାରଙ୍କ ଏକ ଯୋଜନା, ଯାହାର ଲକ୍ଷ୍ୟ ହେଉଛି ଶିଶୁ କନ୍ୟାର ସୁରକ୍ଷା ପାଇଁ ପାଇଁ ସଚେତନତା ସୃଷ୍ଟି, ମହିଳାଙ୍କ କାର୍ଯ୍ୟଦକ୍ଷତା ଖତା ଏବଂ



ସାମଗ୍ରିକ ଅଭିବୃଦ୍ଧି ବୋଲି ଅତିଥି ବକ୍ତବ୍ୟ ରଖିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଧାମନଗର ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ନିବାଳା ବିଶ୍ୱାଳ ଭଦ୍ରକ, ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ କନ୍ୟା ପାଇଁ ଲିଙ୍ଗଗତ ଅସମାନ୍ୟତା ଦୂର କରିବା, ସମାଜରେ ତିଷ୍ଠିରହିବା ସହ ସୁରକ୍ଷା ନିଶ୍ଚିତ କରିବା, ଶିକ୍ଷିତ କରିବା, ପୁଷ୍ଟିକରଣରେ ଉନ୍ନତି ସୁରକ୍ଷା ଯୋଗାଇବା ଆଦି ପ୍ରଧାନ ବୈଶିଷ୍ଟ୍ୟ ସମ୍ପର୍କରେ ବକ୍ତବ୍ୟ ରଖୁଥିଲେ। ଆଇସିଡିଏସ ସୁପରଭାଇଜର ମମତାରାଣୀ ରାଉତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ମନିଷା ଜେନା ଅତିଥି ପରିଚୟ ପ୍ରଦାନ ଓ ଦିବ୍ୟାଜ୍ୟୋତି ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ଅଭିଭାବକ ସଚେତନ ହେଲେ ବିଦ୍ୟାଳୟ ଛାଡିଥିବା ପିଲା ଫେରିପାରିବେ

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷା ସଭା



**କଣାସ,୧୨।୧୨(ସଂଚାର ବ୍ୟୁରୋ):** ବିଦ୍ୟାଳୟ ବାହାରେ ରହିଯାଇଥିବା ଛାତ୍ର ଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାରେ ଅଭିଭାବକ ମାନଙ୍କର ଭୂମିକା ଗୁରୁତ୍ୱ ପୂର୍ଣ୍ଣ। ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅଭିଭାବକ ମାନଙ୍କୁ ସଚେତନ କରିବାସହ ଏହି ଛାତ୍ର ଛାତ୍ରୀ ମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବାରେ ସହାୟକ ହୋଇପାରିଛି ବୋଲି ଆଜି କଣାସ ବ୍ଲକ ଅନ୍ତର୍ଗତ ବାରଦା ବାଦଲ ପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଆୟୋଜିତ ଶିକ୍ଷା ସଭା ରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୀର କେଶରୀ ପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଙ୍କ ସଂଯୋଜନା ଓ ପ୍ରଧାନ ଶିକ୍ଷକ ନାରାୟଣ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ରୂପେ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ମୁଖ୍ୟ ବକ୍ତା କଣାସ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ବରାଳ, ସମ୍ମାନିତ ଅତିଥି ମନ୍ଦାର ବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମମତା ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା, ପ୍ରଭାସିନୀ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିରାଟ ବଳିଆର ସିଂହ, ଅଙ୍ଗନ୍ୱାଡ଼ି କର୍ମୀ ସଂଘମିତ୍ରା ମଙ୍ଗରାଜ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ମତଦେବା ସହ ସମସ୍ତ ଅଭିଭାବକ ମାନେ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ସହ ଭବିଷ୍ୟତ ରେ ଏହି ସମସ୍ୟାର ପୁନରାବୃତ୍ତି ନ ହେବା ପ୍ରତି ଦୃଷ୍ଟି ଦେବାପାଇଁ ସମୂହ ଶପଥ ର ଆହ୍ୱାନ ଦେଇଥିଲେ।

## ଚାଲାଣ ହେଉଥିଲା କଫ୍ ସିରପ୍, ମାଡ଼ି ବସିଲା ପୁଲିସ



**ବରଗଡ଼,୧୨।୧୨(ସଂଚାର ବ୍ୟୁରୋ):** ବରଗଡ଼ ଟାଉନ ଥାନା ପୁଲିସ ଶୁକ୍ରବାର ସହର ଉପକଣ୍ଠ କଟାପାଲି କେନାଲ ରାସ୍ତାରେ ବିପୁଳ ପରିମାଣରେ କଫ୍ ସିରପ୍ ଜବତ କରିଛି। ଏହା ସହିତ ୨ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି।
ସେମାନେ ହେଲେ ବରଗଡ଼ ସହର ବିଶିପଡ଼ାର ସୁରଜଲ ନାଗ(୨୦) ଏବଂ ଖଲିଆପାଲି କେନାଲପଡ଼ାର ସିକ୍ରେଟି ଚୌଧୁରୀ (୨୯)। ସେମାନଙ୍କ ପାଖରୁ ୨୭୦୦ ବୋତଲ କଫ୍ ସିରପ୍ ସହିତ ୨ଟି ସ୍କୁଟି, ଗୋଟିଏ ମୋବାଇଲ ଜବତ ହୋଇଛି। ତେବେ କଫ୍ ସିରପ ଚାଲାଣରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ୍ ସହିତ ଅନ୍ୟ କେତେକ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୁଲିସ ସେମାନଙ୍କୁ ଧରିବା ପାଇଁ ବ୍ୟାପକ ତନାଘନା ଚଳାଇଛି।

### ଧାନ ସଂଗ୍ରହରେ ଅଚଳାବସ୍ଥା ଜାରି

## ଜାତୀୟ ରାଜପଥରେ ଗର୍ଜିଲେ ଚାଷୀ

**ସମ୍ବଲପୁର,୧୨।୧୨(ସଂଚାର ବ୍ୟୁରୋ):** ସମ୍ବଲପୁରରେ ଟୋକନ ମିଳିବା ବିଳମ୍ବକୁ ନେଇ ତାତି ଉଠିଛନ୍ତି ଚାଷୀ। ଉତ୍ୟକ୍ତ ଚାଷୀ ଶୁକ୍ରବାର ପୂର୍ବାହ୍ନରୁ ସମ୍ବଲପୁର ସହରର ୨କୁ ନେଇ ଚାଷୀ ଅସନ୍ତୋଷ। ସମ୍ବଲପୁରର ରେମେଡ, ସିନ୍ଦୁରପଙ୍କ



ବାଇପାସରେ ଜାତୀୟ ରାଜପଥ(୫୩) ଏବଂ ହୁମା ଛକରେ ରାଜ୍ୟ ରାଜପଥ(୧୫) ଆଦି ୩ଟି ସ୍ଥାନରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିସିଏସଓ) ଙ୍କ ଠାରୁ ମିଳିଥିବା ତଥ୍ୟ ଅନୁସାରେ, ଜିଲାରେ ଚାଷୀ ଧାନ ବିକ୍ରି ପାଇଁ ୬୪୩୩୦ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏପର୍ୟ୍ୟନ୍ତ କେବଳ ୬୧୮୯୨ ଜଣ ଚାଷୀଙ୍କ ନାମରେ ଟୋକନ ଜାରି ହୋଇ ସାରିଛି। ସେଥିରୁ ୫୨୫୪୨ଟି ଟୋକନ ଆକ୍ଟିଭିଷ୍ଟ ହୋଇଛି। ମାତ୍ର ଏପର୍ୟ୍ୟନ୍ତ ଆକ୍ଟିଭେଟ ହୋଇନଥିବା ଓ ଟୋକନ ପାଇନଥିବା ଅବଶିଷ୍ଟ ପାଖାପାଖି ପ୍ରାୟ ୧୦ ହଜାର ଚାଷୀ ଧାନ ବିକ୍ରି କରି ନ ପାରି ଗୁରୁତର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସମ୍ବଲପୁରରେ ବିଭିନ୍ନ ଚାଷୀ ସଂଗଠନ ରାସ୍ତାକୁ ଓହ୍ଲାଇ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ଜିଲା ସମବାୟ ସମିତି ସମୂହ ଉପ ନିବନ୍ଧକ(ଡିଆରସିଏସ) ଲକ୍ଷ୍ମୀକାନ୍ତ ରାଉତ ଉତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ଫଳରେ ଚାଷୀଙ୍କ ରାସ୍ତାରୋକୋ ଆନ୍ଦୋଳନ ଅବ୍ୟାହତ ରହିଛି।

## ଜିଲ୍ଲାସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳିତ



**ବାରିପଦା,୧୨।୧୨(ସଂଚାର ବ୍ୟୁରୋ):** ଜିଲ୍ଲା ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରରେ ଥିବା ସମ୍ମିଳନୀ କକ୍ଷରେ ଜିଲ୍ଲା ଅଣସଂକ୍ରମକ ରୋଗର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ବାରିପଦା ଏ.ଏନ.ଏମ ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷା ଭାରତୀ ଆରୁଖ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ତାଲିମ କେନ୍ଦ୍ରର ପ୍ରଶିକ୍ଷୀକା ଏବଂ ଏ ଏନ ଏମ ଛାତ୍ରୀ ମାନେ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡାକ୍ତର ଜ୍ଞାନରଞ୍ଜନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କହିଲେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଯେପରି ଜାତି, ବୟସ ଅବା ଲିଙ୍ଗଗତ ନିର୍ବିଶେଷରେ ସମସ୍ତଙ୍କ ପାଖରେ ସହଜ ଏବଂ ସୁଲଭରେ ଉପଲବ୍ଧ କରାଇବା। ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ କିପରି ବ୍ୟାପକ ଭାବେ ଲୋକାଭିମୁଖୀ କରିହେବ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

## କ୍ଷତାକ୍ତ ହାତୀକୁ ଚିକିତ୍ସା ପାଇଁ ଟ୍ରାଙ୍କୁଲାଇଜ୍ କରିଲା ବନ ବିଭାଗ

**ବୈଶିଙ୍ଗା,୧୨।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଖିରପଦା ଓ ଚୁଆପଦା ସଂରକ୍ଷିତ ଜଙ୍ଗଲରେ କାଲି ଠାରୁ ଏକ ଗୋଠଛଡା ମାଇହାତୀକୁ କ୍ଷତାକ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଆଜି ଦିନ ତମାମ ବନ ବିଭାଗର ଅଧିକାରୀମାନଙ୍କ ସହ ବିଶେଷଜ୍ଞ ଚିକିତ୍ସକ ଦଳ ଏହାକୁ ଜଙ୍ଗଲ ଭିତରେ ଖୋଜାଖୋଜି କରିବାକୁ ଲାଗିଥିଲେ। ବହୁ ପରିଶ୍ରମ ପରେ ସନ୍ଧ୍ୟା ସାତଟା ସମୟରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଛି। ଏହାକୁ ଏକ ଟ୍ରକ୍ ଯୋଗେ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯିବ ବୋଲି ସୂଚନା ମିଳିଛି। ଗୋଠଛଡା ହାତୀର ମୁହଁ ରୁ ରକ୍ତସ୍ରାବ ହେଉଥିବା ଲକ୍ଷ କରି ସ୍ଥାନୀୟ ଲୋକମାନେ ବନବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବେତନଟୀ ବନାଞ୍ଚଳ ମଧ୍ୟରେ ବିଚରଣ କରୁଥିବା ୩୨ ଟିକିଆ ହାତୀପଲ ହଠାତ୍ ବୁଢ଼ାବଳଙ୍ଗ ନଦୀ ପାର ହୋଇ ବାଲେଶ୍ୱର ଜିଲ୍ଲାର ନୀଳଗିରି ବନାଞ୍ଚଳ ମଧ୍ୟରେ ପ୍ରବେଶ କରିଥିଲେ।

## ଧାନ କ୍ରୟ ଅବ୍ୟବସ୍ଥା ନେଇଁ ତାତିଲେ ଚାଷୀ: ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଦାବିପତ୍ର



**କଳାହାଣ୍ଡି,୧୨।୧୨(ସଂଚାର ବ୍ୟୁରୋ):** ଧର୍ମଗଡ଼ ଠାରେ କଳାହାଣ୍ଡି କୃଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପଜିଲ୍ଲାପାଳ ଙ୍କ ଜରିଆରେ ଦିଆଯାଇଥିବା ଏହି ଦାବୀ ପତ୍ରରେ ମୁଖ୍ୟତଃ ଅତିଶୀଘ୍ର ଧନମାଣ୍ଡି ସବୁ କାର୍ଯ୍ୟକ୍ଷମ କରିବା, ଟୋକାନ ସବୁ ଶୀଘ୍ର ଇସୁ କରିବା, ଚାଷୀ ମାନଙ୍କୁ ଆବଶ୍ୟକ ଅନୁସାରେ ଅଖା ବସ୍ତା ଯୋଗାଇଦେବା, ମଣ୍ଡି ମାନଙ୍କ ଭିତ୍ତିଭୂମି ସୁଦୃଢ଼ କରିବା, ଧର୍ମଗଡ଼ ବ୍ଲକ ର ଖଇରପଦର ଓ ଟିପିଗୁଡ଼ା ଅଞ୍ଚଳ କୁ ରବି ଚାଷ ପାଇଁ ଜଳ ଯୋଗାଇଦେବା ସହିତ ଦଣ୍ଡପାଟ ଅଞ୍ଚଳ ର ବେହେରା, ଜୟନ୍ତପୁର, କଦଳିମୁଣ୍ଡା ଓ ହାତୀ ପଖାନ ଆଦି ଗାଁ କୁ ରବି ଚାଷ ପାଇଁ ମେଗା ଲିଫ୍ଟ କେନାଲରେ ଜଳ ଯୋଗାଇବା ଦେବା ଆଦି ସାତ ଦଫା ଦାବି ଉଲ୍ଲେଖ ଅଛି। ଆଗକୁ ମଣ୍ଡି ମାନଙ୍କରେ ଧାନ କ୍ରୟ ବେଳେ ଦଲାଲ ମାନେ ସକ୍ରିୟ ହୋଇଯିବେ। ସେମାନଂକଠାରୁ ଚାଷୀଙ୍କୁ ସୁରକ୍ଷା ଦେଇ ମଣ୍ଡି ସବୁକୁ ଦଲାଲ ମୁକ୍ତ କରିବା ସହିତ କଟନୀ, ଛଟନୀ ବନ୍ଦ କରିବା ଆଦି ଚାଷୀମାନେ ଦାବୀ କରିଥିଲେ।

## ଉପଜିଲ୍ଲାପାଳ ଓ ଡିଏସପିଙ୍କୁ ସହର ବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୧୨।୧୨(ସଂଚାର ବ୍ୟୁରୋ):** ସୋନପୁରରେ ଅସ୍ମିତା ଶ୍ରୀ ଗୋପାଳ ଜୀ ଙ୍କ ପ୍ରତ୍ୟାବର୍ତ୍ତନ ରେ ସୋନପୁର ବାସୀ ଉତ୍ଫୁଲ୍ଲିତ ହୋଇ ପଡ଼ିଥିବା ବେଳେ ଏ ମହାନ କାର୍ଯ୍ୟ ବା ସେବା କୁ ପ୍ରଭୁ ଙ୍କ ଆଶିର୍ବାଦ ରୁ ସଫଳ କରାଇବାରେ ଉଲ୍ଲେଖନୀୟ ଅବଦାନ ରହିଥିବା ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କୁ ସୋନପୁର ବାସୀ ଙ୍କ ପକ୍ଷରୁ ଗତ କାଲି ସ୍ୱାଗତ ସମ୍ବର୍ଧନା କରାଯାଇଥିଲା। ସେହିପରି ଆଜି ଉପ ଜିଲ୍ଲାପାଳ ଡ଼. ସୌମ୍ୟା ରୂପା ରଥ ଓ ପୋଲିସ୍ ଡି ଏସ ପି ଶ୍ରୀ ଚନ୍ଦ୍ର ଶେଖର ଶବର ଙ୍କୁ ସଂଧ୍ୟାରେ ଉପ ଜିଲ୍ଲାପାଳ ଅଫିସ୍ କର୍ଯ୍ୟାଳୟ ରେ ସହର ବାସୀ ଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଧନା ଜ୍ଞାପନ କରା ଯାଇଛି। ଆଜି ର ଏହି କାର୍ଯ୍ୟ କ୍ରମ ରେ ସୁରେଶ୍ୱରୀ ଯଜ୍ଞ କମିଟି, ସ୍ୱଚ୍ଛ ଭାରତ ସଙ୍ଗଠନ, ସୋନପୁର କଲେଜ ଏନ ସି ସି, ଭାରତ ବିକାଶ ସଙ୍ଗଠନ, ପ୍ରଜା ପିତା ବ୍ରହ୍ମ କୁମାରୀ, ଦେବୋତ୍ତର କମିଟି, ଓଡ଼ିଶା ସାମ୍ବାଦିକ ସଂଘ, ଶ୍ରମିକ ସଂଗଠନ, ଗୋପାଳ ଜୀ ଯୋଗାଳୟ, ବ୍ଲକ ଦୁର୍ଗା ପୂଜା କମିଟି, ଶ୍ରୀ ସତ୍ୟ ସାଇ ସେବା ସମିତି ପ୍ରମୁଖ ବିଭିନ୍ନ ଅନୁଷ୍ଠାନ କର୍ମ କର୍ତ୍ତା ସାମିଲ୍ ଥିଲେ।

## ରକ୍ତଦାନ ଶିବିର ଅନୁଷ୍ଠିତ

● ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ

**ବାରିପଦା,୧୨।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ମୁର୍ଗାବାଡି ସ୍ଥିତ ପ୍ରୟାସ ହଲ ପରିସର ଠାରେ ଓରମାସ ପରିଚାଳିତ ମୟୂରଭଞ୍ଜ ଫଳ ଓ ପନିପରିବା କୃଷକ ଉତ୍ପାଦକ କମ୍ପାନୀ ତରଫରୁ ଦ୍ୱିତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ରକ୍ତଦାନ ଶିବିରକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ବର୍ତ୍ତମାନର ପରିବର୍ତ୍ତିତ ସମୟରେ ଥାଲସେମିଆ, ସିକିଲସେଲ ଭଳି ଦୂରାରୋଗ୍ୟ ତଥା ଆକସ୍ମିକ ଦୁର୍ଘଟଣା ପାଇଁ ଓ ଅନ୍ୟାନ୍ୟ ଅସାଧ୍ୟ ରୋଗର ଜରୁରୀ ଅସ୍ତ୍ରୋପଚାର ପାଇଁ ରୋଗୀର ଅମୂଲ୍ୟ ଜୀବନକୁ ବଞ୍ଚାଇବା ପାଇଁ ବହୁ ସମୟରେ ରକ୍ତର ହଠାତ ଆବଶ୍ୟକତା ଦେଖାଦେଉଛି। ଏହାର ଦୂରୀକରଣ ପାଇଁ ରକ୍ତଦାନର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ ଅଭିଯାନ ଅନ୍ତର୍ଗତ ସମାଜର କଲ୍ୟାଣ ପାଇଁ ଏହି ଶିବିର ଆୟୋଜନ କରିଥବାରୁ କୃଷି ଉତ୍ପାଦକ କମ୍ପାନୀର ଏହି ମହତ ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ ବୋଲି କହିଥିଲେ।

## ଦମକଳ କେନ୍ଦ୍ରର ଆବଶ୍ୟକତାକୁ ସରକାର ଗୁରୁତ୍ୱ ଦେବାକୁ ଦାବି

**ବୈଶିଙ୍ଗା,୧୨।୧୨(ସଂଚାର ବ୍ୟୁରୋ):** ବର୍ଷ ବର୍ଷ ଧରି ବୈଶିଙ୍ଗା ଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଅଞ୍ଚଳବାସୀ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ଠାରେ ଦାବି କରିଆସୁଥିଲେ ମଧ୍ୟ କାହାରି ନିଦ ଭାଙ୍ଗୁନାହିଁ।




ଆଜି ସିନା ସବୁଆଡ଼େ ପକ୍କା ଛାତ ଘର ହୋଇଯାଇଛି ମାତ୍ର ଯେତେବେଳେ ନଡ଼ା ଛପର, ଟାଇଲ, ଦିସ୍ତା ଘରେ ଯେତେବେଳେ ଘର ତିଆରି କରି ବସବାସ କରୁଥିଲେ ସେତେବେଳେ ଘର ପୋଡିର ଭୟା ବହତା ଥିଲା ତାହା ନ ଦେଖିଲେ ଲୋକେ ବିଶ୍ୱାସ କରିପାରିବେ ନାହିଁ। ଏଭଳି ଲୋମ ହର୍ଷଣକାରୀ ଘଟଣା ଗଡ଼ଦେଉଳିଆ, ହୋତାପୁର, ଜାମନଣ୍ଡା, ବୈଶିଙ୍ଗା, ପାଟଳୀପୁରା ଗ୍ରାମରେ ପୂର୍ବରୁ ଘଟିଥିଲା ଯେଉଁଥିରେ କି ଗ୍ରାମର ଶହ ଶହ ଘର ଧ୍ୱଂସ ସ୍ତୂପରେ ପରିଣତ ହୋଇ ଯାଇଥିଲା। ସେତେବେଳେ ବାରିପଦା, ବାଲେଶ୍ୱର, ଜଳେଶ୍ୱର, ସୋର ଆଦି ସ୍ଥାନରୁ ଦମକଳ ଗାଡି ବୈଶିଙ୍ଗା ପହଞ୍ଚିବାକୁ ଦୁଇରୁ ତିନି ଘଣ୍ଟା ଲାଗୁଥିଲା, ଯାହା ପାଇଁ ଧନଜୀବନକୁ ରକ୍ଷା କରା ଯାଇ ପାରୁ ନଥିଲା। ସ୍ୱାଧୀନତା ପରଠାରୁ କେତେ ବିଧାୟକ, ମନ୍ତ୍ରୀ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ଦମକଳ କେନ୍ଦ୍ର ସ୍ଥାପନ ପାଇଁ କାହାରି ଆଗ୍ରହ ନ ଥିବାର ପରିଲକ୍ଷିତ ହୋଇଥିଲା। ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ ଥିବା ସମୟରେ ବୈଶିଙ୍ଗା ଠାରେ ବ୍ଲକ କାର୍ଯ୍ୟାଳୟ କାର୍ଯ୍ୟକାରୀ କରୁଛି ବୋଲି ସରକାରଙ୍କର ଦସ୍ତାବିଜ ରହିଛି। କେଉଁ କାରଣରୁ ବୈଶିଙ୍ଗା ଏବଂ ଏହାର ଆଖପାଖ ଅଞ୍ଚଳରେ ସଂଖ୍ୟାଧିକ ପଞ୍ଚାୟତ ଥିଲେ ମଧ୍ୟ ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ ବେତନଟୀ ଠାରେ ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯିବା ସହିତ ଦମକଳ କେନ୍ଦ୍ର ସ୍ଥାପନ କରାଗଲା। ମାତ୍ର ଏହି ନିର୍ବାଚନ ମଣ୍ଡଳୀର ସୀମା ପୁରୁଣିଆ - ଅଁଳା ଠାରୁ ବେତନଟୀକୁ ୨୮/୩୦ କି.ମି. ପୁରୁଣିଆ ଗ୍ରାମ ପଞ୍ଚାୟତ ଠାରୁ ମଧ୍ୟ ୨୮ କିମି.. ଦୂର କାରଣରୁ ଦମକଳ କେନ୍ଦ୍ର ପହଞ୍ଚିବାରେ ବିଳମ୍ବ ହୁଏ। ଘରପୋଡ଼ି ବ୍ୟତୀତ ଦୁର୍ଘଟଣା, ବନ୍ୟା, ବାତ୍ୟା ଆଦି ଦୁର୍ବିପାକ ପାଇଁ ଦମକଳ ବାହିନୀ ଙ୍କ ସହଯୋଗ ନିତାନ୍ତ ଜରୁରୀ। ଏଥିପାଇଁ ପୂର୍ବରୁ ଥିବା ଏହି ଦାବିକୁ ବର୍ତ୍ତମାନ ବୁଦ୍ଧିଜୀବି ମହଲରେ ପୁନର୍ବାର ଦାବି ଜଣାଇଛନ୍ତି। ଆଗାମୀ ଦିନରେ ଏହି ଦାବିକୁ ବିଚାରକୁ ନିଆ ଯାଇ ନୂଆ ସରକାର ଏ ଦିଗରେ ଗୁରୁତ୍ୱ ଦେବେ ବୋଲି ଅଞ୍ଚଳବାସୀ ଦୃଢ଼ ଭାବେ ଆଶା ବ୍ୟକ୍ତ କରିଛନ୍ତି।

## ଗଙ୍ଗଦାହାଟ କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା




**ନାଉଗାଁ,୧୨।୧୨(ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରର ଟେଂଟୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପାଞ୍ଜୁଲତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସିଆରସିସି ପିତାମ୍ବର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରୁଣ କୁମାର ବିଶ୍ୱାଳ, ଶିକ୍ଷକ ଅକ୍ଷୟ କୁମାର ମହାନ୍ତି, ପ୍ରଫୁଲ କୁମାର ସାହୁ, ସୁଶାନ୍ତ କୁମାର ଜେନା, ଦିଲ୍ଲିପ କୁମାର ମହାପାତ୍ର, ବିଜ୍ଞାନଭୂଷଣ ପରିଡ଼ା, ବିଶ୍ୱଜିତ ସ୍ୱାଇଁ, ରେବତୀ ସ୍ୱାଇଁ, ରଞ୍ଜନ ଶତପଥି, ବିଜୟଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାର ଆଭିମୁଖ୍ୟ, ଅଧାରୁ ପାଠ ଛାଡିଥିବା ଏବଂ ଆଦୌ ବିଦ୍ୟାଳୟକୁ ଯାଇ ନଥିବା ପିଲାମାନଙ୍କୁ ବୟସ ଅନୁସାରେ ନାମ ଲେଖାଇବା, ଏସଆଇଓଏସ, ଏନଆଇଓଏସ ବିଷୟରେ ଅବଗତ କରାଇବା ଓ ସଚେତନତା ସୃଷ୍ଟି କରିବା ପାଇଁ ଆଲୋଚନା କରାଯାଇଥିଲା। ଯେଉଁ ପିଲାମାନେ କେବେ ନାମ ପଂଜିକରଣ କରି ନଥିବା ଓ ଡ୍ରପ ଆଉଟ୍ ରେ ଚିହ୍ନଟ ହୋଇଥିବା ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକ, ଅଙ୍ଗନୱାଡ଼ୀ କର୍ମୀ, କମିଟି ସଦସ୍ୟ ଏବଂ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଆଦି ଯୋଗ ଦେଇଥିଲେ। ସେହିପରି କୋରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରର କୋରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ସରୋଜିନୀ ସାହଙ୍କ ତତ୍ତ୍ୱାବଧାନରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଥିଲା।

# ପିଲାଙ୍କ ଦୃଷ୍ଟି ସମସ୍ୟା ଦୂରେଇବାର ସହଜ ଉପାୟ



ଆପଣଙ୍କ ପିଲା କେତେ ସମୟ ମୋବାଇଲ ଦେଖୁଛି? କେତେ ସମୟ ଟିଭି ବା ସୋସିଆଲ ମିଡ଼ିଆରେ ଏକାଗ୍ର ଚିତ୍ତରେ ନିଜ ଦୃଷ୍ଟି ନିବଦ୍ଧ କରିରଖୁଛି? ଆଜି ହୁଏତ ନୁହଁ କିନ୍ତୁ ପରବର୍ତ୍ତୀ ସମୟରେ ଏହା ପିଲାଟି ପାଇଁ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହେବ। ଦୈନନ୍ଦିନ କାର୍ଯ୍ୟ ମାଧ୍ୟମରେ ଶିଶୁର ଦୀର୍ଘକାଳୀନ ଦୃଷ୍ଟି ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରାଯାଇ ପାରିବ। ଆଜି ସେଭଳି କିଛି ସାଧାରଣ ଅଭ୍ୟାସ ବାବଦରେ ଆଲୋଚନା କରିବା। ପିଲା ଟିଭି, ଟାବଲେଟ, ସ୍ମାର୍ଟଫୋନ ଓ କମ୍ପ୍ୟୁଟର ପରି ସ୍କ୍ରିନ ସହ ଦୀର୍ଘ ସମୟ ଅତିବାହିତ କରିବା ଦ୍ୱାରା ଡିଜିଟାଲ ଚକ୍ଷୁ ଚାପ ଏବଂ ମାୟୋପିଆ ସମୀପ ଦୃଷ୍ଟି ମଧ୍ୟ ହୋଇପାରେ। ତେଣୁ ସ୍କ୍ରିନ ବ୍ୟବହାର ପାଇଁ ସମସ୍ତ ସୀମା ସ୍ଥିର କରିବା ଦରକାର। ପ୍ରତି ୨୦ ମିନିଟରେ ଟିକେ ବିରତି ନେବା ଆବଶ୍ୟକ। ସେହିପରି ପ୍ରତିଦିନ ଘର ବାହାରେ ଅତି କମରେ ୧ରୁ ୨ଘଣ୍ଟା ବିତାଇବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ମାୟୋପିଆ ହେବାର ଆଶଙ୍କା ହ୍ରାସ ପାଇଥାଏ।

ପ୍ରାକୃତିକ ଆଲୋକରେ ଦୂର ଦୂରାନ୍ତର ଧ୍ୟାନ ସୁସ୍ଥ ଦୃଷ୍ଟି ବିକାଶ କରିବାରେ ସାହାଯ୍ୟ କରେ। ତେଣୁ ସାଇକେଲିଂ କିମ୍ବା ଫୁଟବଲ, ହକି କି କ୍ରିକେଟ ଭଳି ବାହାର ଖେଳ ଅତ୍ୟନ୍ତ ଲାଭଦାୟକ। ଏଥିସହ ପିଲା ଯେଭଳି ଆଲୋକିତ ପରିବେଶରେ ପଢ଼େ କିମ୍ବା ଗୃହକାର୍ଯ୍ୟ କରେ, ସେଥିପ୍ରତି ଦୃଷ୍ଟି ଦେବା ଦରକାର। କମ ଆଲୋକ ଆଖିକୁ ଚାପ ଦେଇ ମୁଣ୍ଡବିନ୍ଧା ଓ ଥକାପଣ ସୃଷ୍ଟି କରିପାରେ। ପ୍ରାକୃତିକ ଦିବାଲୋକ କିମ୍ବା ଉଜ୍ଜ୍ୱଳ କିନ୍ତୁ ନରମ କୃତ୍ରିମ ଆଲୋକ ଆଖି ଚାପ ହ୍ରାସ କରିବା ପାଇଁ ସର୍ବୋତ୍ତମ। ପଢ଼ିଲା ବେଳେ ପୁସ୍ତକ କିମ୍ବା ସ୍କ୍ରିନକୁ ଆଖିଠାରୁ ଅତି କମରେ ୧୨ରୁ ୧୬ ଇଞ୍ଚ ଦୂରରେ ରଖିବାକୁ ଶିଖାନ୍ତୁ। ସାମଗ୍ରୀ ଗୁଡ଼ିକୁ ଅତ୍ୟଧିକ ପାଖରେ ରଖିଲେ ଆଖି ଚାପ ସୃଷ୍ଟି ସହ ସୀମପଦୃଷ୍ଟି ଆଶଙ୍କା ବଢ଼ିପାରେ। ସେହିପରି ବାରମ୍ବାର ଆଖି ମିଟିମିଟି କରିବା, ଆଖି ଘୁରାଇବା କିମ୍ବା ନିକଟରୁ ଦୂରକୁ ଧ୍ୟାନ ସ୍ଥାନାନ୍ତର କରିବା ଆଦି ସରଳ ବ୍ୟାୟାମ ଦ୍ୱାରା ଆଖିର ମାଂସପେଶୀ ମଜଭୁତ ହୋଇପାରେ। ଏଥି ସହିତ ଭିଟାମିନ ଏ, ସି, ଇ ସହ ଜିଙ୍କ ଓ ଓମେଗା-୩ ଚର୍ବିଳାମ୍ଳ ସମ୍ବଳିତ ଗାଜର, ପତ୍ରଯୁକ୍ତ ସବୁଜ ପନିପରିବା, ମିଠା ଆଳୁ, ଅଣ୍ଡା, ବାଦାମ ଏବଂ ମାଛ ଆଦି ଖାଦ୍ୟ ଗ୍ରହଣ ଦୃଷ୍ଟି ଶକ୍ତି ହ୍ରାସ ଆଶଙ୍କା ହ୍ରାସ କରି ଆଖିକୁ ସୁସ୍ଥ ରଖିଥାଏ।

ସର୍ବୋପରି ଚକ୍ଷୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ୍ରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଶରୀରର ଡିହାଇଡ୍ରେସନ ବା ଜଳାଭାବରୁ ଆଖି ଶୁଷ୍କ ହୋଇପାରେ। ତେଣୁ ଆଖିକୁ ଆର୍ଦ୍ର ତଥା ଆରାମଦାୟକ ରଖିବା ପାଇଁ ବିଶେଷକରି ଶୁଷ୍କ କିମ୍ବା ବାତାନୁକୁଳିତ ପରିବେଶରେ ପିଲା ଯେପରି ଦିନ ସାରା ପର୍ଯ୍ୟାପ୍ତ ପାଣି ପିଏ, ସେଥିପ୍ରତି ଦୃଷ୍ଟି ଦେବା ଦରକାର। ପିଲାମାନେ ପ୍ରାୟତଃ ମଇଳା ହାତରେ ଆଖି ଘଷନ୍ତି, ଯାହା କଞ୍ଜକ୍ଟିଭାଇଟିସ୍ ଭଳି ସଂକ୍ରମଣ ହୋଇପାରେ। ତେଣୁ ହାତକୁ ସଫା ରଖିବାକୁ ସେମାନଙ୍କୁ ଉତ୍ସାହିତ କରିବା ସହ ଆଖି ଘଷିବାକୁ ନିରୁତ୍ସାହିତ କରନ୍ତୁ। ଏହି ସବୁ ଛୋଟ ଅଥଚ ଭଲ ଅଭ୍ୟାସ ଗୁଡ଼ିକୁ ନିଜ ପିଲାର ଦୈନନ୍ଦିନ ଜୀବନରେ ସାମିଲ କରି ଚକ୍ଷୁ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ସହ ତାହାର ଏକାଗ୍ରତା, ଶିକ୍ଷଣ ଏବଂ ଆତ୍ମବିଶ୍ୱାସକୁ ମଧ୍ୟ ଉନ୍ନତ କରିହେବ।

**ପ୍ରଫେସର ଡାକ୍ତର ଜ୍ୟାତିରଞ୍ଜନ ଚମ୍ପତିରାୟ**
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ଲମ୍ବା ଏବଂ ସୁନ୍ଦର କେଶ ଚାହୁଁଛନ୍ତି କି ?




ଆଜିର ସମୟରେ ଅଧିକାଂଶ ଲୋକ କେଶ ଝଡ଼ିବା ସମସ୍ୟାରେ ପୀଡ଼ିତ ଅଛନ୍ତି। କେଶ ଝଡ଼ିବା ଯୋଗୁଁ କେଶ ପୂର୍ବା ଅପେକ୍ଷା ପତଳା ହୋଇଯାଏ ଯାହା ମୁହଁର ସୁନ୍ଦରତାକୁ ମଧ୍ୟ କମାଇଥାଏ। ବର୍ତ୍ତମାନର ଖରାପ ଲାଇଫ୍‌ଷ୍ଟାଇଲ୍ ଏବଂ ଖାଇବା ଅଭ୍ୟାସ ହେତୁ ଲୋକଙ୍କ କେଶ ବହୁତ ଅଧିକ ଝଡିବାକୁ ଲାଗୁଛି। ଏଭଳି ପରିସ୍ଥିତିରେ ଲୋକମାନେ କେଶ ଝଡ଼ିବା ପାଇଁ ଦାମୀ ତେଲ, ସାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରନ୍ତି। କିନ୍ତୁ ଏସବୁ କରିବା ପରେ ମଧ୍ୟ କେଶ ମୋଟା ଏବଂ ଲମ୍ବା ହେବା ପରିବର୍ତ୍ତେ ଝଡ଼ିବାକୁ ଲାଗୁଛି। ତେବେ କେଶ ପାଇଁ କେମିକାଲ ପ୍ରଡକ୍ଟରେ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ, ଆପଣ ନିଜ ରୋଷେଇ ଘରେ ଥିବା ଏହି ଜିନିଷଗୁଡିକ ବ୍ୟବହାର କରିବା ଉଚିତ୍। କେବଳ ଆପଣଙ୍କ କେଶ ଝଡ଼ିବା ବନ୍ଦ କରେ ନାହିଁ ବରଂ ସେମାନଙ୍କୁ ମୂଳରୁ ଷ୍ଟ୍ରଙ୍ଗ କରେ। ଯଦି ଆପଣ ମଧ୍ୟ କେଶ ଝଡ଼ିବା ସମସ୍ୟାରେ ପୀଡିତ ତେବେ ଆପଣ କିଛି ଘରୋଇ ଉପାୟ ଆପଣେଇ ନିଜ କେଶକୁ ମୋଟା କରିପାରିବେ। ତେବେ ଆସନ୍ତୁ ଏହା ବିଷୟରେ ଜାଣିବା। ସୁସ୍ଥ କେଶ ପାଇବା ପାଇଁ ଆପଣ ଦାମୀ ପ୍ରଡକ୍ଟ ଅପେକ୍ଷା ନିଜ ଡାଏଟ୍ ଉପରେ ଅଧିକ ଧ୍ୟାନ ଦେବା ଉଚିତ। କାରଣ ଅନେକ ସମୟରେ ପୋଷକ ତତ୍ତ୍ୱର ଅଭାବରୁ କେଶ ଝଡ଼ିବା ସମସ୍ୟା ଦେଖାଦେଇଥାଏ। ଏଭଳି ପରିସ୍ଥିତିରେ ଯଦି ଆପଣ ଏକ ବାଲାନ୍ସଡ୍ ଏବଂ ହେଲଦି ଖାଦ୍ୟ ଖାଆନ୍ତି, ତେବେ ଆପଣଙ୍କ କେଶ ଝଡ଼ିବା ସମସ୍ୟା ନିଶ୍ଚୟ ଭାବରେ କମ୍ ହୋଇଯିବ। ତେବେ ଆସନ୍ତୁ ଜାଣିବା କେଶ ପାଇଁ କେଉଁ ଜିନିଷ ଖାଇବା ଲାଭଦାୟୀ ହୋଇଥାଏ।

**କଞ୍ଚା ଅଁଳା:** ସକାଳୁ ଉଠି ଖାଲି ପେଟରେ କଞ୍ଚା ଅଁଳା ଖାଆନ୍ତୁ। କଞ୍ଚା ଅଁଳା ଉଭୟ ସ୍ୱାସ୍ଥ୍ୟ ଏବଂ କେଶ ପାଇଁ ବହୁତ ଭଲ। ଅଁଳାରେ ଭିଟାମିନ୍ ସି ମିଳିଥାଏ ଯାହା କେଶକୁ ମଜବୁତ କରିଥାଏ ଯାହାଫଳରେ କେଶ ଝଡ଼ିବା ବହୁତ ମାତ୍ରାରେ କମ୍ ହୋଇପାରେ। ଏହା ବ୍ୟତୀତ ଅଁଳା ତ୍ୱଚା ପାଇଁ ମଧ୍ୟ ଲାଭଦାୟକ।

**ଭୃସଙ୍ଗ ପତ୍ର:** କେଶର ଯତ୍ନ ପାଇଁ ଆପଣ ଭୃସଙ୍ଗ ପତ୍ର ମଧ୍ୟ ଖାଇପାରିବେ। ଭୃସଙ୍ଗ ପତ୍ର ଚୋବାଇବା ଦ୍ୱାରା କେଶର ଘନତା ବୃଦ୍ଧି ପାଇଥାଏ। ଏହା ବ୍ୟତୀତ କେଶ ବୟସ ପୂର୍ବରୁ ଧଳା ହୋଇନଥାଏ। ଅଁଳା ଖାଇବା ପରେ ମଧ୍ୟ ଆପଣ ଭୃସଙ୍ଗ ପତ୍ର ଖାଇପାରିବେ।

**ଡ୍ରାଏଫ୍ରୁଟସ୍:** କେଶର ଯତ୍ନ ନେବା ପାଇଁ ଆପଣ ସକାଳେ ଡ୍ରାଏଫ୍ରୁଟସ୍ ଖାଇପାରିବେ। ରାତିରେ ଡ୍ରାଏଫ୍ରୁଟସ୍ କୁ ପାଣିରେ ଭିଜାଇ ରଖନ୍ତୁ। ଏହାପରେ ସକାଳେ ଖାଲି ପେଟରେ ଏହି ଭିଜା ହୋଇଥିବା ଡ୍ରାଏଫ୍ରୁଟସ୍ ଖାଆନ୍ତୁ। ଡ୍ରାଏଫ୍ରୁଟସ୍ ଖାଇବା ଦ୍ୱାରା କେଶକୁ ଭିତରୁ ପୋଷଣ ମିଳିବ ଯାହାଫଳରେ ଅନେକ କେଶ ସମସ୍ୟା ଦୂର ହୋଇପାରିବ।

# ବାଥରୁମ୍‌ରେ ରଖୁଛନ୍ତି ଟୁଥବ୍ରଶ୍ ?



ଅଧିକାଂଶ ଲୋକ ସକାଳୁ ଉଠିବା ମାତ୍ରେ ବାଥରୁମରେ ନିଜ ଟୁଥବ୍ରଶ୍ ଧରି ଦାନ୍ତ ଘଷନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ସେହି ଟୁଥବ୍ରଶ୍ ପ୍ରତିଦିନ ହଜାର ହଜାର ବ୍ୟାକ୍ଟେରିଆ, ଭାଇରାଲ୍ ପାର୍ଟିକଲ୍ସ ଏବଂ ଫଙ୍ଗାଲ୍‌ର ସାମ୍ନା କରିଥାଏ? ବାୟୋଲୋଜି ଏବଂ ମାଇକ୍ରୋବାୟଲ୍ ଅଧ୍ୟୟନରୁ ଜଣାପଡିଛି ଯେ ବାଥରୁମ୍ ପରିବେଶ ଟୁଥବ୍ରଶ୍ ପାଇଁ ସବୁଠାରୁ ଅସୁରକ୍ଷିତ ସ୍ଥାନ ମଧ୍ୟରୁ ଗୋଟିଏ, ବିଶେଷକରି ଯଦି ଆପଣଙ୍କର ବ୍ରଶ୍ ଖୋଲା ଥାଏ କିମ୍ବା ଟଏଲେଟ୍ ସିଟ୍ ପାଖରେ ରଖାଯାଏ।

ବିଶେଷଜ୍ଞଙ୍କ ଅନୁଯାୟୀ, ଟୁଥବ୍ରଶ୍‌କୁ ସଫା କରିବା ଏବଂ ସଂରକ୍ଷଣ କରିବାକୁ ନେଇ ବହୁତ କମ୍ ସଚେତନତା ରହିଛି, କିନ୍ତୁ ଏହା ଆପଣଙ୍କ ମୁଖ ସ୍ୱାସ୍ଥ୍ୟ, ମାଢ଼ି ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରେ। ଏପରି ପରିସ୍ଥିତିରେ, ବାଥରୁମରେ ରଖାଯାଇଥିବା ବ୍ରଶ୍‌ରେ କ'ଣ ବିପଦ ଲୁଚି ରହିଛି ଏବଂ ସେଗୁଡ଼ିକରୁ ନିଜକୁ କିପରି ରକ୍ଷା କରିବେ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ।

ବାଥରୁମ ସବୁବେଳେ ଆର୍ଦ୍ର ରହିଥାଏ, ଯାହାଦ୍ୱାରା ବ୍ୟାକଟେରିଆ ଏବଂ ଫଙ୍ଗସ ବୃଦ୍ଧି ପାଇଥାନ୍ତି। ଯେତେବେଳେ ବି ଟଏଲେଟ ଫ୍ଲସ୍ କରାଯାଏ, ସେତେବେଳେ ଟଏଲେଟ ପ୍ଲୁମ୍ ସୃଷ୍ଟି ହୁଏ – ଏହା ସୂକ୍ଷ୍ମ ବୁନ୍ଦାର ଏକ ମାଇକ୍ରୋ କ୍ଲାଉଡ ହୋଇଥାଏ ଯେଉଁଥିରେ ମଳ ଏବଂ ମୂତ୍ର କଣିକା ବାୟୁରେ ବିସ୍ତାରିତ ହୁଏ। ଏହି କଣିକାଗୁଡ଼ିକ ୧.୫ ରୁ ୨ମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ ଏବଂ ଯେକୌଣସି ଖୋଲା ବ୍ରଶ୍ କିମ୍ବା ସେଭିଙ୍ଗ୍ ଜିନିଷ ଉପରେ ସହଜରେ ସ୍ଥିର ହୋଇପାରେ। ଜୀବବିଜ୍ଞାନୀମାନେ କୁହନ୍ତି ଯେ ଅନେକ କ୍ଷେତ୍ରରେ, ଟୁଥବ୍ରଶରେ ଇ.କୋଲି, ଷ୍ଟେଫ୍ଲୋକୋକସ୍, ସାଲମୋନେଲା ଏବଂ ଏପରିକି କବକ ସ୍ପୋର୍ସ ମଧ୍ୟ ମିଳିଛି। ଏହି ଜୀବାଣୁ କିଛି ଦିନ ମଧ୍ୟରେ ବ୍ରଶ୍‌ର ବ୍ରିଷ୍ଟଲ୍ସରେ ଜମା ହୋଇଯାଏ ଏବଂ ମୁଖ ଗହ୍ୱରରେ ପହଞ୍ଚିବା ପରେ ସଂକ୍ରମଣ, ପ୍ରଦାହ ଏବଂ ଅଲସର ଭଳି ସମସ୍ୟା ବଢ଼ାଇପାରେ। ଯଦି ବ୍ରଶ୍ ଓଦା ଥାଏ ଏବଂ ବନ୍ଦ ପାତ୍ରରେ ରଖାଯାଇଥାଏ, ତେବେ ବ୍ରଶ୍ ଉପରେ ଜୀବାଣୁ ଦ୍ରୁତ ଗତିରେ ବୃଦ୍ଧି ପାଏ। କିନ୍ତୁ, ଯଦି ବ୍ରଶ୍ ଟଏଲେଟ୍ ପାଖରେ ଥାଏ, ତେବେ ଏହା ଫ୍ଲସ୍ ପ୍ଲୁମ୍ ସହିତ ସିଧାସଳଖ ସଂସ୍ପର୍ଶରେ ଆସିଥାଏ। ଏଥିସହିତ ଯଦି ପରିବାରର ସମସ୍ତ ସଦସ୍ୟ ସେମାନଙ୍କର ବ୍ରଶ୍ ଗୋଟିଏ ସ୍ଥାନରେ ରଖିଥାନ୍ତି, ତେବେ କ୍ରସ୍-କଣ୍ଟାମିନେସନ୍ ହେବାର ଆଶଙ୍କା ବଢ଼ିଯାଏ - ଅର୍ଥାତ୍, ଜଣେ ବ୍ୟକ୍ତିଙ୍କ ମୁହଁର ଜୀବାଣୁ ଅନ୍ୟ ଜଣଙ୍କ ବ୍ରଶ୍ କୁ ସ୍ଥାନାନ୍ତରିତ ହୋଇପାରନ୍ତି। ତେବେ ବିଶେଷଜ୍ଞଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଏହି ଟିପ୍ସଗୁଡ଼ିକୁ ଅନୁସରଣ କରି, ଆପଣ ଆପଣଙ୍କ ବ୍ରଶ୍‌କୁ ୯୦% ପର୍ଯ୍ୟନ୍ତ ଜୀବାଣୁରୁ ରକ୍ଷା କରିପାରିବେ। ଫ୍ଲସ୍ କଣିକାଗୁଡ଼ିକ ଯେପରି ବ୍ରଶ୍ ପର୍ଯ୍ୟନ୍ତ ନ ପହଞ୍ଚେ, ସେଥିପାଇଁ ଅତି କମରେ ୨ ମିଟର ଦୂରତା ବଜାୟ ରଖନ୍ତୁ। ସିଟ୍ କଭରକୁ ବନ୍ଦ କରି ଫ୍ଲସ୍ କରନ୍ତୁ, ଯାହା ଦ୍ୱାରା ବାୟୁବାହୀ କଣିକାଗୁଡିକ ୮୦% ପର୍ଯ୍ୟନ୍ତ ହ୍ରାସ ପାଇବ। ଏକ ଓଦା ବ୍ରଶ୍ ଜୀବାଣୁ ପାଇଁ ପ୍ରଜନନ ଭୂମି ହୋଇଯାଏ, ତେଣୁ ଏହାକୁ ପବନରେ ଶୁଖିବାକୁ ଦିଅନ୍ତୁ। ବ୍ରଶ୍‌ଗୁଡ଼ିକୁ ଏୟାରଟାଇଟ୍ ପାତ୍ରରେ ରଖିବା ଦ୍ୱାରା ଆର୍ଦ୍ରତା ବନ୍ଦ ହୋଇଯାଏ ଏବଂ କବକ ବୃଦ୍ଧିକୁ ଉତ୍ସାହିତ କରେ। ସମସ୍ତଙ୍କ ବ୍ରଶ୍ ଗୋଟିଏ ସ୍ଥାନରେ ରଖିବା ଛୁଇଁବା ନୁହେଁ, ଏହା କ୍ରସ୍-ଇନ୍ଫେକ୍ସନକୁ ରୋକିଥାଏ।

# ନିଦ୍ରା ସମସ୍ୟାରୁ ମୁକ୍ତି ପାଇବେ କିପରି

ଅନେକ ଲୋକଙ୍କ ବଡ ସମସ୍ୟା ହେଉଛି ନିଦ୍ରା। ଶରୀର କ୍ଲାନ୍ତ ହୋଇଯାଇଥିଲେ ସୁଦ୍ଧା ଶାନ୍ତିରେ ନିଦ ହୋଇନଥାଏ। କିନ୍ତୁ ନିଦ୍ରା ହେଉଛି ମାନବ ଶରୀରର 'ରିଚାର୍ଜ ମୋଡ୍'। ଯଦି ଆପଣ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ବିଶ୍ରାମ ନ ଦିଅନ୍ତି, ତେବେ ପରଦିନ ଆଳସ୍ୟ, ଚିଡ଼ଚିଡ଼ା ଏବଂ କ୍ଳାନ୍ତ ଅନୁଭବ କରିବା ସ୍ୱଭାବିକ। ତେଣୁ ଶୋଇବା ପୂର୍ବରୁ କେଉଁ ଖାଦ୍ୟ ଉପଯୁକ୍ତ ଏବଂ କେଉଁ ଖାଇବା ଉଚିତ୍ ନୁହେଁ ? ତାହା ଜାଣିବା ବହୁତ ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଜାଣିବା ଶୋଇବା ପୂର୍ବରୁ କେଉଁ ଖାଦ୍ୟ ଖାଇବା ଉଚିତ୍ ନୁହେଁ ...

**ଚକୋଲେଟ୍:** ଏହା ଖାଇବାକୁ ସ୍ୱାଦିଷ୍ଟ କିନ୍ତୁ ଶୋଇବା ପୂର୍ବରୁ ଏହାକୁ ଖାଇବା ଭଲ ନୁହେଁ। ଏଥିରେ କ୍ୟାଫିନ୍ ଏବଂ ଚିନି ଉଭୟ ଥାଏ, ଯାହା ମସ୍ତିଷ୍କକୁ ସକ୍ରିୟ କରିଥାଏ ଏବଂ ନିଦକୁ ବାଧା ଦେଇଥାଏ। ଡାର୍କ ଚକୋଲେଟରେ ଅଧିକ କ୍ୟାଫିନ୍ ଥାଏ। ତେଣୁ ଶୋଇବା ପୂର୍ବରୁ ଚକୋଲେଟ ଖାଆନ୍ତୁ ନାହିଁ।

**କଫି ଏବଂ ମୃଦୁ ପାନୀୟ:** କଫି, ଥଣ୍ଡା କଫି, ସବୁଜ ଚା, କିମ୍ବା ଶକ୍ତି ପାନୀୟରେ ଥିବା କ୍ୟାଫିନ୍ ପ୍ରାୟ ୬-୮ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ। ଚା' ଏବଂ କଫିରେ କଫିନ୍ ଏବଂ ଟେନିନ୍ ଥାଏ। କଫିନ ସେଣ୍ଟ୍ରାଲ ସ୍ନାୟୁ ପ୍ରଣାଳୀରେ ଏବଂ ଖାଦ୍ୟର ଆଇରନ ଉପରେ ଟେନିନ୍ ଉପରେ ଅଧିକ ପ୍ରଭାବ ପକାଇଥାଏ। ତେଣୁ ଶୋଇବା ପୂର୍ବରୁ କଫି ଏବଂ ମୃଦୁ ପାନୀୟ ଖାଆନ୍ତୁ ନାହିଁ।

**ମସଲାଯୁକ୍ତ ଖାଦ୍ୟ:** ରାତିରେ ଅତ୍ୟାଧିକ ମସଲାଯୁକ୍ତ ଖାଦ୍ୟ ଖାଇବା ପେଟକୁ ଗରମ କରିପାରେ। ଫଳରେ ଏସିଡିଟି, ଛାତିରେ ଜଳାପୋଡ଼ା ଏବଂ ଭାରି ଅନୁଭବ ହୋଇପାରେ। ଏସବୁ ଖାଦ୍ୟ ଶରୀରକୁ କଷ୍ଟ ଅନୁଭବ ଦେଇଥାଏ ଏବଂ ନିଦ୍ରାଜନିତ ସମସ୍ୟା ସୃଷ୍ଟି କରିପାରେ।

**ମିଠାଯୁକ୍ତ ଖାଦ୍ୟ:** କେକ୍, ମିଠା, ଆଇସ୍କ୍ରିମ୍ ଏବଂ ଚିନିଯୁକ୍ତ ଖାଦ୍ୟ ଶୀଘ୍ର ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରେ। ଏହି ଚିନି ଦ୍ରୁତ ଗତିରେ ଆପଣଙ୍କ ଶରୀରକୁ ସକ୍ରିୟ କରିଥାଏ, ଯାହା ଶୋଇବାକୁ କଷ୍ଟକର କରିଥାଏ। ତେଣୁ ଶୋଇବା ପୂର୍ବରୁ ଏହି ସବୁ ଖାଆନ୍ତୁ ନାହିଁ।

**ଭଜା ଖାଦ୍ୟ:** ରାତିରେ ପନିର,ଛୋଲେ ଭଟୁରେ,ପିଜା,ବର୍ଗର କିମ୍ବା ଭାରି ଭଜା ଖାଦ୍ୟ ଖାଇବା ଦ୍ୱାରା ପେଟରେ ଭାରୀ ଅନୁଭବ ହୋଇପାରେ। ହଜମ ପ୍ରକ୍ରିୟା ଧୀର ହୋଇଯାଏ ଏବଂ ଶରୀର ଶୋଇବା ସମୟରେ ମଧ୍ୟ ଖାଦ୍ୟ ପ୍ରକ୍ରିୟାକରଣ ଜାରି ରଖେ।ଏହା ଗଭୀର ନିଦକୁ ବାଧା ଦିଏ। ତେଣୁ ଶୋଇବା ପୂର୍ବରୁ ଏହି ସବୁ ଖାଆନ୍ତୁ ନାହିଁ।



# ଗ୍ରୀନ୍ କଫି କମାଏ କୋଲେଷ୍ଟେରଲ୍



ଗ୍ରୀନ୍ ଟି' ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଗ୍ରୀନ୍ କଫି ବିଷୟରେ ଜାଣନ୍ତି କି? ଗ୍ରୀନ୍ କଫି ଶରୀର ପାଇଁ ଖୁବ୍ ଲାଭଦାୟକ। ଏଥିରେ ଅଧିକ ମାତ୍ରାର ଆଣ୍ଟିଅକ୍ସିଡାଣ୍ଟ ରହିଥିବା ବେଳେ କ୍ୟାଫିନ୍ ପ୍ରାୟତଃ ନଥାଏ। ଗ୍ରୀନ୍ କଫି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ସାମାନ୍ୟ ରହିଥାଏ। ଗ୍ରୀନ୍ ଟି' ପିଇବା ଦ୍ୱାରା ଆହୁରି ଅନେକ ପ୍ରକାରର ଫାଇଦା ମିଳିଥାଏ। ଶୀତଦିନେ ପ୍ରାୟ ଲୋକ ଶରୀରକୁ ଗରମ ରଖିବା ପାଇଁ କଫି ପିଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଆବଶ୍ୟକଠାରୁ ଅଧିକ କଫି ପିଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ। କାରଣ ଏଥିରେ ବହୁ ମାତ୍ରାରେ କ୍ୟାଫିନ୍ ରହିଥାଏ, ଯାହା ଶରୀରକୁ ପ୍ରଭାବିତ କରିଥାଏ। କିନ୍ତୁ କଫି ପରିବର୍ତ୍ତେ ଗ୍ରୀନ୍ କଫି ପିଇପାରିବେ। ଏହା ଆଦୌ କ୍ଷତିକାରକ ନୁହେଁ। କାରଣ ଏହା ଆଣ୍ଟି-ଅକ୍ସିଡାଣ୍ଟରେ ଭରା ସାଙ୍ଗକୁ ଆଦୌ କ୍ୟାଫିନ୍ ନଥାଏ। ଏହାକୁ ଆପଣ ବାରମ୍ବାର ପିଇପାରିବେ। ଗ୍ରୀନ୍ କଫି ଆଣ୍ଟି ଅକ୍ସିଡାଣ୍ଟରେ ଭରା, ଯାହା ଆମ ଶରୀରକୁ ହାନିକାରକ ପ୍ରଭାବରୁ ରକ୍ଷା କରିଥାଏ। ଏଥିରେ ପୋଟାସିୟମ୍ ଓ ସୋଡିୟମ୍ ମଧ୍ୟ କମ୍ ରହିଥାଏ, ଯାହା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଖୁବ୍ ପ୍ରଭାବଶାଳୀ। ଗ୍ରୀନ୍ କଫି ପିଇବା ଦ୍ୱାରା ମଧୁମେହ ରୋଗୀଙ୍କ ରକ୍ତରେ ଶର୍କରା ସ୍ତର ସାମାନ୍ୟ ରହିଥାଏ। ସେହିପରି ଶରୀରର ପ୍ରଦାହକୁ ମଧ୍ୟ କମାଇଥାଏ। ତେଣୁ ମଧୁମେହ ରୋଗୀ ଏହାକୁ ଡାଏଟ୍ରେ ସାମିଲ୍ କରିପାରିବେ। ଗ୍ରୀନ୍ କଫିକୁ ଏନର୍ଜି ବୁଷ୍ଟର ବା ଶକ୍ତି ପ୍ରଦାନକାରୀ ମଧ୍ୟ କୁହାଯାଇପାରିବ। ଏହା ଶରୀରର ଥକ୍କାପଣ ଦୂର କରିବା ସହ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ। ଯେଉଁମାନଙ୍କଠାରେ କୋଲେଷ୍ଟେରଲ୍ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ଗ୍ରୀନ୍ କଫି ବରଦାନ। ଏହା ଶରୀରରୁ ଖରାପ କୋଲେଷ୍ଟେରଲ୍କୁ କମାଇବା ସହ ହୃଦୟକୁ ସୁସ୍ଥ ରଖିଥାଏ। ଗବେଷଣା ଅନୁସାରେ, ନିୟମିତ ଗ୍ରୀନ୍ କଫି ପିଇବା ଦ୍ୱାରା କୋଲେଷ୍ଟେରଲ୍ ସମସ୍ୟା ନିୟନ୍ତ୍ରିତ ରହିପାରିବ।

## ବିଦ୍ୟାଳୟରେ ଫୁଡ୍ ଫେଷ୍ଟିଭାଲ



**ବାଲିପାଟଣା,୧୨।୧୨(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ବସନ୍ତମାଳ ସ୍ଥିତ ଆର.ଆଇ.ଇ.ଟି ଇଣ୍ଟରନ୍ୟାସନାଲ୍ ସ୍କୁଲ ରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ନିଜେ ଘରେ ତିଆରି କରି ଆଣିଥିବା ଖାଦ୍ୟ ଜିନିଷ ର ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଖାଦ୍ୟ ପ୍ରସ୍ତୁତିରେ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ସହଯୋଗ କରିବା ସହ ଷ୍ଟଲ୍ ରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ୟାପଟେନ୍ ମଧୁଅ ରାଉତରାୟ ଯୋଗଦେଉଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସାଗରିକା ମହାନ୍ତି ମହାନ୍ତି, ବାଲିପାଟଣା ପ୍ରେସ କ୍ଳବ ସଭାପତି ଦିଲ୍ଲୀପ ଓଝା, ରମେଶ ରଥ, ଶିକ୍ଷାବିତ୍ ନବୀନ ବିଷ୍ଣୁରାଉ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପିଲା ମାନଙ୍କ ସ୍ବଚ୍ଛତା, ସ୍ୱାଦିଷ୍ଟ ଏବଂ ଭିଟାମିନ ରେ ଭରପୁର ଘରୋଇ ଖାଦ୍ୟ କିପରି ଦିଆଯାଇପାରିବ ଏହାକୁ ଲକ୍ଷ୍ୟରେ ରଖି ଅଞ୍ଚଳରେ ଏପରି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବିଦ୍ୟାଳୟର ଅଧକ୍ଷ ସୁବାସ ନାୟକ ସୂଚନା ଦେଇଛନ୍ତି। ଏହି ଷ୍ଟଲ୍ ରେ କୁନିକୁନି ଛାତ୍ରଛାତ୍ରୀ ଙ୍କ ଦ୍ବାରା ବିଭିନ୍ନ ପ୍ରକାର ଜଳଖିଆ ଖାଦ୍ୟ ଯେମିତିକି ଗଜାମୁଗ ବୁଟ ସାଲାଡ଼, ଫ୍ରୁଟ ସାଲାଡ଼, ମିଠାମକା, ପକୋଡା, ମଣ୍ଡା ପିଠା, ମାଣ୍ଡିଆ ଦ୍ବାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ତଥା ପାରମ୍ପରିକ ଖାଦ୍ୟ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ବିଚାରକ ମଣ୍ଡଳୀ ଭାବେ ଅଧ୍ୟାପକ ସତାପ ଉଦ୍ଦିନ୍ ଅହମ୍ମଦ, ଅଧ୍ୟାପକ ନାଥ ବିଶ୍ୱାଳ, ଅଧ୍ୟାପକ ଚିତ୍ତରଞ୍ଜନ ପଣ୍ଡା ଯୋଗ ଦେଇ କୃତି ଛାତ୍ରଛାତ୍ରୀ ଙ୍କୁ ଚୟନ କରିଥିଲେ। କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ମାନେ ଖାଦ୍ୟ ମେଳା ର ବିଭିନ୍ନ ଷ୍ଟଲ ବୁଲିବା ସହିତ ମନ୍ ପସନ୍ଦର ଖାଦ୍ୟ ଖାଇବାର ଭର ପୁର ଆନନ୍ଦ ଉପଭୋଗ କରିଥିଲେ।

# ଉତ୍ତର ଚିଲିକାରେ ବିଦେଶୀପକ୍ଷୀଙ୍କ କଳରାବ

## ଶିକାରୀଙ୍କ ପୁଷମାସ, ଫାସିଜାଲ, ନିଶା ଔଷଧ ପକ୍ଷୀଙ୍କୁ ମୃତ୍ୟୁଯନ୍ତାରେ ପକାଉଛି



**କଣାସ,୧୨।୧୨(ସଂଚାର ବ୍ୟୁରୋ):** ଶିତର ଆଗମନ ହେଲେ ଏସିଆ ମହାଦେଶର ସର୍ବବୃହତମ ହ୍ରଦ ନିଳାମ୍ବୁଚିଲିକାକୁ ପୃଥିବୀର ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ମାଇଲ ଅତିକ୍ରମ କରି ବିଭିନ୍ନ କିସମର ବିଦେଶୀ ପକ୍ଷୀ ପ୍ରତିବର୍ଷ ଆସିଥାଆନ୍ତି। ଚଳିତ ବର୍ଷ ମଧ୍ୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଚିଲିକାକୁ ଆସି ପହଞ୍ଚିଥିବା ବେଳେ ଚିଲିକାର ପକ୍ଷୀ ଅଭୟାର୍ଣ୍ୟ ଭାବେ ପରିଚିତ ନଳବଣରେ ଆସ୍ଥାନ ଜମାନ୍ତି। ନଳବଣରେ ଖାଦ୍ୟ ଅଭାବ ଯୋଗୁଁ ପକ୍ଷୀମାନେ ଚିଲିକାର ଉତ୍ତରନାଶି ବା ଦୟା ଓ ମକରାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଖାଦ୍ୟ ଅନେଷଣରେ ବୁଲୁଛନ୍ତି। ଉତ୍ତରନାଶିରେ ପ୍ରଚୁର ପରିମାଣର କଇଁଫୁଲ ଏବଂ କଲିକତିଦଳ ଥିବାରୁ କଇଁଫୁଲ କେଶର ଓ ଦଳରୁ ପୋକଜୋକ ଖାଇବା ପାଇଁ ଦିନକୁ ଦିନ ବିଦେଶୀ ପକ୍ଷୀମାନଙ୍କ ଭିଡ ଜମିବାରେ ଲାଗିଛି। ବାଲୁଗାଁ ପକ୍ଷୀସରୁକ୍ଷା ବିଭାଗ ପକ୍ଷରୁ ଚିଲିକା ମଧ୍ୟରେ ପକ୍ଷୀ ସୁରକ୍ଷା କଡାକଡି ଭାବେ କରାଯାଇଥିବା ବେଳେ ଉତ୍ତରନାଶିରେ ପକ୍ଷୀସୁରକ୍ଷା ବ୍ୟବସ୍ଥା ନ ଥିବାରୁ ବାହରର ଶିକାରୀମାନେ ଦୁରଦୁରାନ୍ତରୁ ଆସି ଚିଲିକାର ଉତ୍ତରନାଶି ଆଖପାଖ ଗ୍ରାମରେ ନିଜ ନଜିର ଯାନ ରଖି ସଂଧ୍ୟା ସମୟରେ ଛୋଟଛୋଟ ନୌକା ଦ୍ୱାରା ଚିଲିକା ମଧ୍ୟକୁ ପସି ମାଛମାରିବା ନାମରେ ଫାଇସିଜାଲ ବସାଇବା ସହିତ କାଇଁଫୁଲ କେଶରରେ ସିରିଞ୍ଜି ମାଧ୍ୟମରେ ନିଶାଯୁକ୍ତ ତରଳ ପଦାର୍ଥ୍ୟ ଦେଉଛନ୍ତି। ପକ୍ଷୀମାନେ ନିଶାଯୁକ୍ତ ଔଷଧ ଖାଇବା ପରେ ନିସ୍ତେଜ ହୋଇପଡ଼ିବା ଏବଂ ଫାଇସିଜାଲରେ ପଡୁଥିବା ପକ୍ଷୀମାନଙ୍କୁ ଧରି ଭୋରୁ ଭୋରୁ ନିଜର ଗନ୍ତବ୍ୟସ୍ଥଳକୁ ଫେରିଯାଉଛନ୍ତି। ଆଉ ମଧ୍ୟ କେତେକ ଆଖପାଖ ଗ୍ରାମବାସୀ କୂଳରେ ରହୁଥିବା ପକ୍ଷୀମାନଙ୍କୁ ଉପରକୁ ଉଜ୍ଜ୍ୱଳ ଆଲୋକ ପକାଇ ଠେଙ୍ଗା ସାହାର୍ଯର୍ୟରେ ବାଡେଇ ଧରିନେଉଛନ୍ତି। ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଉତ୍ତରନାଶିରେ କଡାକଡି ସୁରକ୍ଷା ବ୍ୟବସ୍ଥା କରିବାକୁ ପକ୍ଷୀ ପ୍ରେମିମାନେ ନିବେଦନ କରିଛନ୍ତି।

## ମନ୍ତ୍ରୀଙ୍କ ଦ୍ୱାରା ଆୟୁଷ୍ମାନ କାର୍ଡ଼ ବିତରଣ ସହ ବିଭିନ୍ନ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

**ଧାମନଗର,୧୨।୧୨ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପ୍ରକଳ୍ପ ଓ ନୂତନ ବସଷ୍ଟାଣ୍ଡ ଓ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିସହିତ ଭାରତ ଆୟୁଷ୍ମାନ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ଼ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା କାର୍ଡ଼ ଏନ ଏ ସି କାର୍ଯ୍ୟାଳୟ ପକ୍ଷରୁ ବଣ୍ଟନ କରାଯାଇଛି। ଏହି ଉତ୍ସବରେ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ମାନ୍ୟବର ମନ୍ତ୍ରୀ-ଉଚ୍ଚଶିକ୍ଷା,କ୍ରୀଡା ଓ ଯୁବ ସେବା,ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି,ଓଡିଶା ସରକାର ଶ୍ରୀମାନ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଖାପାଖି ୪୪ଟା ପ୍ରକଳ୍ପ ୩୧କୋଟିରୁ ଉର୍ଦ୍ଧ ବ୍ୟୟବରାଦରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ଆୟୁଷ୍ମାନ କାର୍ଡ଼ ଏବଂ ୫୦ଉର୍ଦ୍ଧ୍ୱ ନୂଆ ରାସନ କାର୍ଡ଼ ବଣ୍ଟନର ଶୁଭ ଆରମ୍ଭ କରିଛନ୍ତି।

## କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହର ଶିଳାନ୍ୟାସ କଲେ ବିଧାୟକ



**କୋରେଇ,୧୨।୧୨ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ୍ ଅନ୍ତର୍ଗତ ଧନେଶ୍ୱର ଛକ ଠାରୁ କୋରେଇ ମେଡିକାଲ ପର୍ଯ୍ୟନ୍ତ ଆଜି କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକଙ୍କୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ କର୍ମୀମାନେ ଶିଳାନ୍ୟାସ ସ୍ଥଳୀକୁ ପାଛୋଟି ନେଇଥିଲେ। ସେଠାରେ ବିଧାୟକ ଶ୍ରୀ ଦାସନାୟକ ପହଂଚି କୋରେଇ ମେଡିକାଲରେ ନୂତନ ଗୃହ ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଓଡିଶା ସରକାର ୧୪ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗ ନିର୍ମାଣ କରିବା ପାଇଁ ଦାୟିତ୍ୱ ନେଇଅଛି। ଏହି ପ୍ରକଳ୍ପ କୋରେଇ ବ୍ଲକର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁତ ଉନ୍ନତି ହେବ ବୋଲି ଜନସାଧାରଣରେ ଆଲୋଚନା ହେଉଛି। ଏହି ପ୍ରକଳ୍ପ ପାଇଁ କୋରେଇ ବ୍ଲକର ଅନେକ ପଞ୍ଚାୟତବାସୀ ଖୁସି ଥିବାର ଅନୁମାନ କରାଯାଉଅଛି। କୋରେଇ ବିକାଶରେ ଏହି ପ୍ରକଳ୍ପ ଆଜି ଆଉ ଏକ ପାଦ ଆଗକୁ ଯାଇଛି। ମାନ୍ୟବର ବିଧାୟକ ଶ୍ରୀ ଦାସନାୟକଙ୍କ ଏହି ପ୍ରଚେଷ୍ଟାକୁ କୋରେଇ ବ୍ଲକର ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ କହିଥିଲେ - ଆଗାମୀ ଦିନରେ କୋରେଇର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କରାଯିବାର ବ୍ୟବସ୍ଥା କରାଯାଉଅଛି।

### କୁଚବେହାର ଟ୍ରଫି କ୍ରିକେଟର ୪ର୍ଥ ଦିବସ

## କର୍ଣ୍ଣାଟକ ବିଜୟୀ, ଓଡ଼ିଶାର ଇଂନିସ ପରାଜୟ



**ବଲାଙ୍ଗିର,୧୨।୧୨(ସଂଚାର ବ୍ୟୁରୋ):** ଓଡ଼ିଶା କ୍ରିକେଟ ଏସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଓଡ଼ିଶା ବନାମ କର୍ଣ୍ଣାଟକ ୪ ଦିବସୀୟ କୁଚ ବେହାର ଟ୍ରଫି ଚତୁର୍ଥ ତଥା ଅନ୍ତିମ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିବସର ଖେଳ ରୁ ସଂଗୃହିତ ୭ ୱିକେଟ ବିନିମୟରେ ୨୧୧ ରନ୍ ରୁ ଆଜିର ଖେଳ ଆରମ୍ଭ କରି ଓଡ଼ିଶା ଆଜି ସମୁଦାୟ ୨୪୬ ରନ୍ ରେ ଅଲ ଆଉଟ ହୋଇଯାଇଥିଲେ। ଓଡ଼ିଶା ଦଳ ତରଫରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ ରନ୍ ଓ ସମ୍ବିଦ ବେଜ ୪୪ ରନ୍ ସଂଗ୍ରହ କରିଥିଲେ। କର୍ଣ୍ଣାଟକ ଦଳ ପକ୍ଷରୁ ସଫଳ ବୋଲର ଭାବରେ ରତନ ବି.ଆର. ସର୍ବାଧିକ ୧୪ଟି ୱିକେଟ ଏବଂ ଅକସଦ ପ୍ରଭାକର ୨ ଗୋଟି ୱିକେଟ ଅକ୍ତିଆର କରିଥିଲେ। ଫଳତଃ ୪ ଦିନ ବ୍ୟାପି ଚାଲିଥିବା ଏହି ଟ୍ରଫି କ୍ରିକେଟ ମ୍ୟାଚ କୁ କର୍ଣ୍ଣାଟକ ଦଳ ଏକ ଇନିଂସ ଏବଂ ୫୩ ରନ୍ ରେ ବିଜୟଲାଭ କରିଛି। ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତ୍ରୁଘନ ସିଂହ, କୋଷାଧ୍ୟକ୍ଷ ହେମନ୍ତ ବେହେରା, କ୍ରୀଡା ସମ୍ପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, ଓଡ଼ିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର, ଅରୁଣ କୁମାର ନାୟକ, ସ୍ୱାଗତ ଶୁଭଙ୍କର ତ୍ରିପାଠି, ମୁନସି ସୋରେନ, ଅମିତ ମଛଖଣ୍ଡ, ହୃଦୟ ଶବର, ସୁମନ୍ତ ଦାସ, ଜିତୁ କୁମାର ଦଲାଇ, ନରସିଂ ସ୍ୱାମୀ ନାଇଡୁ, ସୁଦୟ ବାରିକ, ସୁଧାଂଶୁ ସେଠ, ଦଶରଥ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଜାତୀୟ ଯୋଗାସନ ପ୍ରତିଯୋଗୀତା, ୭ ମନୋନୀତ

**ଦିଗପହଣ୍ଡି,୧୨।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମସ୍ଥିତ ଚିଦାନନ୍ଦ ସରସତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୨ ଦିନିଆ ରାଜ୍ୟସ୍ତରୀୟ ବାଳିକା ଯୋଗାସନ ପ୍ରତିଯୋଗିତା ୨୦୨୫-୨୬ ଉଦଯାପିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଆୟୋଜିତ ପ୍ରତିଯୋଗିତାରେ କଟକ, ପୁରୀ, ବଲାଙ୍ଗୀର, ବାଲେଶ୍ୱର ପ୍ରଭୃତି ବିଭିନ୍ନ ଜିଲାର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟର ୩୫ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଯୁକ୍ତ କ୍ରୀଡା ଶିକ୍ଷୟିତ୍ରୀ ଏଲିଜା ପଟ୍ଟନାୟକ ଏବଂ ନାନବାବୁ ଦୋରା ପରୀକ୍ଷକ ଭାବେ ଯୋଗଦେଇଥିବା ବେଳେ କ୍ରୀଡା ଶିକ୍ଷୟତ୍ରୀ ସସ୍ମିତା ପ୍ରଧାନ,ସବିତା କୁମାରୀ ପଣ୍ଡା,କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ଦାସ,ଏମ.ଗୋପାଳ ରେଡ୍ଡୀ ରେଫେରୀ ଭାବେ ଉପସ୍ଥିତ ରହି ଜାତୀୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତା ନିମନ୍ତେ ୭ ଛାତ୍ରୀଙ୍କୁ ମନୋନୀତ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରୋଧ ଅଭିଯାନ



**ସୁବର୍ଣ୍ଣପୁର,୧୨।୧୨(ସଂଚାର ବ୍ୟୁରୋ):** ରେଆର କାର୍ଯ୍ୟାଳୟ ଧୋବାମୁଣ୍ଡା ଠାରେ ଜିଲ୍ଲା ସ୍ତରୀୟ ଶିଶୁ ଶ୍ରମିକ ନିରୋଧ ଅଭିଯାନ (ସିଏସିଏଲ୍) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିଏସିଏଲ୍ରାଜ୍ୟ ଆବାହକ ସୁକାନ୍ତ ନାଏକ ଓ ପଶ୍ଚିମାଞ୍ଚଳ ଆବାହିକା ମିନୁକ୍ଷୀ ପୁରୋହିତ ଉପସ୍ଥିତ ରହି ଶିଶୁ ଅଧିକାର ଏବଂ ସିଏସିଏଲ୍ର ଆଗାମୀ ଯୋଜନା ଏବଂ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ସୁବର୍ଣ୍ଣପୁର ଜିଲ୍ଲା ର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା- ରେଆର, ଗ୍ରାମଥନ, ସିୟା (ବିଏମପୁର), ପ୍ରୟାସ (କମସାରା)ହେଲ୍ପ ଟୁ ଅଦର (ବିନିକା) ପ୍ରମୁଖ ଉପସ୍ଥିତି ରହି ସୁବର୍ଣ୍ଣପୁର ଜିଲ୍ଲାରେ ଶିଶୁ ମାନଙ୍କ ସହିତ ଜଡିତ ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ବୈଠକରେ ସର୍ବସମ୍ମତି କ୍ରମେ ଅନଙ୍ଗ ନେଗୀଙ୍କୁ ଜିଲ୍ଲା ଆବାହକ ଏବଂ ପ୍ରତାପ ପଧାନ ଙ୍କୁ ସହ ଆବାହକ ରୂପେ ଚୟନ କରାଗଲା ଏବଂ ଆସନ୍ତା ଦିନରେ ଜିଲ୍ଲା ଟାସ୍କ ଫୋର୍ସକୁ ନିୟମିତ କରିବା ଏବଂ ଶିଶୁ ସୁରକ୍ଷା କୁ ସୁନିଶ୍ଚିତ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନଙ୍ଗ ନେଗୀ ସ୍ୱାଗତ କରିବା ସହ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ପରିଶେଷରେ ପ୍ରତାପ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ୨୦ରୁ ସରିଆଁ ହାଇସ୍କୁଲର ରଜତ ଜୟନ୍ତୀ ସମାରୋହ



**ନର୍ଲା,୧୨।୧୨(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ସରିଆଁ ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଡିସେମ୍ବର ୨୦ ଓ ୨୧ ଦୁଇ ଦିନ ଧରି ପାଳିତ ହେବ। ଏନେଇ ପ୍ରସ୍ତୁତି ଜୋରଦାର ହୋଇଥିବା ପୁରାତନ ଶିକ୍ଷାର୍ଥୀ ସଂସଦର ସଭାପତି ଓମପ୍ରକାଶ ଛତ୍ରିଆ ସୂଚନା ଦେଇଛନ୍ତି। ପ୍ରଥମ ଦିବସରେ ମଶାଲ ଯାତ୍ରା, ଉଦଘାଟନୀ ସମାରୋହ, ଗୁରୁପୂଜନ, ବନ୍ଧୁମିଳନ, ସାନ୍ଧ୍ୟ ଅଧିବେଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ ନାଟକ ପରିବେଷିତ ହେବ। ସେହିପରି ଦ୍ୱିତୀୟ ଦିବସରେ ସମ୍ବର୍ଦ୍ଧନା ପର୍ବ, ଆଲୋଚନାଚକ୍ର, ଉଦଯାପନୀ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗୀତିନାଟ୍ୟ ଓ ସମ୍ବଲପୁରୀ ମେଲୋଡ଼ି ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହେବା ସହ ସ୍ମରଣିକା ଉନ୍ମୋଚନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପୁରାତନ ଶିକ୍ଷାର୍ଥୀ ସଂସଦର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏହି ସମାରୋହରେ ସମସ୍ତେ ଉପସ୍ଥିତ ରହିବାକୁ ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ରଘୁନାଥ ଦୀପ, ମନୋଜ ପଟ୍ଟନାୟକଙ୍କ ସମେତ ସଂସଦର କାର୍ଯ୍ୟକର୍ତ୍ତାମାନେ ବିଶେଷ ଅନୁରୋଧ କରିଛନ୍ତି।

## ଆଜି ଡିଷ୍ଟ୍ରିକ୍ ଆନୁଏଲ ଆଥଲେଟିକ ମିଟ୍



ସୁବର୍ଣ୍ଣପୁର :- ଆସନ୍ତା କାଲି ଠାରୁ ଦୁଇ ଦିନ ଆରମ୍ଭ ହେବାରୁ ଯାଉଛି ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ ଏନୁଏଲ ଏଥଲେଟିକ ମିଟ। ପ୍ରଥମେ ସକାଳ ୭.୩୦ ରେ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଜିଲ୍ଲା କ୍ରୀଡ଼ା ସଙ୍ଘ ଓ ଖେଳାଳୀ ଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଗାନ୍ଧୀ ପଡ଼ିଆକୁ ୯.୩୦ ରେ ପହଞ୍ଚିବା ପରେ କ୍ରୀଡା ସଙ୍ଘ ସଭାପତି ତଥା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଙ୍କ ଏହାକୁ ଉଦଘାଟନ କରିବେ ଏବଂ ଖେଳ ୧୦.୩୦ ରେ ଆରମ୍ଭ ହେବ। ଏ ନେଇ ଗଣ ମାଧ୍ୟମ ଜରିଆରେ ସବିଶେଷ ସୂଚନା ଦେଇଛନ୍ତି ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ପୀୟୂଷ କୁମାର୍ ପଣ୍ଡା। ଏହି ବାର୍ଷିକ କ୍ରୀଡା ଉତ୍ସବ ଡିସେମ୍ବର ୧୩ ଓ ୧୪ ଦୁଇ ଦିନ ବ୍ୟାପୀ ହେବାକୁ ଥିବାବେଳେ ବାଳକ ଓ ପୁରୁଷ ଖେଳାଳି ୪୪୯ ଜଣ ଅଂଶଗ୍ରହଣ କରିବାକୁ ଥିବାବେଳେ, ବାଳିକା ଓ ମହିଳା ଖେଳାଳି ୩୦୪ ଜଣ ଅଂଶଗ୍ରହଣ କରିବେ। ସର୍ବମୋଟ ୭୬୫ ଜଣ ଖେଳାଳି ଏହି ବାର୍ଷିକ କ୍ରୀଡାରେ ନାମ ପଞ୍ଜିକରଣ କରିଥିବା ସାମ୍ବାଦିକ ସମ୍ମିଳନୀ ମାଧ୍ୟମ ରେ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ପୀୟୂଷ କୁମାର୍ ପଣ୍ଡା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡା ସଂଘ ଉପ ସଭାପତି ଚିତ୍ତରଞ୍ଜନ ତରାସିଆ, କାର୍ଯ୍ୟକାରିଣୀ ସଦସ୍ୟ ବି.ସତ୍ୟ ନାରାୟଣ ରାଓ, ଦିଲ୍ଲୀପ ଗୁରୁ, କମଳାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ଜିଲ୍ଲା କ୍ରୀଡା ସଂଘ ର ବରିଷ୍ଠ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଦିଗାମ୍ବର ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କଲେ ସାଧାରଣ ଜନତା

### ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଜିଲ୍ଲାର ଯେଉଁ ସୁନାମ ଅଛି ତାହାର ପ୍ରମାଣ ଦେଖେଇଲେ



**ସୁବର୍ଣ୍ଣପୁର,୧୨।୧୨(ସଂଚାର ବ୍ୟୁରୋ):** ଦୀର୍ଘ ୪୨ ବର୍ଷ ଧରି ସିବିଆଇ ମାଲଖାନାରେ ଥିବା ସୁବର୍ଣ୍ଣପୁର ସହରର ଅସ୍ମିତାର ପ୍ରତୀକ ଶ୍ରୀ ଗୋପାଳଜୀ ମହାପ୍ରଭୁଙ୍କୁ ଉଦ୍ଧାର କରି କୋର୍ଟ ପରିସରରେ ପୂଜାର୍ଚ୍ଚନା କରାଇ ପ୍ରଭୁଙ୍କ ଆଶିର୍ବାଦରୁ ଗତକାଲି ରାତିରେ ସୋନପୁର ସ୍ଥିତ ଜିଲ୍ଲା କୋଷାଗାରକୁ ପହଞ୍ଚାଇଥିଲେ ଜିଲ୍ଲାପାଳ ଡ଼. ନୃପରାଜ୍ ସାହୁ ଓ ଉପ-ଜିଲ୍ଲାପାଳ ଡ଼. ସୌମ୍ୟାରୂପା ରଥ। ଏହି ଖୁସୀ ଓ ଚମତ୍କାର ଖବର ଗତକାଲି ସନ୍ଧ୍ୟାରେ ଜିଲ୍ଲା ତଥା ରାଜ୍ୟ ସାରା ସୁଦୂର ପ୍ରଚାର ପ୍ରସାର ହୋଇଥିବା ବେଳେ ଆଜି ଦିବା ୧ ଘଣ୍ଟା ବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଭୁବନେଶ୍ୱରରୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଅଫିସରେ ପହଞ୍ଚିବା ପରେ ସହରବାସୀ ଓ ପ୍ରଶାସନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲାପାଳ ଡ଼. ସାହୁ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ସାମ୍ବାଦିକ ଙ୍କୁ ସମ୍ବୋଧନ କରି କହିଲେ ଯେ, ମହାପ୍ରଭୁ ଙ୍କୁ ସିବିଆଇ କୋର୍ଟ ପାଖରୁ ଗ୍ରହଣ ଓ ଦର୍ଶନ ପରେ ଆତ୍ମ ବିଭୋର ହୋଇ ପଡ଼ିଥିଲୁ। ପ୍ରଭୁଙ୍କ ଆଶିର୍ବାଦରୁ ଏହା ଜୀବନର ସବୁଠୁ ବଡ ସୌଭାଗ୍ୟ ଓ ସଫଳତା ବୋଲି ଅନୁଭବ କଲୁ। ନ୍ୟାୟାଳୟର ସମ୍ପୂର୍ଣ୍ଣ ସହଯୋଗରେ ଏହି ସଫଳତା ମିଳିଲା ବୋଲି ଡ଼. ସାହୁ ମତ ରଖିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବାରୁ ସିବିଆଇ ସ୍ପେସାଲ କୋର୍ଟର ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଜଜ୍ ବିନୋଦ ବିହାରୀ ସାହୁ ଏବଂ ଭୁବନେଶ୍ୱର ଏଡିଜେ-୩ କୋର୍ଟ ବିଚାରପତି ହିମାଂଶୁ ଶେଖର ମଲ୍ଲିକ, ପିପି ପ୍ରକାଶ ମିଶ୍ର, ଅଭିଳାଷଙ୍କୁ ଏବଂ ଜିଲ୍ଲା ପୋଲିସ ଓ ଜିଲ୍ଲା ପ୍ରଶାସନକୁ ଓ ଉପ ଜିଲ୍ଲାପାଳ ଡ଼. ରଥ ଙ୍କୁ ସୁବର୍ଣ୍ଣପୁର ସହରବାସୀ ତଥା ଜିଲ୍ଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି।

## ବରିଷ୍ଠ ସାମ୍ବାଦିକ ବାବୁଲାଲ ଅଗ୍ରୱାଲାଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ



**ବେତନଟୀ,୧୨।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ପ୍ରତିଷ୍ଠାତା ତଥା ଜିଲ୍ଲାର ଜଣେ ବରିଷ୍ଠ ସାମ୍ବାଦିକ ସମାଜସେବି ସଙ୍ଗଠକ ବାବୁଲାଲ ଅଗ୍ରୱାଲା ଙ୍କ ର ୨୮ ତମ ଶ୍ରାଦ୍ଧ ବାର୍ଷିକ ବେତନଟୀ ବଣିକ ସଂଘ ପରିସରରେ ବେତନଟୀ ର ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ବେତନଟୀ ପ୍ରେସ କ୍ଲବ ବେତନଟୀ ସିଭିଲ ସୋସାଇଟି ବେତନଟୀ ସିଟିଜେନ ଫୋରମ ବେତନଟୀ ବ୍ଲକ ମାନବଧିକାର ମିଶନ ସମେତ ମୟୂର ସାହିତ୍ୟ ସଂସଦ ବେତନଟୀ ଅବସର ପ୍ରାପ୍ତ କର୍ମଚାରୀ ସଂଘର ସୌଜନ୍ୟରେ ଏହା ପାଳିତ ହେବା ସହିତ ବହୁ ବରିଷ୍ଠ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱର୍ଗତ ଅଗ୍ରୱାଲା ଙ୍କ ର ସ୍ମୃତିଚାରଣ କରିବା ସହିତ ତାଙ୍କର ସମାଜ ସେବା ପ୍ରତି ଥିବା ଅବଦାନ ଅନନ୍ୟ ଥିଲା ବୋଲି ଆଲୋକପାତ କରିଥିଲେ।

### ବୈଶିଙ୍ଗା ଓଭରବ୍ରିଜ୍ ଦୁର୍ଘଟଣା ସ୍ଥଳ ପାଲଟିଛି

# ଦ୍ୱିତୀୟ ଓଭରବ୍ରିଜର ଆବଶ୍ୟକତାକୁ ଅଣଦେଖା



**ବୈଶିଙ୍ଗା,୧୨।୧୨(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ୧୮ ନଂ ଜାତୀୟ ରାଜପଥ କୁ ଚାରିଥାକିଆ କରିବା ପାଇଁ ବର୍ଷ ବର୍ଷ ସର୍ଭେ ହେଲା। ବାଲେଶ୍ୱର ଜିଲ୍ଲାର ନହରପାଟଣା ଠାରୁ ଝାରପୋଖରିଆ ପର୍ଯ୍ୟନ୍ତ ୮୨ କିଲୋମିଟର ରାସ୍ତାରେ କେତେ ପୋଲ ହେବ, କେତେ ଉଡନ୍ତା ପୋଲ ହେବ, କେତେ ବସଷ୍ଟାଣ୍ଡ ନିର୍ମାଣ ହେବ, କେତୋଟି ଉଡନ୍ତା ପୋଲ ନିର୍ମାଣ ହେବ ସେ ନେଇ ସର୍ଭେ ହେଲା। ଗାଡି ମୋଟର ସହଜ ଚଳାଚଳ ପାଇଁ ବଙ୍କା ରାସ୍ତାକୁ ସିଧାସଳଖ କରିବା ପାଇଁ ଦରକାର ପଡ଼ିଲେ ରାଜପଥ ବିଭାଗର ନିଜସ୍ୱ ଜମି ବାହାରେ ଜମି କ୍ରୟ କରାଯିବ। ମାତ୍ର କାମ ହେଲା ଓଲଟା, ବୈଶିଙ୍ଗା ବଜାର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ୨୦୦ ମିଟର ବ୍ୟବଧାନରେ ଦୁଇଟି ସ୍ଥାନରେ ଦୁଇଟି ଗଳାପୋଲ ନିର୍ମାଣ ର ସିଦ୍ଧାନ୍ତ ଦିଆଯାଇଥିଲା। ଠାକୁରମୁଣ୍ଡା-ବରହମପୁର ରାସ୍ତାଟି ୬୦ନଂ ଜାତୀୟ ରାଜପଥ ସହିତ କୋଲକାତାକୁ ସଂଯୋଗ କରୁଛି। ଏଥିପାଇଁ ନିର୍ମାଣାଧନ ଉଡନ୍ତା ପୋଲର ୨୦୦ମିଟର ବ୍ୟବଧାନରେ ବୈଶିଙ୍ଗା ଠାରେ ଦୁଇଟି ଗଳାପୋଲ ନିର୍ମାଣ କରାଯିବାର ସର୍ଭେ କରାଯାଇଥିଲା। ମାତ୍ର ଠିକାଦାରୀ ନେଇଥିବା ବେକ ବୋନ୍ କମ୍ପାନୀ ଏବଂ ନିର୍ମାଣକାରୀ ସଂସ୍ଥା ଆଇରନ୍ ଟ୍ରାଙ୍ଗଲ୍ର ଅଧିକାରୀମାନେ ସାଧାରଣ ଲୋକଙ୍କ କଥା ନ ଶୁଣି ନିଜ ଇଚ୍ଛାରେ ଉଡନ୍ତା ପୋଲର ମଝିରେ ଗୋଟିଏ ଗଳା ପୋଲ ନିର୍ମାଣ କରିଦେଲେ। ଫଳରେ ଠାକୁରମୁଣ୍ଡା - ବରହମପୁର ରାସ୍ତାର ଗାଡିଗୁଡିକ ରାଜପଥ ପାରି ହେବା ପାଇଁ ଉଭୟ ପଟୁ ନିଜ ନିଜ ଡାହାଣ ପଟକୁ ଭୁଲ୍ ରାସ୍ତାରେ ଯିବା ଦ୍ୱାରା ଅଧିକାଂଶ ସମୟରେ ଦୁର୍ଘଟଣାର ଶୀକାର ହେବା, ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହିବା ଦ୍ୱାରା ବାଲେଶ୍ୱର - ବାରିପଦା ରୁ ଯାତ୍ରୀବାହୀ ବସଗୁଡିକ ହଇରାଣ ହେବା ନୀତିଦିନିଆ ଘଟଣା ପାଲଟିଛି।

● ଆଦିବାସୀ ପିଲାଙ୍କ ସ୍ୱପ୍ନ ପୂରଣ ହେବ

## ସିଭିଲ ସର୍ଭିସ ଆଶାୟୀ ଶିକ୍ଷିତ ଆଦିବାସୀଙ୍କ ପାଇଁ ମାଗଣା କୋଚିଂ ପାଠ୍ୟକ୍ରମ ଆରମ୍ଭ ପାଇଁ ପ୍ରସ୍ତୁତି

**ବାରିପଦା,୧୨।୧୨(ସଂଚାର ବ୍ୟୁରୋ):** ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି ଆଦିବାସୀ ପିଲାଙ୍କ ଆଇ.ଏ.ଏସ. /ଓ.ଏ.ଏସ. ହେବାର ସ୍ୱପ୍ନ। ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଏକ ଅଭିନବ ପ୍ରୟାସ ଆସ୍ପାୟର ଯୋଜନା ମାଧ୍ୟମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ବାରିପଦା ପକ୍ଷରୁ ମାଗଣା କୋଚିଂ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଠାରେ ପଞ୍ଜୀକୃତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଭାରତୀୟ ପ୍ରଶାସନିକ /ଓଡିଶା ପ୍ରଶାସନିକ ପରୀକ୍ଷାରେ ସଫଳ ହେବା ପାଇଁ ଭୁବନେଶ୍ୱରସ୍ଥିତ ସିଭିଲ ସର୍ଭିସ କୋଚିଂ ଅନୁଷ୍ଠାନ ଶୁଭ୍ରା ରଞ୍ଜନ ଆଇ ଏ ଏସ ଇନଷ୍ଟିଚ୍ୟୁଟ ଦ୍ୱାରା ଶିକ୍ଷାଦାନ କରାଯିବ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଡିଗ୍ରୀ ହାସଲ କରିଥିବା ଆଶାୟୀ ଛାତ୍ରଛାତ୍ରୀଏଥିରେ ଭାଗ ନେଇ ପାରିବେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତମ ରୂପେ ପ୍ରଶିକ୍ଷଣ ଦିଆଯାଇ ଆବଶ୍ୟକ ପାଠ୍ୟପୁସ୍ତକ ମଧ୍ୟ ପ୍ରଦାନ କରାଯିବ। ଏଥିପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆଇଟିଡିଏ ବାରିପଦା କାର୍ଯ୍ୟାଳୟକୁ ଆସି ଫର୍ମ ଦାଖଲ କରି ପାରିବେ। ଏଥିସହ ଏସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଦୂରଭାଷ:- ୯୮୬୧୧୬୦୫୦୧, ୯୯୩୭୦୬୫୫୯୬, ୯୮୫୩୩୦୦୦୪୧, ୬୩୭୦୪୯୧୮୫୯, ୭୮୭୮୭୭୨୩୩୬ ରେ ଆଇଟିଡିଏ ବାରିପଦା କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ।

ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପରୋକ୍ତ କାର୍ଯ୍ୟଳୟକୁ ଆସି ଅବିଳମ୍ବେ ଫର୍ମ ଦାଖଲ କରିବାକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସୂଚନା ଜାରି କରାଯାଇଛି।

## ଶିଶୁବିଦ୍ୟା ମନ୍ଦିରରେ ସପ୍ତଶକ୍ତି କାର୍ଯ୍ୟକ୍ରମ



**ତାଲଚେର,୧୨।୧୨(ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ତାଲଚେର ବ୍ରାହ୍ମଣୀ ବିହାରର ମାତୃଭାରତୀ ଓ ବିଦ୍ୟାଳୟର ଅଭିଭାବିକା ମାନଙ୍କୁ ନେଇ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁସାରେ 'ସପ୍ତଶକ୍ତି ସଂଗମ' କାର୍ଯ୍ୟକ୍ରମ ତା୧୦/୧୨/୨୦୨୫ ବୁଧବାର ଦିନ ୩ ଘଟିକା ସମୟରେ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ୨୩୦ ଜଣ ମାଆ ଭାଗନେଇଥିଲେ। ମୂଖ୍ୟ ଅତିଥି ଭାବରେ ପୂର୍ବତନ ଶିକ୍ଷୟିତ୍ରୀ ପଙ୍କଜିନୀ ସାହୁ ଓ ମୁଖ୍ୟ ବକ୍ତା ଭାବେ ମମିତା ବେହେରା ଶିକ୍ଷା ବିକାଶ ସମିତି ଓଡିଶା ଅନୁଗୋଳ ବିଭାଗର ବିଭାଗ ଶିଶୁବାଟିକା ପ୍ରମୁଖ ତଥା (ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେଉଳବେଡା କୋଲିୟରୀ ର ଗୁରୁମା), ମାଆ ମାନଙ୍କ ମଧ୍ୟରେ ସାତୋଟି ଶକ୍ତି ସପ୍ତଶକ୍ତିର ମିଶ୍ରଣ ବା ସଂଗମ ରହିବା ଦରକାର (୧.କିର୍ତ୍ତୀ ୨.ଶ୍ରୀ ୩. ବାକ୍ ୪. ସ୍ମୃତି ୫. ମେଧା ୬. ଧୃତି ୭. କ୍ଷମା) ଉଦ୍ ବୋଧନ ମାଧ୍ୟମରେ ଜଣାଇଥିଲେ। ବିଦ୍ୟାଳୟର ବରିଷ୍ଠ ଗୁରୁମା ରଶ୍ମିତ ରାଣୀ ଶତପଥି ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ।